CMYK

• Vol.- 45, Issue No. 319
• Thursday, 19 February 2026
• ଗୁରୁବାର, ୧୯ ଫେବୃଆରୀ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ମାତ୍ର ୭ ମିନିଟ ଚାଲିଲା ଗୃହ

## ● ଧାନମଣ୍ଡି ସମସ୍ୟା, ଧାନକିଣା ଅନିୟମିତତା ଓ ଅନ୍ୟ ସମସ୍ୟା

ଭୁବନେଶ୍ୱର, ୧୮।୨(ନିପ୍ର):ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ହଟ୍ଟଗୋଳ କରିଛନ୍ତି । ଏହି କାରଣରୁ ବଜେଟ ଅଧିବେଶନର ଦ୍ୱିତୀୟ ଦିବସର ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ ଓ ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ବାଚସ୍ପତି ଗୃହକୁ ପ୍ରଥମେ ୧୧.୩୦ ଯାଏ ଓ ପରେ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଛନ୍ତି । ଦିନ ତମାମ୍ ୩ ଥର ହୋଇଥିଲା ମୁଲତବୀ। ମାତ୍ର ୭ ମିନିଟ ଚାଲିଥିଲା ଗୃହ କାର୍ଯ୍ୟ। ରାଜ୍ୟପାଳଙ୍କ ବଜେଟ୍ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଜି ଏବଂ ଆସନ୍ତାକାଲି ଗୃହରେ ଆଲୋଚନା ହେବାର ଥିଲା। ହେଲେ ପ୍ରଥମରୁ ବିରୋଧୀ ସଦସ୍ୟମାନେ ଗୃହରେ ଧାନ ରଖି ହଟ୍ଟଗୋଳ କରିଥିଲେ। ବାଚସ୍ପତି ପୋଡ଼ିୟମ ପାଖକୁ ଆସିବା କ୍ଷଣି ବିରୋଧୀ ଦଳ ଧାନ ଓ ପ୍ଲା କାର୍ଡ ଧରି ହଟ୍ଟଗୋଳ କରିଥିଲେ।

ଆଜି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ମାତ୍ର ବିଧାନସଭା ଆରମ୍ଭରୁ



### ■ ଧାନ ଥୋଇ ବିରୋଧୀଙ୍କ ହଟ୍ଟଗୋଳ
### ■ ଚାଲିପାରିଲାନି ଶୂନ୍ୟକାଳ,୩ ଥର ମୁଲତବୀ

ବିରୋଧୀଙ୍କ ପକ୍ଷରୁ ପ୍ରବଳ ହଟ୍ଟଗୋଳ କରାଯାଇଥିଲା । ଧାନମଣ୍ଡି ସମସ୍ୟା, ଧାନକିଣାରେ ଅନିୟମିତତା ଓ ଚାଷୀ ମାନଙ୍କର ଅନ୍ୟ ସମସ୍ୟାକୁ ନେଇ ନେଇ ବିଜେଡି ଓ କଂଗ୍ରେସର ବିଧାୟକମାନେ ପ୍ରତିବାଦ କରିଥିଲେ । ସେମାନେ ଏହି ପ୍ରସଙ୍ଗରେ ନାରାବାଜି ସହ ଗୃହରେ ଧାନ ରଖି ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା । ବିଜେଡି ବିଧାୟକ ଧାନ ଆଣି ଗୃହକୁ ଆସିଥିଲେ ଓ ରିପୋର୍ଟର ଟେବୁଲ ଉପରେ ଧାନ ଥୋଇ ପ୍ରତିବାଦ ଜଣାଇଲେ । ସେମାନଙ୍କ ହାତରେ ବ୍ୟାନର ମାନ ଥିଲା ଯେଉଁଥିରେ ବିଭିନ୍ନ ପ୍ରକାର ସରକାର ବିରୋଧୀ ସ୍ଲୋଗାନ ମାନ ଲେଖା ଯାଇଥିଲା । ବାଚସ୍ପତି ସୁରମା ପାଢୀ ହଟ୍ଟଗୋଳ କରୁଥିବା ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ବିଧାୟକଙ୍କ ଉପରେ ପଡି ନ ଥିଲା । ଫଳରେ ବାଚସ୍ପତି ସୁରମା ପାଢୀ ଗୃହକୁ ୧୧.୩୦ ଯାଏଁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲା ମାତ୍ରେ ସେହି ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା । ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ଚାଷୀମାନଙ୍କ ସମସ୍ୟାକୁ ନେଇ ପୁଣି ଥରେ ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ । ସେମାନଙ୍କ ହାତରେ ବ୍ୟାନର ରହିଥିଲା । ସେମାନେ ନାରାବାଜି କରି ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ । ବାଚସ୍ପତି ସୁରମା ପାଢୀ ହଟ୍ଟଗୋଳ କରୁଥିବା ବିଧାୟକ ମାନଙ୍କୁ ପୁଣି ଥରେ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ପରେ ଗୁରୁବାର ପର୍ଯ୍ୟନ୍ତ ମୁଲତବୀ ରହିଥିଲା।

ଇନପୁଟ ସହାୟତା ନେଇ

# ଟଣାଓଟରା

● ୮୦୦ ବଦଳରେ କାହିଁକି ଦେଉଛନ୍ତି ୭୩୧ଟଙ୍କା: ବିଜେଡି
● ବିରୋଧୀ କେବଳ ରାଜନୀତି କରୁଛନ୍ତି: ବିଜେପି

ଭୁବନେଶ୍ୱର, ୧୮।୨(ନିପ୍ର): ଇନ୍‌ପୁଟ ସହାୟତା ରାଶିକୁ ନେଇ ଯୋଗାଣ ମନ୍ତ୍ରୀଙ୍କ ଲିଖିତ ଉତ୍ତର ପରେ ତେଜିଛି ରାଜନୀତି । ୮୦୦ ବଦଳରେ କାହିଁକି ୭୩୧ଟଙ୍କା ଦେଉଛନ୍ତି ସରକାର । ଘୋଷଣା କରିଥିଲେ ୮୦୦ ଟଙ୍କା ଇନପୁଟ ସହାୟତା ରାଶି ଦେବେ । କିନ୍ତୁ ଦେଉଛନ୍ତି ୭୩୧ ଟଙ୍କା । କାହିଁକି ଚାଷୀଙ୍କୁ ଠାରୁ ୬୯ ଟଙ୍କାରୁ ବଞ୍ଚିତ କରୁଛନ୍ତି ବୋଲି ପ୍ରଶ୍ନ କଲା ବିଜେଡ଼ି । ସେଥିପାଇଁ ଚାଷୀ ଆନ୍ଦୋଳନ ତେଜୁଛି । ଆମେ ବିଧାନସଭାରେ ପ୍ରତିବାଦ କରୁଛୁ ବୋଲି କହିଛନ୍ତି ବିଜେଡ଼ି ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ସେପଟେ ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ଯେ,ଯିଏ ୧୦୦ ଟଙ୍କା ଘୋଷଣା କରି ଦେଇନଥିଲେ, ସେମାନେ କେଉଁ ମୁହଁରେ ୮୦୦ ଟଙ୍କା କଥା କହୁଛନ୍ତି । ଆମେ ନିର୍ବାଚନ ବେଳେ ୩୧୦୦ ଟଙ୍କାଦେବୁ ବୋଲି କହିଥିଲୁ, ଆଉ ଦେଉଛୁ । ଚାଷୀ ଖୁସି ଅଛନ୍ତି । ବିରୋଧୀ କେବଳ ରାଜନୀତି କରୁଛନ୍ତି ।

## ଧାନକିଣା ତଥ୍ୟ ଜାରି କଲେ ସରକାର

### ମଣ୍ଡିକୁ ଆସିଛି ୫୯ ଲକ୍ଷ ୯୨ ହଜାର ୮୬୪ ମେଟ୍ରିକ ଟନ

ଭୁବନେଶ୍ୱର,୧୮।୨(ନିପ୍ର): ବୁଧବାର ସୁଦ୍ଧା ଧାନ କିଣା ତଥ୍ୟ ଜାରି କରିଛନ୍ତି ରାଜ୍ୟ ସରକାର। ବର୍ତ୍ତମାନ ସୁଦ୍ଧା ମଣ୍ଡିକୁ ଆସିଛି ୫୯ ଲକ୍ଷ ୯୨ ହଜାର ୮୬୪ ମେଟ୍ରିକ ଟନ । ୫୯ ଲକ୍ଷ ୭୩ ହଜାର ୫୫୨ ମେଟ୍ରିକ ଧାନକିଣା ହୋଇଥିବା ବେଳେ ୫୮ ଲକ୍ଷ ୬ ହଜାର ୪୩୨ ମେଟ୍ରିକ ଟନ ଧାନ ଉଠା ହୋଇଛି । ୧ ଲକ୍ଷ ୯୪ ହଜାର ୮୪୬ ମେଟ୍ରିକ ଟନ ଧାନ ମଣ୍ଡିରେ ପଡି ରହିଛି । ଏବେ ୧୩ ଲକ୍ଷ ୯୦ ହଜାର ୯୭୮ ଚାଷୀ ଧାନ ବିକ୍ରି କରିସାରିଛନ୍ତି । ଧାନ ବାବଦକୁ ଚାଷୀଙ୍କ ଆକାଉଣ୍ଟକୁ ଯାଇଛି ୪ହଜାର ୪୫ କୋଟି ଟଙ୍କାର ଇନପୁଟ ସବସିଡି ସହ ଏମଏସପି ବାବଦକୁ ୧୩ ହଜାର ୧୧୦ କୋଟି ଟଙ୍କା ଯାଇଛି ।

ବାଜିଲା ବିଗୁଲ

# ୧୬ରେ ରାଜ୍ୟସଭା ନିର୍ବାଚନ

● ଓଡ଼ିଶାର ୪ ସାଂସଦଙ୍କ କାର୍ଯ୍ୟକାଳ ସରିବ ଏପ୍ରିଲ ୨ ରେ
● ୧୦ ରାଜ୍ୟର ୩୭ ରାଜ୍ୟସଭା ପଦବୀର ହେବ ନିର୍ବାଚନ

ନୂଆଦିଲ୍ଲୀ,୧୮।୨(ପିଆଇବି): ଆସନ୍ତା ଏପ୍ରିଲ ମାସରେ ୧୦ଟି ରାଜ୍ୟରେ ୩୭ଜଣ ରାଜ୍ୟସଭା ସଦସ୍ୟଙ୍କର କାର୍ଯ୍ୟକାଳ ଶେଷ ହେଉଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ୪ ଜଣ ରାଜ୍ୟସଭା ସଦସ୍ୟ ରହିଛନ୍ତି । ସେମାନେ ହେଲେ ମମତା ମହନ୍ତ, ମୁଜୀବୁଲ୍ଲା ଖାନ, ସୁଜୀତ କୁମାର, ନିରଞ୍ଜନ ବିଶି। ସେମାନଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ୍ ୨ ତାରିଖରେ ଶେଷ ହେବ। ଏହାବ୍ୟତୀତ ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ଟି, ପଶ୍ଚିମବଙ୍ଗର ୫ଟି, ଆସାମର ୩ଟି, ବିହାରର ୫ଟି, ତେଲେଙ୍ଗାନା, ଛତିଶଗଡ଼ ଓ ହରିୟାଣାର ୨ଟି ଲେଖାଏଁ ଏବଂ ହିମାଚଳ ପ୍ରଦେଶର ଗୋଟିଏ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। ବର୍ତ୍ତମାନ ନିର୍ବାଚନ ଆୟୋଗ ଏସବୁ ପଦବୀ ଲାଗି ନିର୍ବାଚନ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟସଭା ନିର୍ବାଚନ ଲାଗି ଆସନ୍ତା ୨୬ ଫେବୃଆରୀ ୨୦୨୬ (ଗୁରୁବାର) ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ଦାଖଲର ଶେଷ ତାରିଖ ୫ ମାର୍ଚ୍ଚ ୨୦୨୬ (ଗୁରୁବାର) ଧାର୍ଯ୍ୟ କରାଯାଇଛି। ୬ ମାର୍ଚ୍ଚ ୨୦୨୬ (ଶୁକ୍ରବାର) ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ପ୍ରାର୍ଥୀମାନେ ୯ ମାର୍ଚ୍ଚ ୨୦୨୬ (ସୋମବାର) ସୁଦ୍ଧା ସେମାନଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ରାଜ୍ୟସଭା ନିର୍ବାଚନ ଲାଗି ମତଦାନ ୧୬ ମାର୍ଚ୍ଚ ୨୦୨୬ (ସୋମବାର) ଅନୁଷ୍ଠିତ ହେବ।

## ଭାଲୁ ମୁହଁରୁ ସ୍ୱାମୀଙ୍କୁ ବଞ୍ଚାଇଲେ ପତ୍ନୀ

କରଞ୍ଜିଆ,୧୮।୨: ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ଭାଲୁ ସହ ଜଣେ ସାହସିନୀ ମହିଳା ଏଭଳି ଲଢିଥିଲେ ଯେ ଆକ୍ରମଣରେ ଭାଲୁ ଆହତ ହୋଇ ଜଙ୍ଗଲ ଭିତରକୁ ଚାଲିଯାଇଛି । ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ମିଲୁ ଗ୍ରାମରୁ ଏହି ଖବର ଆସିଛି ।ସୂଚନା ଅନୁଯାୟୀ, କରଞ୍ଜିଆ ମିଲୁ ଗ୍ରାମର ମାଲଦେ ସୋରେନ ଓ ତାଙ୍କ ସ୍ତ୍ରୀ ଲିଲି ସୋରେନ ହାତୀସାଲବେଡା ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା ବେଳେ ୬ ଟି ଜଙ୍ଗଲୀ ଭାଲୁ ହାବୁଡ଼ରେ ପଡି ଯାଇଥିଲେ । ପତ୍ର ତୋଳୁଥିବା ସମୟରେ ଗୋଟିଏ ଭାଲୁ ମାଲଦେ ସୋରେନ ଉପରେ ଅତର୍କିତ ଆକ୍ରମଣ କରିଥିଲା । ଭାଲୁ ନିକଟରୁ ବର୍ତ୍ତିବାପାଇଁ ଉଭୟ ସ୍ୱାମୀ ସ୍ତ୍ରୀ ଲଢେଇ କରିଥିଲେ । ଶେଷରେ ସ୍ତ୍ରୀ ଲିଲି ସୋରେନ ଏକ ଟାଙ୍ଗିଆ ସାହାଯ୍ୟରେ ଭାଲୁକୁ ପ୍ରତି ଆକ୍ରମଣ କରିବାରୁ ଭାଲୁଟି ଆହତ ହୋଇ ମାଲଦେ ସୋରେନକୁ ଲହୁଲୁହାଣ କରି ଜଙ୍ଗଲ ଭିତରକୁ ଚାଲିଯାଇଥିଲା ।

## ସତ୍ୟ ଆଧାରିତ ଜ୍ଞାନ ପୂର୍ଣ୍ଣତା ଦିଏ: ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ, ୧୮।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସଂସ୍କୃତରେ ଏକ ସୁଭାଷିତ ସହଭାଗିତା କରି ସମଗ୍ର ଏବଂ ବୈଜ୍ଞାନିକ ଆଧାରିତ ଜ୍ଞାନର ଗୁରୁତ୍ୱ ଉପରେ ଜୋର୍ ଦେଇଛନ୍ତି । ସେ କହିଛନ୍ତି ଯେ, ଏପରି ସମଗ୍ର ଓ ସତ୍ୟାଧାରିତ ଜ୍ଞାନ ବ୍ୟକ୍ତିଙ୍କୁ ପୂର୍ଣ୍ଣତା, ସ୍ୱଷ୍ଟତା ଏବଂ ସତ୍ୟର ସର୍ବୋଚ୍ଚ ଅନୁଭୂତି ଦିଗରେ ନେଇଯାଏ । ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ପ୍ରାଚୀନ ସଂସ୍କୃତ ଶ୍ଲୋକ ଉଦ୍ଧୃତ କରିଛନ୍ତି—"ଜ୍ଞାନଂ ତେହଂ ବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।ଯଜ୍ଜ୍ଞାତ୍ୱା ନେହ ଭୂୟୋନ୍ୟଜ୍ଜ୍ଞାତବ୍ୟମବଶିଷ୍ୟତେ। "ଏହି ଶ୍ଲୋକ ଜ୍ଞାନ ଓ ବିଜ୍ଞାନ—ଅର୍ଥାତ୍ ସାଧାରଣ ସୂତ୍ରଗତ ବୁଝାମଣା ଏବଂ ତାହାର ପ୍ରାୟୋଗିକ ପ୍ରୟୋଗ—ଉଭୟର ସମଗ୍ରତାକୁ ଗୁରୁତ୍ୱ ଦେଇଥାଏ ।ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଥିଲେ ଯେ, ଯେତେବେଳେ ବ୍ୟକ୍ତି ସମ୍ପୂର୍ଣ୍ଣ ଓ ପ୍ରମାଣିତ ଜ୍ଞାନ ଅର୍ଜନ କରେ, ସେତେବେଳେ ତାଙ୍କ ପାଇଁ ଜାଣିବାକୁ କିଛି ଅବଶିଷ୍ଟ ରହେନାହିଁ ଏବଂ ସେ ସତ୍ୟର ସର୍ବୋଚ୍ଚ ସ୍ତରକୁ ପ୍ରାପ୍ତ କରେ। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତାରେ ଶିକ୍ଷା, ଗବେଷଣା ଏବଂ ନବାଚାର କ୍ଷେତ୍ରରେ ସମଗ୍ର ଦୃଷ୍ଟିକୋଣ ଆପଣାଇବା ପାଇଁପ୍ରେରଣା ଦେଇଥାଏ।

# ଆଜିଠୁ ମାଟ୍ରିକ ପରୀକ୍ଷା

### ୫ଲକ୍ଷ ୬୧ହଜାର ଛାତ୍ରଛାତ୍ରୀଙ୍କ ପାଇଁ ୩୦୮୨ କେନ୍ଦ୍ର

● ସକାଳ ୯ଟା ରୁ ପରୀକ୍ଷା ଆରମ୍ଭ
● ସକାଳ ୮.୧୫ ମିନିଟରେ ଖୋଲିବ ଗେଟ
● ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି
● ପରୀକ୍ଷାର୍ଥୀଙ୍କୁ ମନା ସ୍ମାର୍ଟ ୱାଚ୍

କଟକ, ୧୮।୨(ନିପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହେବ। ସାରା ରାଜ୍ୟରେ ୫ଲକ୍ଷ୬୧ହଜାର ୯୭୯ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ ।୩୦ଟି ଜିଲ୍ଲାର ୩୦୮୨ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ । ଏହି ପରୀକ୍ଷା ଫେବୃଆରୀ ୧୯ ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦୨୬



ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ମାତୃଭାଷା (ଓଡ଼ିଆ/ବଂଗାଳୀ/ଉର୍ଦ୍ଦୁ/ତେଲଗୁ) ପରୀକ୍ଷା ଦେବେ । ସମସ୍ତ ପରୀକ୍ଷା ଗୋଟିଏ ସିଟିଂରେ ହେବ । ସକାଳ ୯ଟାରୁ ଦିବା ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ଜରୁରୀକାଳୀନ ସ୍ଥିତିରେ ଚଳିତବର୍ଷ ୯ଟା ୩୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସେଣ୍ଟରକୁ ଆସିଲେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ଼ ସଭାପତି ସୂଚନା ଦେଇଛନ୍ତି । ତେବେ ସାଢ଼େ ୯ଟା ପରେ ଆଉ ପରୀକ୍ଷା କେନ୍ଦ୍ରକୁ ଅନୁମତି ମିଳିବ ନାହିଁ ବୋଲି ବୋର୍ଡ଼ ପକ୍ଷରୁ କୁହାଯାଇଛି । ସକାଳ ୮ଟା ୧୫ରୁ ପରୀକ୍ଷା କେନ୍ଦ୍ର ଭିତରକୁ ପରୀକ୍ଷାର୍ଥୀମାନଙ୍କ ପ୍ରବେଶ ମୁଖ୍ୟ ଫାଟକ ଦେଇ ଆରମ୍ଭ ହେବ । ଏହି ସମୟରେ ଚେକିଂ ଶେଷ ହେବା ପରେ ପରୀକ୍ଷା ହଲରେ ପରୀକ୍ଷାର୍ଥୀମାନେ ସକାଳ ସାଢ଼େ ୮ଟା ସୁଦ୍ଧା ପହଞ୍ଚିବେ । ସକାଳ ୮ଟା ୪୫ରେ ଓଏମଆର ସିଟ ପ୍ରଦାନ କରାଯିବ । ସମସ୍ତ ୩୨୨ଟି ନୋଡ଼ାଲ ସେଣ୍ଟରକୁ ପ୍ରଶ୍ନପତ୍ର ପଠାଯାଇ ସାରିଛି । ମାଟ୍ରିକର ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପରୀକ୍ଷା ଗୋଟିଏ ସିଟିଂରେ ଓ ଗୋଟିଏ ପ୍ରଶ୍ନପତ୍ରରେ ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନେ ଡିଜିଟାଲ କିମ୍ବା ସ୍ମାର୍ଟ ୱାଚ ନେଇ ପାରିବେ ନାହିଁ ବୋଲି ବୋର୍ଡ଼ ପକ୍ଷରୁ ନିର୍ଦ୍ଦେଶ ରହିଛି । ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏଥର ସମସ୍ତ ୩୦୮୨ ଟି ପରୀକ୍ଷା କେନ୍ଦ୍ର ଓ ୩୨୨ଟି ନୋଡ଼ାଲ ସେଣ୍ଟରରେ ସିସିଟିଭି ଏବଂ ଏଆଇ କ୍ୟାମେରା ଲଗାଯାଇଛି । ବୋର୍ଡ଼ର କମାଣ୍ଡ କଣ୍ଟ୍ରୋଲ ରୁମରୁ ସମଗ୍ର ପରୀକ୍ଷା ପ୍ରକ୍ରିୟାକୁ ସିଧାସଳଖ ତଦାରଖ କରାଯିବ । କୌଣସି ଛାତ୍ରଛାତ୍ରୀ କପି କରୁଥିବା କିମ୍ବା କେହି କପି ଯୋଗାଉଥିବାବେଳେ ଧରା ପଡ଼ନ୍ତି, ସେମାନଙ୍କ ବିରୋଧରେ ଆଇନଗତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗଣିତ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ ସମୟ ମିଳିବ ।

ଥାଇଲ୍ୟାଣ୍ଡରେ ଫସି ରହିଛନ୍ତି..

# ୬ ଓଡ଼ିଆ ଶ୍ରମିକ



କେନ୍ଦ୍ରାପଡ଼ା,୧୮।୨: ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଛଅ ଜଣ ପ୍ରବାସୀ ଶ୍ରମିକ ଥାଇଲ୍ୟାଣ୍ଡରେ ଫସି ରହିଥିବା ଜଣାପଡ଼ିଛି । ସେମାନେ ଦାବି କରିଛନ୍ତି ଯେ ସେମାନଙ୍କୁ ମଜୁରି ମିଳୁନାହିଁ ଏବଂ ଆବଶ୍ୟକ ଖାଦ୍ୟ ମଧ୍ୟ ମିଳୁନାହିଁ। ପ୍ଲାଇଉଡ୍ କ୍ଷେତ୍ରରେ ନିଯୁକ୍ତି ଖୋଜିବା ପାଇଁ ଯୁବକମାନେ ବିଦେଶ ଯାତ୍ରା କରିଥିଲେ କିନ୍ତୁ ଏବେ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସୂଚନା ଅନୁଯାୟୀ, ସେମାନେ ଗତ ବର୍ଷ ଅଗଷ୍ଟ ମାସରେ ଥାଇଲ୍ୟାଣ୍ଡ ଯାଇଥିଲେ। ଉତ୍ତର ପ୍ରଦେଶର ଗୋରଖପୁରର ଦୁଇ ଜଣ ଏଜେଣ୍ଟ ଓମ୍ ପ୍ରକାଶ ଏବଂ ଜୟ ପ୍ରକାଶ ସେମାନଙ୍କୁ ଚାକିରି ଯୋଗାଇବାର ପ୍ରତିଶ୍ରୁତି ଦେଇ ପର୍ଯ୍ୟଟକ ଭିସାରେ ଚୋନ୍ ବୁରି ଅଞ୍ଚଳକୁ ନେଇଯାଇଥିବା ଅଭିଯୋଗ ହୋଇଛି। ସେଠାରେ ପହଞ୍ଚିବା ପରେ ସେମାନେ କିଛି ଦିନ କାମ କରିଥିଲେ ମଧ୍ୟ ଗତ ଚାରି ମାସ ଧରି ସେମାନଙ୍କୁ ଦରମା ଦିଆଯାଇ ନାହିଁ ବୋଲି ସେମାନେ ଦାବି କରିଛନ୍ତି ।ଏହି ଛଅ ଜଣ ଯୁବକ ସାମାଜିକ ଗଣମାଧ୍ୟମରେ ଭିଡିଓ ପୋଷ୍ଟ କରି ସେମାନଙ୍କ ଉଦ୍ଧାର ଏବଂ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ସରକାରଙ୍କ ଠାରୁ ସାହାଯ୍ୟ ଲୋଡ଼ିଛନ୍ତି।

# ଜୁନ୍ ସୁଦ୍ଧା ୬୫ ହଜାର ନିଯୁକ୍ତି ଦିଅ: ମୁଖ୍ୟ ଶାସନ ସଚିବ

### ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଲକ୍ଷ୍ୟ ହାସଲ ନେଇ ଆଲୋଚନା

ଭୁବନେଶ୍ୱର, ୧୮।୨ : ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉ। ଆଗାମୀ ୩ ମାସ ମଧ୍ୟରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକାରିତା ନେଇ ନିୟମିତ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ଓଡ଼ିଶାର ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ ପାଇଁ ଏଥିପ୍ରତି ସମସ୍ତ ବିଭାଗମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ

### ୨୦୨୫-୨୬ ବଜେଟ୍ ଅନୁମୋଦନକୁ ମାର୍ଚ୍ଚ ସୁଦ୍ଧା ଖର୍ଚ୍ଚ ଶେଷ କର

ସଚିବସ୍ତରୀୟ ବୈଠକରେ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ରଖି ପ୍ରସ୍ତୁତି ହୋଇଥିବା ୨ ବର୍ଷିଆ ଆକ୍ସନ ପ୍ଲାନର ସଂପର୍କରେ ନିଯୁକ୍ତି ନେଇ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଜୁନ୍ ୨୦୨୬ ସୁଦ୍ଧା ୬୫,୦୦୦ ନିଯୁକ୍ତି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ନୂତନ ସରକାର ଗଠନ ପରେ ଅଦ୍ୟାବଧି ବିଭିନ୍ନ ବିଭାଗମାନଙ୍କ ଦ୍ୱାରା ନିଯୁକ୍ତି ମେଳା



ମାଧ୍ୟମରେ ୩୯,୫୦୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଆଗାମୀ ୩ ମାସ ମଧ୍ୟରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରାଯାଇଥିଲା । ୩ ମାସ ମଧ୍ୟରେ ଆଉ ୩୪,୬୪୧ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତାବ ମିଳିଛି। ସେଥିପାଇଁ ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଆଦିଙ୍କୁ ନିଯୁକ୍ତି ପାଇଁ ଅନୁରୋଧ କରାଯାଇଛି । ବିଭିନ୍ନ ବିଭାଗରେ ନିଯୁକ୍ତି ନେଇ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସଂପର୍କରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଆଲୋଚନା କରିଥିଲେ । ବିଭିନ୍ନ ବିଭାଗମାନଙ୍କୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ନିୟମିତ ସମୀକ୍ଷା ସହ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ନିୟମିତ ତଥ୍ୟ ଦେବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୫-୨୬ ବଜେଟ୍ ଅନୁମୋଦନ ଅନୁସାରେ ଆଗାମୀ ମାର୍ଚ୍ଚ ମାସ ସୁଦ୍ଧା ବଜେଟ ଖର୍ଚ୍ଚ ଶେଷ କରିବା ଓ ସଂପୃକ୍ତ ବିଭାଗମାନଙ୍କ ଦ୍ୱାରା ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ସଂପର୍କରେ ଆଲୋଚନା କରାଯାଇଥିଲା । ସାଂସଦ ଓ ବିଧାୟକମାନେ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ, ଏବଂ ପ୍ରକଳ୍ପଗୁଡ଼ିକୁ ବିଭାଗମାନେ ଅନୁଧ୍ୟାନ କରିବା ଏବଂ ସେସବୁର କାର୍ଯ୍ୟକାରିତା ପାଇଁ କଣ ପଦକ୍ଷେପ ନିଆଯାଇଛି, ସେ ସଂପର୍କରେ ଦୃଷ୍ଟି ଦେବାକୁ ମୁଖ୍ୟ ଶାସନ ସଚିବ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ।



# କାହିଁକି ଲିଙ୍ଗ ରୂପରେ ପୂଜା କରାଯାଏ ମହାଦେବଙ୍କୁ



**ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭକ୍ତମାନେ ପ୍ରତିଦିନ ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତି। ବିଶ୍ୱାସ କରାଯାଏ ଯେ କେବଳ ଶିବଲିଙ୍ଗଙ୍କୁ ଜଳ ଅର୍ପଣ କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୁଅନ୍ତି ଏବଂ ତାଙ୍କର ଆଶୀର୍ବାଦ ପ୍ରଦାନ କରନ୍ତି।**

ହିନ୍ଦୁ ଧର୍ମରେ ତିନି ଜଣ ମୁଖ୍ୟ ଦେବତା ଅଛନ୍ତି: ବ୍ରହ୍ମା, ବିଷ୍ଣୁ ଏବଂ ମହେଶ। ମହେଶ ହେଉଛି ଭଗବାନ ଶଙ୍କରଙ୍କ ନାମ। ମହାଦେବ ଅନନ୍ତ। ଶାସ୍ତ୍ରରେ, ସୋମବାର ତାଙ୍କ ପାଇଁ ଉତ୍ସର୍ଗୀକୃତ। ତାଙ୍କ ପାଇଁ ଅନେକ ବିଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ ଉପବାସ ଅଛି, ଯାହା ପାଳନ କରିବା ଦ୍ୱାରା ଭକ୍ତମାନଙ୍କୁ ବିଶେଷ ଲାଭ ମିଳିଥାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭକ୍ତମାନେ ପ୍ରତିଦିନ ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତି। ବିଶ୍ୱାସ କରାଯାଏ ଯେ କେବଳ ଶିବଲିଙ୍ଗଙ୍କୁ ଜଳ ଅର୍ପଣ କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୁଅନ୍ତି ଏବଂ ତାଙ୍କର ଆଶୀର୍ବାଦ ପ୍ରଦାନ କରନ୍ତି। ମହାଶିବରାତ୍ରି, ଶ୍ରାବଣ ମାସ, ପ୍ରଦୋଷ ବ୍ରତ ଏବଂ ମାସିକ ଶିବରାତ୍ରି ଭଳି ଉପବାସରେ, ଶିବଲିଙ୍ଗଙ୍କୁ ଜଳରେ ଅଭିଷେକ କରି ପୂଜା କରାଯାଏ। କିନ୍ତୁ କ'ଣ ଜାଣନ୍ତି କି? ମହାଦେବଙ୍କୁ ଲିଙ୍ଗ ରୂପରେ କାହିଁକି ପୂଜା କରାଯାଏ? ଯଦି ନୁହେଁ, ତେବେ ଆସନ୍ତୁ ଶିବଲିଙ୍ଗ ପୂଜା ପଛର ରହସ୍ୟ ଅନୁସନ୍ଧାନ କରିବା।

ବେଦ ଅନୁସାରେ... ବେଦ ଅନୁସାରେ, ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡରେ ଏକମାତ୍ର ଦେବତା ଯାହାଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ। ଭଗବାନ ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ କାରଣ ସେ ସମଗ୍ର ବ୍ରହ୍ମାଣ୍ଡର ମୂଳ କାରଣ। ଭଗବାନ ଶିବଙ୍କୁ ଆରମ୍ଭ ଏବଂ ଶେଷର ଦେବତ। ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କର କୌଣସି ଆକାର ନାହିଁ କିମ୍ବା ଆକାର ନାହିଁ। ମହାଦେବଙ୍କୁ ନିରାକାର ବୋଲି ବିବେଚନା କରାଯାଏ। ଭଗବାନ ଶିବଙ୍କ କୌଣସି ଆରମ୍ଭ କିମ୍ବା ଶେଷ ନଥିବାରୁ, ଲିଙ୍ଗକୁ ଭଗବାନ ଶିବଙ୍କ ନିରାକାର ରୂପ ଭାବରେ ବିବେଚନା କରାଯାଏ। ଭଗବାନଙ୍କ ସାକାର ରୂପ ହେଉଛନ୍ତି ଭଗବାନ ଶଙ୍କର, ଏବଂ ନିରାକାର ରୂପ ହେଉଛି ଶିବଲିଙ୍ଗ। ଶିବଲିଙ୍ଗ ନିରାକାର ବ୍ରହ୍ମଙ୍କୁ ପ୍ରତୀକ କରେ। ବାୟୁ ପୁରାଣ ଅନୁସାରେ, ପ୍ରତ୍ୟେକ ଯୁଗର ମହାକାଳ ପରେ, ଜଗତ ଏହି ଶିବଲିଙ୍ଗରେ ଲୀନ ହୁଏ, ଯାହା ପରେ ଜଗତକୁ ପୁନଃନିର୍ମାଣ କରେ। ବେଦରେ, ଲିଙ୍ଗ ଶବ୍ଦ ସୂକ୍ଷ୍ମ ଶରୀର ପାଇଁ ବ୍ୟବହୃତ ହୋଇଛି। ଏହା ୧୭ଟି ଉପାଦାନରେ ଗଠିତ।



ଶିବଲିଙ୍ଗର ଉତ୍ପତ୍ତି କିପରି ହୋଇଥିଲା? ପୁରାଣ ଅନୁସାରେ, ଥରେ ବ୍ରହ୍ମା ଏବଂ ଭଗବାନ ବିଷ୍ଣୁ କିଏ ଶ୍ରେଷ୍ଠ ତାହା ଉପରେ ଯୁକ୍ତିତର୍କ କରିଥିଲେ। ଉଭୟେ ନିଜର ଶ୍ରେଷ୍ଠତା ଦାବି କରିଥିଲେ। ହଠାତ୍ ଏକ ଲିଙ୍ଗ ଦେଖାଗଲା। ଉଭୟ ଦେବତା ଏହାର ଉତ୍ସ ଖୋଜିବାକୁ ଚେଷ୍ଟା କଲେ, କିନ୍ତୁ ହଜାର ହଜାର ବର୍ଷ ପରେ ମଧ୍ୟ ସେମାନେ ଏହାର ଉତ୍ସ ପାଇ ପାରିଲେ ନାହିଁ। ବ୍ରହ୍ମା ତା'ପରେ ଆଲୋକ ସ୍ତମ୍ଭ ବିଷୟରେ ପଚାରିଲେ ଏବଂ ଉତ୍ତର ଆସିଲା, ପ୍ରକାଶ କଲେ ଯେ ଏହା ଶିବ ତାଙ୍କଠାରୁ ଜୀବନର ସମସ୍ତ ଉତ୍ସ ଉତ୍ପନ୍ନ ହୋଇଥିଲା। ଏପରିକି ବ୍ରହ୍ମା ଏବଂ ବିଷ୍ଣୁ ମଧ୍ୟ ତାଙ୍କଠାରୁ ଜନ୍ମ ହୋଇଥିଲେ। କୁହାଯାଏ ଯେ ଏହା ପରେ ହିଁ ଭଗବାନ ଶିବ ତାଙ୍କର ନିରାକାର ରୂପରେ ଏକ ଶିବଲିଙ୍ଗ ଭାବରେ ପ୍ରତିଷ୍ଠିତ ହୋଇଥିଲେ। ଭଗବାନ ବ୍ରହ୍ମା ଏବଂ ବିଷ୍ଣୁ ସେହି ଶିବଲିଙ୍ଗଙ୍କୁ ପୂଜା କରିବା ଆରମ୍ଭ କରିଥିଲେ। ସେବେଠାରୁ, ଶିବଲିଙ୍ଗ ପୂଜା କରିବାର ପରମ୍ପରା ଆରମ୍ଭ ହୋଇଥିଲା।

## ରାଜାରାଣୀ ମନ୍ଦିରର ଗର୍ଭଗୃହରେ କାହିଁକି ନାହାନ୍ତି ଦେବତା



ଭୁବନେଶ୍ୱରର ରାଜାରାଣୀ ମନ୍ଦିରର ଗର୍ଭଗୃହରେ କୌଣସି ଦେବତାଙ୍କ ଅଭାବ ଅଛି କାରଣ ଏହା ସମ୍ଭବତଃ କେବେବି ସମ୍ପୂର୍ଣ୍ଣ ପବିତ୍ର ହୋଇନଥିଲା, ସମ୍ଭବତଃ ପୃଷ୍ଠପୋଷକ ରାଜାଙ୍କ ମୃତ୍ୟୁ ଯୋଗୁଁ, କିମ୍ବା ମୂଳ ମୂର୍ତ୍ତି ଅପସାରିତ ହୋଇଥିଲା, କିଛି କିମ୍ବଦନ୍ତୀ ଏହାକୁ ସମାପ୍ତ ହେବା ପୂର୍ବରୁ ପରିତ୍ୟକ୍ତ କିମ୍ବା ପରବର୍ତ୍ତୀ ଶତାବ୍ଦୀରେ ଲୁଟ୍ ହୋଇଥିବା ସୂଚାଇଛନ୍ତି। ଯଦିଓ ଐତିହାସିକମାନେ ମତ ଦିଅନ୍ତି ଯେ ଏହା ମୂଳତଃ ଶିବଙ୍କୁ ଉତ୍ସର୍ଗୀକୃତ ଥିଲା, ଏହାର ମୁଖ୍ୟ ମୂର୍ତ୍ତିର ଅନୁପସ୍ଥିତି ଏହାକୁ ଏକ ଅନନ୍ୟ ସ୍ମାରକୀ କରିଥାଏ, ଯାହା ଏକ ନିର୍ଦ୍ଦିଷ୍ଟ ଦେବତାଙ୍କ ପରିବର୍ତ୍ତେ ଏହାର ଜଟିଳ ମୂର୍ତ୍ତି ଏବଂ ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ, ତେଣୁ ଏହା କୌଣସି ଏକ ହିନ୍ଦୁ ସମ୍ପ୍ରଦାୟର ନୁହେଁ।

### ଦେବତା କାହିଁକି ନାହାନ୍ତି:

ଅସମାପ୍ତ ପବିତ୍ରୀକରଣ: ଏକ ସାଧାରଣ କିମ୍ବଦନ୍ତୀ ସୂଚିତ କରେ ଯେ ମନ୍ଦିର ନିର୍ମାଣ କରିଥିବା ରାଜା ମୂର୍ତ୍ତି ସ୍ଥାପନ ହେବା ପୂର୍ବରୁ ମୃତ୍ୟୁବରଣ କରିଥିଲେ, ଗର୍ଭଗୃହ ଖାଲି ଛାଡ଼ି ଦେଇଥିଲେ।

ଲୁଣ୍ଠନ ଏବଂ ଧ୍ୱଂସ: ମନ୍ଦିର ଧ୍ୱଂସ ପାଇଗଲା ଏବଂ ୧୯ ଶତାବ୍ଦୀରେ ଲୁଟ କରାଯାଇଥିଲା, ଏହାର ପ୍ରତିମାଗୁଡ଼ିକ ନେଇଯାଇଥିଲା, ସମ୍ଭାବ୍ୟ ଭାବରେ ମୁଖ୍ୟ ଦେବତାଙ୍କ ମୂର୍ତ୍ତି ମଧ୍ୟ ସାମିଲ ଥିଲା।

ଏକ ସାଧାରଣ ମନ୍ଦିର ନୁହେଁ: କେତେକ ବିଶ୍ୱାସ କରନ୍ତି ଯେ ଏହା କେବେବି ଏକ ସାଧାରଣ ଭକ୍ତି ମନ୍ଦିର ଭାବରେ ଉଦ୍ଦିଷ୍ଟ ନଥିଲା ବରଂ ଏକ ସ୍ଥାପତ୍ୟ ଆଶ୍ଚର୍ଯ୍ୟ ଭାବରେ, ଯାହା ପାଇଁ କୌଣସି ନିର୍ଦ୍ଦିଷ୍ଟ ଦେବତାଙ୍କୁ ସ୍ଥାୟୀ ଭାବରେ ସ୍ଥାପନ କରାଯାଇ ନଥିଲା।

### ଏହା ଆମକୁ କ'ଣ ଜଣାଏ:

ସ୍ଥାପତ୍ୟ ଗୁରୁତ୍ୱ: ଲାଲ ଏବଂ ହଳଦିଆ ବାଲିପଥର (ସ୍ଥାନୀୟ ଭାବରେ 'ରାଜରାଣୀ' କୁହାଯାଏ) ଦ୍ୱାରା ନିର୍ମିତ, ଏହା କଳିଙ୍ଗ ସ୍ଥାପତ୍ୟର ଏକ ଉତ୍କୃଷ୍ଟ କୃତି, ଯାହା ଏହାର ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ଜଣାଶୁଣା, ଯେଉଁଥିରେ କାମୁକ ମୂର୍ତ୍ତି ମଧ୍ୟ ଅନ୍ତର୍ଭୁକ୍ତ।

**ଶୈବ ସଂଯୋଗ:** ମୁଖ୍ୟ ଦେବତାଙ୍କ ଅଭାବ ସତ୍ତ୍ୱେ, ଶିବ, ପାର୍ବତୀ ଏବଂ ଲାକୁଲିଶା (ଶୈବ ସମ୍ପ୍ରଦାୟର ପ୍ରତିଷ୍ଠାତା) ପରି ବ୍ୟକ୍ତିମାନଙ୍କର ମୂର୍ତ୍ତି ଏହାର ଶୈବ ଉତ୍ପତ୍ତିକୁ ସୂଚିତ କରେ।

**ଅନନ୍ୟ ସ୍ଥିତି:** ଏହାର ଅଧ୍ୟକ୍ଷ ଦେବତାର ଅଭାବ ଏହାକୁ ପୃଥକ କରିଥାଏ, ଏହାକୁ ସମସ୍ତଙ୍କ ପାଇଁ ଖୋଲା ସ୍ମାରକୀ କରିଥାଏ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧୀନରେ ଏହାର କଳା ଏବଂ ଇତିହାସ ପାଇଁ ପ୍ରଶଂସିତ।



## କାମନାବାସନା ଶୂନ୍ୟ ହେବା ଉଚିତ



ଥରେ ଗୋଟିଏ ବୁଢ଼ୀଟିଏ ଥିଲା ସେ ବିଜୁଳିବତି ତଳେ କଣ ଗୋଟିଏ ଖୋଜୁଥିଲା। ନନ୍ଦଗୋପାଳ ବୋଲି ଏକ ପିଲା ପଚାରିଲା- ଆଈ କଣ ଖୋଜୁଛୁ। ବୁଢ଼ୀଟିଏ କହିଲା 'ବାପାରେ ମୋ କାନଫୁଲଟି କେଉଁଠି ହଜିଯାଇଛି।' ପିଲାଟି କହିଲା କେଉଁଠାରେ ପକାଇଲ ବୋଲି ଜାଣିଲ। ବୁଢ଼ୀ କହିଲା ରୋଷେଇ କଲାବେଳେ ରୋଷେଇ ଘରେ ପଡ଼ିଗଲା। ପିଲାଟି କହିଲା- ତେବେ ଏଠି କାହିଁକି ଖୋଜୁଛ? ବୁଢ଼ୀଟି କହିଲା 'ଆରେ ପୁଅ ରୋଷେଇ ଘରେ ଆଲୁଅ ନାହିଁ ଖୋଜିବି କେଉଁଠୁ?' କେତେକ ଲୋକ ଅଛନ୍ତି ସେମାନେ ଭାବନ୍ତି ପୃଥିବୀର ଅଣୁ ପରମାଣୁରେ ଭଗବାନ ବିଦ୍ୟମାନ। ସେମାନେ ଏହା ମଧ୍ୟ ଶୁଣିଛନ୍ତି ବ୍ରହ୍ମସ୍ତ ଜଗତ ମିଥ୍ୟା। ବ୍ରହ୍ମ ମଣିଷ ଭିତରେ ବିଦ୍ୟମାନ। ଏକଥା ଭୁଲି ଯାଇ ନିଜର ମୁଣ୍ଡଟିକୁ ଗୋଟିଏ ସ୍ଥାନରେ ବିକ୍ରୀ ହେଉଥିବା ବ୍ୟବସାୟିକ କେନ୍ଦ୍ର ମଲ୍‌ରେ ଭଗବାନଙ୍କୁ ଖୋଜନ୍ତି। ଆଉ ଦଳେ ଲୋକ ଅଛନ୍ତି ଗୀତା, କୋରାନ, ବାଇବେଲ ଭଗବତ ପ୍ରଭୃତି ଯଦି ଗୁଡ଼ାଏ ଜ୍ଞାନ ଆହରଣ କରିଛନ୍ତି ତୁମେ ଏସବୁ ପଢ଼ି ଭଲ ପ୍ରବଚକ ହୋଇପାର। ମାତ୍ର ଏଥି ସହିତ ଧର୍ମର କୌଣସି ସମ୍ପର୍କ ନାହିଁ। ପୁସ୍ତକରେ, ଧର୍ମ ଓ ଧାର୍ମିକ ମନୁଷ୍ୟ ବିଷୟରେ ଲେଖାଯାଇଛି। ଗୀତାରେ ଅର୍ଜ୍ଜୁନଙ୍କୁ କିଛି ଉପଦେଶ ଦିଆଯାଇଛି । କିନ୍ତୁ ପ୍ରତ୍ୟେକ ମନୁଷ୍ୟକୁ ସେ ନିଜ ଭିତରେ କିପରି ଭଗବାନଙ୍କୁ ପାଇବ ନିଜ ଗୀତା ତାକୁ ନିଜକୁ ଲେଖିବାକୁ ପଡ଼ିବ। ପର୍ବପର୍ବାଣି ପାଳନ କଲେ ଜଣେ ଧାର୍ମିକ ହୋଇଯାଏ ନାହିଁ। ବିଦ୍‌ବତ୍ତା ଦ୍ୱାରା ସମାଜରେ ସମ୍ମାନ ପାଇହୁଏ ଧାର୍ମିକ ଗୁରୁ ଭାବେ ଧର୍ମ ଅନୁଷ୍ଠାନରେ ଜଣେ ସ୍ଥାପିତ କରିପାରେ,ଏସବୁ ନିର୍ବାଚନରେ ଜିତି ମନ୍ତ୍ରୀ ପଦ ପାଇବା ପରି। ତେଣୁ ଆମେ କାମନାବାସନା ଶୂନ୍ୟ ହେବା ଉଚିତ ଓ ଭିତରେ ଥିବା ବ୍ରହ୍ମ ବା ଭଗବାନଙ୍କୁ ଚିହ୍ନିବାକୁ ଚେଷ୍ଟା କରିବା ଉଚିତ।

## ରାଜା ଦଶରଥ



ରାଜା ଦଶରଥ ନିଜ ୪ ପୁତ୍ରଙ୍କୁ ବରବେଶରେ ସଜାଇ ବରଯାତ୍ରୀ ଦଳ ସହିତ ମିଥିଳାପୁରୀରେ ଥିବା ରାଜା ଜନକଙ୍କ ଦ୍ୱାରରେ ପହଞ୍ଚିଲେ । ରାଜା ଜନକ ସମ୍ମାନପୂର୍ବକ ବରଯାତ୍ରୀଙ୍କୁ ସ୍ୱାଗତ କଲେ । ଏହି ସମୟରେ ରାଜା ଦଶରଥ ଆଗକୁ ଆସି ରାଜର୍ଷି ଜନକଙ୍କ ପାଦ ଛୁଇଁ ପ୍ରଣାମ କଲେ । ଚକିତ ହୋଇ ଜନକ ରାଜା ଦଶରଥଙ୍କୁ ଧରିନେଲେ ଏବଂ କହିଲେ, ମହାରାଜ ଆପଣ ବରପକ୍ଷର ମୁଖ୍ୟ । ତେଣୁ ଆପଣ ମୋ ଠାରୁ ଜ୍ୟେଷ୍ଠ । ଏଭଳି ପରିସ୍ଥିତି ଆପଣ ମୋର ପାଦ ଛୁଇଁବା ଅନୁଚିତ। ଏହାଶୁଣି ରାଜା ଦଶରଥ କହିଲେ, ମହାରାଜ ! ଆପଣ ଦାତା । କନ୍ୟାଦାନ କରୁଛନ୍ତି । ମୁଁ ଯାଚକ, ଆପଣ ଦାନସ୍ୱରୂପ ଦେଉଥିବା କନ୍ୟାକୁ ନେବା ଲାଗି ଆସିଛି । ଏଥର ଆପଣ କୁହନ୍ତି, ଦାତା ଏବଂ ଯାଚକ ମଧ୍ୟରେ ବଡ଼ କିଏ? ଏକଥା ଶୁଣି ରାଜା ଜନକଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା । ସେ କହିଲେ ଦଶରଥଙ୍କ ଭଳି ପରିବାରରେ କନ୍ୟାଦାନ କରୁଥିବାରୁ ମୁଁ ଭାଗ୍ୟବାନ । ପ୍ରତ୍ୟେକ କନ୍ୟାର ଭାଗ୍ୟରେ ପିତା ଥାଆନ୍ତି, କିନ୍ତୁ ପ୍ରତ୍ୟେକ ପିତାଙ୍କ ଭାଗ୍ୟରେ କନ୍ୟା ନ ଥାନ୍ତି ।

# ଗୋପୂଜା ଦ୍ୱାରା ମିଳେ ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ



ଗୋମାତାଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରି ତାଙ୍କର ପୂଜା କରାଯାଇଥାଏ। ଏହି ତିଥିରେ ଗୋପୂଜା କରୁଥିବା ବ୍ୟକ୍ତି ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ ଲାଭ କରିଥାଏ। ଏହି ଦିନ ଗାଈ ଓ ବାଛୁରୀକୁ ସ୍ନାନ କରାଇ ନୂଆ ବସ୍ତ୍ର ପିନ୍ଧାଇ ଦିଅନ୍ତୁ।

ଭାରତୀୟ ସଂସ୍କୃତିରେ ଗୋମାତାଙ୍କୁ ଅନ୍ୟ ଦେବାଦେବୀଙ୍କ ଭଳି ପୂଜା କରାଯାଇଥାଏ। ଗୋମାତାଙ୍କୁ ପୂଜା କରାଯିବା ପାଇଁ କୌଣସି ତିଥିବାରର ଆବଶ୍ୟକତା ନାହିଁ। ପ୍ରତିଦିନ ଗୋମାତାଙ୍କୁ ପୂଜା କରାଯାଇପାରିବ। ତେବେ କେତେକ ବିଶେଷ ତିଥିରେ ଗୋମାତାଙ୍କର ବିଶେଷ ବିଧି ଅନୁଯାୟୀ ପୂଜା କରାଯାଏ। ଏଭଳି ଏକ ବିଶେଷ ତିଥି ହେଉଛି ଗୋବତ୍ସ ଦ୍ୱାଦଶୀ। ପୁରାଣରେ ଗୋବତ୍ସା ଦ୍ୱାଦଶୀର ମହିମା ବର୍ଣ୍ଣିତ। ଏହି ଦିନରେ ଗୋମାତାଙ୍କ ପୂଜା ଅଶେଷ ପୁଣ୍ୟ ପ୍ରଦାନ କରିଥାଏ। କାର୍ତ୍ତିକ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଗୋବତ୍ସ ଦ୍ୱାଦଶୀ ଉତ୍ସବ ପାଳନ କରାଯାଇଥାଏ। ଏହି ଦିନ ଗାଈ ଓ ବାଛୁରୀଙ୍କ ପୂଜା କରାଯାଇଥାଏ। ଏହି ବ୍ରତରେ ପ୍ରଦୋଷବ୍ୟାପିନୀ ତିଥି ଗ୍ରହଣ କରାଯାଇଥାଏ। ଘରେ ଗାଈ କିମ୍ବା ବାଛୁରୀ ନ ଥିଲେ ଏହି ଦିନ ଓଦା ମାଟିରେ ଗାଈ ଏବଂ ବାଛୁରୀର ପ୍ରତିମା ଗଢ଼ି ପୂଜା କରିବାର ବିଧି ରହିଛି। ଏହି ଦିନ ଗୋଦୁଗ୍ଧରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ସେବନ ବର୍ଜିତ। ଗୋବତ୍ସ ଦ୍ୱାଦଶୀ ବିଷୟରେ ଅନେକ ପୌରାଣିକ ଆଖ୍ୟାନ ରହିଛି। ଗୋଟିଏ କଥା ଅନୁସାରେ ରାଜା ଉତ୍ତାନପାଦ ପୃଥିବୀରେ ପ୍ରଥମେ ଗୋବତ୍ସା ଦ୍ୱାଦଶୀ ବ୍ରତ ଆରମ୍ଭ କରିଥିଲେ। ତାଙ୍କ ପତ୍ନୀ ସୁନୀତି ଏହି ବ୍ରତ କରିଥିଲେ। ଏହି ବ୍ରତ ପ୍ରଭାବରୁ ତାଙ୍କ କୋଳରୁ ଧ୍ରୁବ ଜନ୍ମ ନେଇଥିଲେ। ନିଃସନ୍ତାନ ଦମ୍ପତି ଏହି ବ୍ରତ କରିବା ଉଚିତ। ଏହାଦ୍ୱାରା ସନ୍ତାନ ସୁଖ ମିଳିଥାଏ। ଏହି ଦିନ ଗୋମାତାଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରି ତାଙ୍କର ପୂଜା କରାଯାଇଥାଏ। ଏହି ତିଥିରେ ଗୋପୂଜା କରୁଥିବା ବ୍ୟକ୍ତି ଭଗବାନ ବିଷ୍ଣୁଙ୍କ ଆଶୀର୍ବାଦ ଲାଭ କରିଥାଏ। ଏହି ଦିନ ଗାଈ ଓ ବାଛୁରୀକୁ ସ୍ନାନ କରାଇ ନୂଆ ବସ୍ତ୍ର ପିନ୍ଧାଇ ଦିଅନ୍ତୁ। ଏହାପରେ ଫୁଲ, ଧୂପ, ଦୀପ



ଏବଂ ଚନ୍ଦନ ଆଦିର ତିଳକ ଦେଇ ଗୋମାତାଙ୍କ ପୂଜା କରନ୍ତୁ। ଗୋମାତାଙ୍କ ଆରତି କରିବା ପରେ ତାଙ୍କୁ ଉତ୍ତମ ଭୋଜନ କରାନ୍ତୁ। ଦିନରେ ଉପଚାର ରହିବା ପରେ ରାତ୍ରିରେ ବ୍ରତ ସମ୍ପନ୍ନ କରି ଭୋଜନ କରନ୍ତୁ।

## 'ସକାରାତ୍ମକ ଚିନ୍ତା ଈଶ୍ୱରସତ୍ତା ଲାଭ କରିବାର ପ୍ରକୃଷ୍ଟ ମାର୍ଗ'

କାକଟପୁର,(ନିପ୍ର) ଓଡ଼ିଶାର ଧର୍ମ ସଂସ୍କୃତି କହିଲେ ଶ୍ରୀଜଗନ୍ନାଥଙ୍କ ଧର୍ମ ସଂସ୍କୃତିକୁ ବୁଝାଏ । ଆମ ଓଡ଼ିଆମାନଙ୍କ ସାଂସ୍କୃତିକ ବିଚାରଧାରା ସମୂହ ଶ୍ରୀଜଗନ୍ନାଥଙ୍କ ପାଇଁ ଗତିଶୀଳ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥଙ୍କ ବିଚାରଧାରା ସର୍ବତ୍ର ଯୋଡ଼ିହୋଇ ରହିଛି । ପାଞ୍ଚରାତ୍ର ମହୋତ୍ସବ ବକ୍ତା ବାବା ସତ୍ୟାନନ୍ଦ ଦାସ ମହାରାଜ ଏପରି ମତବ୍ୟକ୍ତ କରିଥିଲେ । ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ ସ୍ଥଳୀ ଦେଉଳି ମଠ ଠାରେ ଅନୁଷ୍ଠିତ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବ ଉଦଯାପିତ ହୋଇଯାଇଛି । ମହୋତ୍ସବକୁ ଅନ୍ତର୍ଜାତୀୟ କ୍ରିୟାଯୋଗ ସମିତିର ମୁଖ୍ୟ ସନ୍ଥ ପ୍ରଜ୍ଞାନାନନ୍ଦ ଗିରି ମହାରାଜା ଉଦଘାଟନ କରି ଭକ୍ତି, ନିଷ୍ଠା , ପ୍ରଚେଷ୍ଟା ,ସକାରାତ୍ମକ ଚିନ୍ତା ଈଶ୍ୱରସତ୍ତା ଲାଭ କରିବାର ପ୍ରକୃଷ୍ଟ ମାର୍ଗ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନଥ ମହିମା ରାଷ୍ଟ୍ରୀୟ ପ୍ରଚାରକ ଧାରାବାହିକ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ଯୋଗଦେଇ ସ୍କନ୍ଦପୁରାଣ ଅନ୍ତର୍ଗତ ଶ୍ରୀ ପୁରୁଷୋତ୍ତମକ୍ଷେତ୍ର ଓ ଶ୍ରୀ ଜଗନ୍ନାଥଙ୍କ ମାହାତ୍ମ୍ୟ ଓ ଶ୍ରୀକ୍ଷେତ୍ର ମହିମା, ସହସ୍ର ଅଶ୍ୱମେଧ ଯଜ୍ଞ, ଦାରୁବ୍ରହ୍ମଙ୍କ ଆବିର୍ଭାବ , ଯାତ୍ରା ବିଧାନ, ନିର୍ମାଲ୍ୟ ମହିମା ଓ ଗ୍ରନ୍ଥ ମହାତ୍ମ୍ୟ ଉପରେ ସୁମଧୁର ପ୍ରବଚନ ଦେଇ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ବିଷୟରେ ପ୍ରତିଦିନ ପ୍ରବଚନ ଦିଆଯାଉଛି । ଶ୍ରୀ ଜଗନ୍ନାଥଙ୍କ ୨୪ ବେଶ ଓ ପ୍ରବଚନ ମଣ୍ଡପରେ ଆସୀନ ଚତୁର୍ଦ୍ଧା ଜିଉଙ୍କ ପୂଜାର୍ଚ୍ଚନା ପରେ ସତ୍ୟାନନ୍ଦ ଦାସ ମହାରାଜାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

## ସନ୍ଦେହଘେରରେ ଜ୍ୱରରେ ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ

ଭାପୁର,(ନିପ୍ର): ଫତେଗଡ଼ ଥାନା ମାଧପୁର ଗ୍ରାମ ହରିଜନ ସାହିର ମାଧବ ଚନ୍ଦ୍ର ନାଏକଙ୍କ ତୃତୀୟ ସ୍ତ୍ରୀ ରଜନୀ ଭୋଇ (୫୫)ଙ୍କୁ ଗତ ୧୦ ଦିନ ଧରି ଜ୍ୱର ହେଉଥିଲା । ତାଙ୍କରି ଗାଁ ରୁ କାଶ, ଥଣ୍ଡା ଓ ଜ୍ୱର ପାଇଁ ଔଷଧ ଖାଇବାରୁ ଥଣ୍ଡା ଉପଶମ ହୋଇନଥିଲା । ଫଳରେ,ମାଧବ ସ୍ତ୍ରୀ ଙ୍କୁ ଧରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ସୋମବାର ସନ୍ଧ୍ୟାରେ ଆଣି ଡାକ୍ତର ଙ୍କ ପରାମର୍ଶ କ୍ରମେ ଚିକିତ୍ସା କରେଇଥିଲେ କିନ୍ତୁ, ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଙ୍ଗଳବାର ବାର ସକାଳେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପ୍ରକାଶ । ପୋଲିସ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର କୁ ହସ୍ତାନ୍ତର କରିଛି । ଉଲ୍ଲେଖଯୋଗ୍ୟ,ମାଧବଙ୍କର ପୂର୍ବରୁ ଦୁଇଟି ସ୍ତ୍ରୀ ମୃତ୍ୟୁ ହୋଇଥିବା ବେଳେ ରଜନୀ ହେଉଛି ତୃତୀୟ ସ୍ତ୍ରୀ । ଏବଂ ପୂର୍ବରୁ ତାଙ୍କର କୌଣସି କାରଣରୁ ମୁହଁ ଓ୍ ବାମ ହାତ ପୋଡି ଯାଇ ପାପୁଲି ଟି କେମ୍ପୁଲି ହୋଇଥିବାବେଳେ ମୃତ୍ୟୁ କୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

## ଅଷ୍ଟଦିବସୀୟ ବାଳିକା ଆତ୍ମସୁରକ୍ଷା ଶିବିର

ଆସିକା(ନିପ୍ର): ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ସ୍ଥିତ ଏନ୍.ବି.ସି ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ୮ ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟ ଅଧକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧକ୍ଷତାରେ,ପବିତ୍ର ମୋହନ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ଆବଶ୍ୟକତା ଓ ନାରୀ ସଶକ୍ତିକରଣ ବିଷୟରେ ପ୍ରେରଣାଦାୟକ ଉଦ୍‌ବୋଧନ ଦେଇଥିଲେ । ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସଙ୍ଗୀତା ନାହକ ଏବଂ ସୁଶ୍ରୀ ଲିଜା ପାତ୍ର ୮ ଦିନ ଧରି ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ, ଶାରୀରିକ ପ୍ରଶିକ୍ଷଣ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ । ଶିକ୍ଷା ବିଭାଗ ଅଧ୍ୟାପିକା ତଥା ସହ-ସଂଯୋଜିକା ସୁଶ୍ରୀ ସ୍ୱପ୍ନାରାଣୀ ପଟ୍ଟନାୟକ ଆତ୍ମସୁରକ୍ଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ।

# ବଉଳ ବାସ୍ନାରେ ମହକୁଛି ଗାଁ ଠୁ ସହର



ନବରଙ୍ଗପୁର(ନିପ୍ର): ମାଘ ମାସରୁ ଆମ୍ବ ଗଛରେ ବଉଳହେବା ଆରମ୍ଭ ହୋଇଯାଇଥିଲେ ମଧ୍ୟ ବର୍ତ୍ତମାନ ବସନ୍ତ ଋତୁର ଆଗମନରେ ହସି ଉଠିଛି ପ୍ରକୃତି ରାଣୀ । ଏବେ ବଉଳ ବାସ୍ନାରେ ମହକୁଛି ଗାଁ ଠୁ ସହର । ଆମ୍ବଗଛରେ ହଳଦୀ ରଙ୍ଗର ଆମ୍ବ ବଉଳ ପେନ୍ଥା ପେନ୍ଥା ହୋଇ ଝୁଲୁଛି । ବଉଳର ମହମହ ବାସ୍ନା ସମସ୍ତଙ୍କୁ ନିଜ ଆଡକୁ ଟାଣି ନେଉଛି । ବଣପାହାଡ ଘେରା ନବରଙ୍ଗପୁର ଜିଲ୍ଲାରେ ଭିଭିନ୍ନ ସ୍ଥାନରେ ରାସ୍ତାପାର୍ଶ୍ୱ ଠାରୁ ଆରମ୍ଭ କରି ବାଡ଼ି ବଗିଚା ସବୁଛି ଆମ୍ବ ଗଛରେ ଭର୍ତ୍ତି ହୋଇ ରହିଛି ବଉଳ । କେତେକ ଗଛରେ ଏତେ ବଉଳ ଆସିଛି ଯେ ପତ୍ର ଦେଖାଯାଉ ନାହିଁ । ଏଥିରୁ ଅନୁମାନ କରାଯାଉଛି ଏବର୍ଷ ଆମ୍ବ ଭଲ ଆସିବ । ଏଥର ଜଳବାୟୁ ସ୍ୱାଭାବିକ ଯୋଗୁ ଗଛରେ ଅଧିକ ବଉଳ ରହିଛି । କିନ୍ତୁ ଦୁଃଖର ବିଷୟ ଏବର୍ଷ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଖାସ କରି ଡାବୁଗାଁ ଉମରକୋଟ ରାସ୍ତା ଚଉଡା ପ୍ରକ୍ରିୟାରେ ଅନେକ ଆମ୍ବଗଛ ଟଳି ପଡ଼ିଥିବାରୁ ମନହୋହୁଥିବା ବଉଳର ପରିମାଣ କମିଯାଇଥିବା ପ୍ରକୃତିପ୍ରେମୀ କ୍ଷୋଭର ସହ କହିଛନ୍ତି । ଗଛରେ ଯଦି ଭଲ ବଉଳ ଆସେ ଭଲ ଆମ୍ବ ମଧ୍ୟ ଆସିଥାଏ । ଗଛରେ ଭଲ ଆମ୍ବ ଆସିଲେ ସ୍ଥାନୀୟ ଲୋକେ ବିକ୍ରିକରି ପରିବାର ପ୍ରତିପୋଷଣ କରୁଛନ୍ତି । ତେବେ ଆଗାମୀ ଦିନରେ ପରିବେଶର ସୁରକ୍ଷା କରା ନଗଲେ ରାସ୍ତାପାର୍ଶ୍ୱରେ ଦେଖାଦେଉଥିବା ବଉଳ ଆଉ ମିଳି ନପାରେ । ବ୍ୟବସାୟିକ ଭିତ୍ତିରେ ଚାଷ କରୁଥିବା ଚାଷୀମାନେ ଚଳିତ ବର୍ଷ ଆମ୍ବରୁ ବେଶ ଦୁଇପଇସା ରୋଜଗାର ଆଶା ରଖିଥିବା କହିଛନ୍ତି ।

# ଋଷିକୂଲ୍ୟା ସୁରକ୍ଷା ପାଇଁ ଗାଁ ଗାଁରେ ସଚେତନତା ଅଭିଯାନ

ବ୍ରହ୍ମପୁର (ନିପ୍ର): ଋଷିକୂଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଗତ ଫେବୃଆରୀ ୧୩ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଋଷିକୂଲ୍ୟା ସୁରକ୍ଷା ସଚେତନତା ଯାତ୍ରା ଆରମ୍ଭ ହୋଇଛି । ଋଷିକୁଲ୍ୟା ନଦୀର ଶେଷ ମୁଣ୍ଡ ରୂପେ ପରିଚିତ ପୁରୁଣାବନ୍ଧ ସମୁଦ୍ର ମୁହାଣ ଠାରୁ ଏହି ଯାତ୍ରା ବାହାରି ନଦୀର ଉଭୟ ପାର୍ଶ୍ୱରେ ଥିବା ଗଞ୍ଜାମ ସହର ସମେତ ପାଳିବନ୍ଧ, ଦାମୋଦଧପୁର, କଲ୍ୟାଣପୁର, କାଇଁଚପୁର, ଜଗନ୍ନାଥପୁର, ମଲାଡ, ବାହାରପୁର, ରାଉଳିବନ୍ଧ, ବରଦା, ଆଲିଆବାଦ, ମୁନୁଷୁପେଣ୍ଠ ପରି ଗଞ୍ଜାମ ବ୍ଲକ୍, ଛତ୍ରପୁର ବ୍ଲକ, ପୁରୁଷୋତ୍ତମପୁର ବ୍ଲକ୍ ଓ ଆସିକା ବ୍ଲକର ବିଭିନ୍ନ ଗାଁକୁ ଯିବା ସହ ସେଠାରେ ଗ୍ରାମବାସୀମାନଙ୍କୁ ଋଷିକୁଲ୍ୟା ନଦୀର ସୁରକ୍ଷା ନେଇ ସଚେତନ କରାଯାଇଥିଲା । ବିଶେଷ କରି ଛତ୍ରପୁର ଓ ଗୋପାଳପୁର ଅଞ୍ଚଳରେ ଥିବା ବଡ କମ୍ପାନୀମାନଙ୍କୁ ପାଣି ଦେବାକୁ ସରକାର ଋଷିକୁଲ୍ୟା ନଦୀର ଉପର ମୁଣ୍ଡରେ ପିପଳପଙ୍କା ଠାରେ ଯେଉଁ ବଡ ଡେମ୍ ତିଆରି କରିବାକୁ ଯେଉଁ ଯୋଜନା କରୁଛନ୍ତି, ତାହା ଋଷିକୁଲ୍ୟା ନଦୀକୁ ସବୁଦିନ ପାଇଁ ମାରିଦେବ ବୋଲି ଅଭିଯାତ୍ରୀମାନେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ନଦୀକୂଳିଆ ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ କିଭଳି ନଦୀଶଯ୍ୟାରୁ ମନ ଇଛା ବାଲି ଚାଲାଣ ଯୋଗୁଁ ତଥା ପୂର୍ବ ଭଳି ନଦୀରେ ପାଣି ନ ଆସିବା ଯୋଗୁଁ ନଦୀ ଶୁଖି ସେ ଅଞ୍ଚଳର ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ବୋଲି ଅଭିଯୋଗ କରିଥିଲେ । ପୂର୍ବରୁ ପାଞ୍ଚ ଦଶ ଫୁଟ ତଳେ ଥିବା ଭୂତଳ ଜଳ ଏବେ ୧୦୦ ରୁ ୨୦୦ ଫୁଟ ତଳକୁ ଚାଲି ଯାଇ ସେମାନଙ୍କର ପାନୀୟ ଜଳର ସଙ୍କଟ ସୃଷ୍ଟି କରୁଛି ବୋଲି କହିଥିଲେ । ସେହିପରି ନଦୀରେ ପାଣି କମିବା ଯୋଗୁଁ ସମୁଦ୍ର ଜଳ ମୁହାଣ ଦେଇ ୧୦ - ୧୨ କି.ମି ଯାଏ ଭିତରକୁ ମାଡି ଆସି ଭୂତଳ ଜଳକୁ ଲବଣାକ୍ତ କରିଥିବା କଥା ମଧ୍ୟ ଋଷିକୁଲ୍ୟା ନଦୀର ତଳମୁଣ୍ଡରେ ଥିବା ଗ୍ରାମବାସୀମାନେ କହିଥିଲେ । ସୁତରାଂ ନଦୀରେ ପାଣିର ଅଭାବ ସେମାନଙ୍କ ଗୃହ ପାଳିତ ପଶୁଙ୍କ ସଂଖ୍ୟା ହ୍ରାସ ପାଇଥିବା ଓ ଚାଷବାସରେ ବ୍ୟାଘାତ ହେବା କଥା ଜଣାଇଥିଲେ । ଋଷିକୂଲ୍ୟା ସୁରକ୍ଷା ଅଭିଯାନର ସଦସ୍ୟ ଓ କର୍ମକର୍ତ୍ତା ମାନେ ସ୍ଥାନୀୟ ସାଧାରଣ ଜନତା ତଥା ଲୋକ ପ୍ରତିନିଧିମାନଙ୍କୁ ଭେଟି ଋଷିକୂଲ୍ୟାର ଦୁରାବସ୍ଥା ବିଷୟରେ ଆଲୋଚନା ସମୟରେ ବିପୁଳ ଜନ ସମର୍ଥନ ପାଇଥିଲେ ଏବଂ ଆଗାମୀ ଦିନରେ ସେମାନେ ଅଭିଯାନରେ ସାମିଲ ହେବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଏହି କ୍ରମରେ ଆସ୍କାର ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀଙ୍କ ସହ ଅଭିଯାତ୍ରୀମାନେ ତାଙ୍କ ଗାଁରେ ଆଲୋଚନା କରିଥିଲେ ଏବଂ ସେ ମଧ୍ୟ ଋଷିକୁଲ୍ୟା ସୁରକ୍ଷା ଅଭିଯାନ ପ୍ରତି ନିଜର ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ।

# ସରପଞ୍ଚଙ୍କ ଦ୍ୱାରା ୫ଲକ୍ଷ ଟଙ୍କା ବ୍ୟୟରେ ୨ ପ୍ରକଳ୍ପର ଉଦ୍‌ଘାଟନ

ଚାରିଛକ(ନିପ୍ର): ନିମାପଡା ବ୍ଲକ ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଇକେଲ ଷ୍ଟାଣ୍ଡ ଓ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ହସ୍ତ ପ୍ରକ୍ଷାଳନ ନିମନ୍ତେ ଏକ ପ୍ରକଳ୍ପକୁ ମଙ୍ଗଳବାରଦିନ ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି ଉଦ୍‌ଘାଟନ ସମୟରେ ପ୍ରଧାନଶିକ୍ଷୟତ୍ରୀ ମନସ୍ୱିନୀ ଲେଙ୍କା, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ସୁଧାଂଶୁ ଭୁଷଣ ପ୍ରଧାନ, ସମାଜସେବୀ ପ୍ରଶାନ୍ତ କୁମାର ବେହେରା, ସବ୍ୟସାଚୀ ରାୟ ଚୂଡାମଣୀ, ସୁରେନ୍ଦ୍ର ନାଥ ନାୟକ, କ୍ଷୀରୋଦ କୁମାର ନାୟକ, ତୋଫାନ କୁମାର ପ୍ରଧାନ,ମନମୋହନ ବାରିକ, କାର୍ତ୍ତିକେଶ୍ୱର ପଲତା,ଚିତରଞ୍ଜନ ଜେନା, ପ୍ରଜ୍ଞାଜିତ ବେହେରା, ମନୋରଂଜନ ମିଶ୍ର,ୱାର୍ଡସଭ୍ୟା ସବିତାରାଣୀ ସିହ୍ନାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।



## ଗ୍ରାମ ପଞ୍ଚାୟକ ସ୍ତରରେ ଜନଶୁଣାଣି

କଟକ, (ନିପ୍ର): ସମାଜର ତୃଣମୂଳ ସ୍ତରର ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ କଟକ ଜିଲ୍ଲାରେ ଗ୍ରାମପଞ୍ଚାୟତ ସ୍ତରରେ ଜନ ଶୁଣାଣି ଆରମ୍ଭ ହୋଇଛି । କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ସୋମବାର ଏହି ଜନଶୁଣାଣି ଅନୁଷ୍ଠିତ ହେଉଛି । ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ଅଧକ୍ଷତାରେ ଏହି ଜନଶୁଣାଣି ଅନୁଷ୍ଠିତ ହେଉଛି । ଏହି ଶୁଣାଣିରେ ସରକାରୀ ଯୋଜନା, ସେବା ଓ ସ୍ଥାନୀୟ ସମସ୍ୟା ସଂପର୍କିତ ଅଭିଯୋଗ ଗ୍ରହଣ କରାଯିବା ସହିତ ସମାଧାନ କରାଯାଉଛି । ଅଭିଯୋଗର ଭିତ୍ତି ଅନୁଯାୟୀ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସେଗୁଡ଼ିକୁ ଜିଲ୍ଲାସ୍ତରକୁ ବା ବ୍ଲକସ୍ତରକୁ ପଠାଇ ଦିଆଯାଉଛି । ୧୫ରୁ କମ ଗ୍ରାମ ପଞ୍ଚାୟତ ଥିବା ବ୍ଲକରେ ପ୍ରତି ସେମବାର ରୋଟେସନ ଅନୁସାରେ ଗୋଟିଏ ଗ୍ରାମ ପଞ୍ଚାୟତରେ ଅଭିଯୋଗ ଶୁଣାଣି ହେଉଛି । କେଉଁଠାରେ କେଉଁ ସୋମବାର ଜନ ଶୁଣାଣି ହେବ ଆସନ୍ତା ୩ ମାସ ଯାଏ ଏ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି । କଟକ ଜିଲ୍ଲାରେ ଜାନୁଆରୀ ୨୭ ତାରିଖରୁ ଗ୍ରାମ ପଞ୍ଚାୟତ ସ୍ତରରେ ଜନଶୁଣାଣି ଆରମ୍ଭ ହୋଇଛି । ବିଡ଼ିଓମାନେ ଜନ ଶୁଣାଣି ପୂର୍ବରୁ ଏହାକୁ ପ୍ରସାରିତ କରିବାକୁ ପଦକ୍ଷେପ ନିଆଯାଉଛି । ଗତ ୧୬ ତାରିଖରେ କଟକ ସଦର ବ୍ଲକରେ ଅନୁଷ୍ଠିତ ଜନ ଶୁଣାଣିରେ ୧୦୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ୧୪ଟିର ସମାଧାନର କରାଯାଇଛି ।

## ଉପ-ମୁଖ୍ୟମନ୍ତ୍ରୀଙ୍କୁ ଗ୍ରାମବାସୀଙ୍କ ସାଧୁବାଦ

## ଗ୍ରାମ୍ୟ ରାସ୍ତା ମରାମତି ପାଇଁ ବିଭାଗ ପକ୍ଷରୁ କାର୍ଯ୍ୟାରମ୍ଭ

ନିମାପଡ଼ା, (ନି.ପ୍ର.): ଏହି ବ୍ଲକ୍ ଅନ୍ତର୍ଗତ କଳାପାଞ୍ଚଣ ଗ୍ରା.ପ.ର ବିଭିନ୍ନ ଗ୍ରାମରେ ରାସ୍ତା ଗୁଡ଼ିକ ଖାଲଖମାରେ ଭର୍ତି ହେବା ଦ୍ୱାରା ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ । ଜନ ପ୍ରତିନିଧିମାନେ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଗଣମାଧ୍ୟମର ସହାୟତା ନେବା ପରେ ଖବର ମାନ ପ୍ରକାଶିତ ହୋଇଥିଲା । ଗ୍ରା.ପ.ର ମଝିପଡ଼ା, ବରେହିକଣ, ଷଣ୍ଢପୁର, ଗଡ଼ଇଟାପୋଖରୀ ଆଦି ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ନେଇ 'ଦିନଲିପି'ରେ ଖବର ପ୍ରକାଶ ପାଇଥିଲା । ସ୍ଥାନୀୟ ଜନସାଧାରଣ ଏଥି ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ପ୍ରତିକାର ନିମନ୍ତେ ଦାବି କରିଥିଲେ । ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରି ମରାମତି ନିମନ୍ତେ ପ୍ରସ୍ତାବ ଦେଇ ବାରମ୍ବାର କାମ କରାଇବା ନିମନ୍ତେ ଦାବି କରି ଆସୁଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ବ୍ଲକ୍ ପ୍ରଶାସନ ପକ୍ଷରୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଚଳିତ ମାସ ପ୍ରଥମ ସପ୍ତାହରେ ଘଟଣାସ୍ଥଳ ପରିଦର୍ଶନ କରି ତୃତୀୟ ସପ୍ତାହରେ କାର୍ଯ୍ୟାରମ୍ଭ ହୋଇଥିବା ବରିଷ୍ଠ ନାଗରିକ ମଞ୍ଚ ସଭ୍ୟ ତଥା ଅନ୍ୟତମ ସଂଗଠକ ପବିତ୍ର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ନିମାପଡ଼ା ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାରମ୍ଭ ହୋଇ ଥିବାରୁ ଶ୍ରୀ ମିଶ୍ର ବିଜେପି ସରକାର ଏବଂ ଉପ-ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ୧୪ଟି ପରୀକ୍ଷା କେନ୍ଦ୍ରରେ ୨୫୩୭ ପରୀକ୍ଷାର୍ଥୀ

ନିମାପଡ଼ା, (ନି.ପ୍ର.): ବାର୍ଷିକ ମାଟ୍ରିକ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ ଏବଂ ଏହାକୁ ଶୃଙ୍ଖଳିତ ଓ ସୁପରିଚାଳନା ନିମନ୍ତେ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେସନ୍, ଓଡ଼ିଶା ସହକାରୀ ପରୀକ୍ଷା ନିୟନ୍ତ୍ରକ ସୁଶୀଲ କୁମାର ବ୍ରହ୍ମା ନିମାପଡ଼ା ନୋଡ଼ାଲ ସେଣ୍ଟର ପରିଦର୍ଶନ କରି ପରୀକ୍ଷା ପ୍ରସ୍ତୁତି ନେଇ ସନ୍ତୋଷ ପ୍ରକଟ କରିଥିବା ସୂଚନା ମିଳିଛି । ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ନୋଡ଼ାଲ କେନ୍ଦ୍ର ଅଧୀନରେ ୧୪ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୫୩୭ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ସରିଛି । ପ୍ରଶ୍ନପତ୍ର ଓ ଉତର ଖାତା ଏହି କେନ୍ଦ୍ରରେ କଡ଼ା ସୁରକ୍ଷା ମଧ୍ୟରେ ଥିବା କେନ୍ଦ୍ର ଅଧୀକ୍ଷକ ଶ୍ରୀମତି ନନ୍ଦିତା ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ



କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଚିଲିକା ନୂଆପଡା ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବ୍ଲକ କାର୍ଯ୍ୟାଳୟ ପରିସରରୁ ମେଡିକାଲ ଛକ ପର୍ଯ୍ୟନ୍ତ ପରିବେଶ ସୁରକ୍ଷାର ନାରା ଦେଇ ପରିକ୍ରମା କରିଥିଲେ । ପରେ ବ୍ଲକ ସମ୍ମିଳନୀ କକ୍ଷରେ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣାଙ୍କ ପୌରାହିତ୍ୟରେ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ବିକାଶ ସେଠୀ, ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର,କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ବେହେରା,ପିଟିଶାଳ ବନପାଳ ଦୁର୍ଗା ଚରଣ ଟୁଡୁ, ଚିଲିକା ନୂଆପଡା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା, ଯୋଗେନ୍ଦ୍ର ନାଥ ଜେନା, କବିରାଜ ମାଝୀ, ରାମଚନ୍ଦ୍ର ପଲେଇ, ପ୍ରଦୀପ କୁମାର ମାଝୀ, ଗଛ ମଣିଷ ଭାବେ ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଅମିତା ତରେଇ, ବିଭିନ୍ନ ଗ୍ରାମର ବନ ସୁରକ୍ଷା ପରିଚାଳନା କମିଟି ସଭ୍ୟ ସଭ୍ୟା ମାନେ ଯୋଗ ଦେଇଥିଲେ ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ହିଞ୍ଜିଳିକାଟୁ,(ନିପ୍ର): ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନାଗରିକଙ୍କ ପାଇଁ ସପ୍ତାହ ଟିଏ କାର୍ଯ୍ୟକ୍ରମ ଆନୁକୁଲ୍ୟରେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ତରଫରୁ ବୁଧବାର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ ଉପଲକ୍ଷେ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭବାନୀ ଶଙ୍କର ମିଶ୍ର, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବୁଲୁ ନାଥ ସାହୁ ଓ ବରିଷ୍ଠ ନାଗରିକ ସଂଘ ସଭାପତି ତଥା ପୌର ପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ପୋଲେଇ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅଣ ସଂକ୍ରମିତ ରୋଗ ଓ ଯକ୍ଷ୍ମା ରୋଗର ଯାଞ୍ଚ, ରକ୍ତ ଶର୍କରା, ଥାଇରଏଡ ପରୀକ୍ଷା ଓ ରକ୍ତ ଶର୍କରା ପରିମାଣରେ ଏଚବିଏୱାନ୍‌ସି ପରୀକ୍ଷା ନିରୀକ୍ଷା କରାଯାଇଥିଲା । ସ୍ଥାନୀୟ ସହର ସମେତ ଆଖ ପାଖ ଅଞ୍ଚଳରୁ ପାଖାପାଖି ୭୦ ଜଣ ବରିଷ୍ଠ ନାଗରିକ ଓ ବୟସ୍କା ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା ।

## ସେବକ ସମିତି ତରଫରୁ ମା ତାରିଣୀଙ୍କୁ ଦର୍ଶନ



କାକଟପୁର,(ନିପ୍ର): ଧରା ପୃଷ୍ଠକୁ ଆସିଛି ବସନ୍ତ । ଚାରିଆଡେ ଆଣି ଦେଇଛି ଆମ୍ବ ବଉଳର ସମ୍ଭାର । ସୂର୍ଯ୍ୟଙ୍କର ତେଜରେ ଚାରିଆଡେ ସବୁଜର ବଳୟ ଭିତରେ ବାରି ହୋଇ ପଡୁଥାଏ ସତରେ ବସନ୍ତ ଆସିଛି । କାକଟପୁର ମା ମଙ୍ଗଳା ମନ୍ଦିର ପ୍ରତ୍ୟେକ ପୂଜାର ରୀତିନୀତିରେ ସଂଶ୍ଳିଷ୍ଟ ସେବକ ସମିତି । ଦୀର୍ଘ ବର୍ଷ ଧରି ଏହି ସେବକ ସମିତିମାଙ୍କର ପ୍ରତ୍ୟେକ ପୂଜା ପର୍ବାଣୀରେ ସେବକ ସମିତିକୁ ମନ୍ଦିର ପ୍ରଶାସନ ଖୋଜି ଆସିଛି । ଏହି ପରି ପ୍ରେକ୍ଷୀରେ ସେବକ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସେବକ ସମିତିର ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ର କୁମାର ଦୀକ୍ଷିତ, ଉପସଭାପତି କମଳ ଲୋଚନ ଦୀକ୍ଷିତ, ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ସେବକ ସମିତି ସଦସ୍ୟ ହିମାଂଶୁ ଭୂଷଣ ଦୀକ୍ଷିତ, ସୁକାନ୍ତ କୁମାର ଦାସ, ପ୍ରଦୀପ୍ତ କୁମାର ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ସନ୍ତୋଷ କୁମାର ଦୀକ୍ଷିତଙ୍କ ସମେତ ବରିଷ୍ଠ ଉପଦେଷ୍ଟା ସଦସ୍ୟ ରମେଶ ଚନ୍ଦ୍ର ଦୀକ୍ଷିତ ମା ମଙ୍ଗଳାଙ୍କ ଠାରୁ ଆଜ୍ଞାମାଳ ଧରି ମା ତାରିଣୀଙ୍କ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ପହଞ୍ଚିବା ପରେ ତାରିଣୀ ମନ୍ଦିର ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ମନ୍ଦିରରେ ଥିବା ଗେଷ୍ଟ ହାଉସ ଠାରେ ରହିବାର ବ୍ୟବସ୍ଥା କରାଯାଇଥିଲା, ପରେ ଭୋର ୬ ଘଟିକା ସମୟରେ ମାଙ୍କ ଦିବ୍ୟ ଆଳତୀ ଦର୍ଶନ କରାଇବା ସହିତ ସମସ୍ତଙ୍କୁ ମାଙ୍କ ପ୍ରସାଦ ପାଇବାର ବ୍ୟବସ୍ଥା କରାଯାଇ ଥିଲା ।

## ଉଚ୍ଚସ୍ତରୀୟ କମିଟି ସହିତ ଓଡ଼ିଶା କଲେଜ ଲାଇବ୍ରେରିଆନ ସଂଘର ଆଲୋଚନା



ଭୁବନେଶ୍ୱର,(ନିପ୍ର): ଉଚ୍ଚସ୍ତରୀୟ କମିଟିର ଚିଠି ନଂ ୧୬୪ / ୧୬.୨.୨୬ ନିର୍ଦ୍ଦେଶ ଅନୁସାରେ ଓଡ଼ିଶା ଅନୁଦାନ ପ୍ରାପ୍ତ କଲେଜ ଲାଇବ୍ରେରିଆନ ସଂଘ ସହିତ କମିଟିର ଅଧକ୍ଷ ଆଇଏଏସ ଅଶୋକ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଓ କମିଟି ଆବାହକ ସଦସ୍ୟ ଓଇଏସ ଡ ସନାତନ ପଣ୍ଡାଙ୍କ ଆବାହକତ୍ୱରେ ଏକ ଆଲୋଚନାଚକ୍ର ତୋଷାଳୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାରେ ରାଜ୍ୟରେ ଥିବା ଅନୁଦାନପ୍ରାପ୍ତ କଲେଜର ଲାଇବ୍ରେରିଆନ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ବର୍ତ୍ତମାନ କଲେଜ ଗୁଡିକରେ କାର୍ଯ୍ୟରତ ଥିବା ଲାଇବ୍ରେରିଆନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଉଚ୍ଚ ସ୍ତରୀୟ କମିଟି ସଂଘର କର୍ମକର୍ତ୍ତା ମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ନିର୍ଦ୍ଦିଷ୍ଟ ଦାବି ସମ୍ପର୍କରେ ତର୍ଜମା କରିଥିଲେ । ସଂଘ ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା, କାର୍ଯ୍ୟକାରୀ ସଭାପତି ହୃଷୀକେଶ ମିଶ୍ର, ସହ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଗଣମାଧ୍ୟମ ସଂଯୋଜକ ହିମାଂଶୁ ଭୁଷଣ ଚମ୍ପତିରାୟ ପ୍ରମୁଖ ସଂଘର ବିଭିନ୍ନ ଦାବୀ ସଂପର୍କରେ ସହୃଦୟତାର ସହ ବିଚାର କରିବାକୁ ଉଚ୍ଚସ୍ତରୀୟ କମିଟିକୁ ଅନୁରୋଧ କରିଥିଲେ । କମିଟି ଉକ୍ତ ଦାବିକୁ ଗୁରୁତର ସହିତ ବିଚାରକୁ ନେଇ ଏକ ସକାରାତ୍ମକ ସୁପାରିଶ ରାଜ୍ୟ ସରକାରଙ୍କୁ କରିବ ବୋଲି ସଂଘକୁ ଅବଗତ କରାଇଛନ୍ତି ।

## ସହରରେ ଜଣ୍ଡିସ ବ୍ୟାପିବା ପରେ ସିଏମ୍‌ସିର ଚେତା ପଶିଲା

# ସ୍ଥିତି ପରଖିଲେ ମେୟର, କମିଶନର ଓ ୱାଟକୋ ଅଧିକାରୀ



କଟକ,(ନିପ୍ର): ଗତ କିଛିଦିନ ହେବ କଟକ ସହରର ଶେଖବଜାର, ମାନସିଂହପାଟଣା ସମେତ ଆଖପାଖ ଅଞ୍ଚଳରେ ଜଣ୍ଡିସ ବ୍ୟାପିବାରେ ଲାଗିଥିବାବେଳେ ଆଜି ସିଏମସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ମଙ୍ଗଳବାର ସକାଳୁ ସକାଳୁ ମେୟର, କମିଶନର ଏବଂ ୱାଟକୋ ଅଧିକାରୀ କଟକ ମହାନଗର ନିଗମ ଅନ୍ତର୍ଗତ ୧୦,୧୧,୧୨ ନଂ ୱାର୍ଡ଼ର ଜଣ୍ଡିସ ସଂକ୍ରମିତ ଅଂଚଳ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି । ସଂକ୍ରମିତ ଅଂଚଳରେ ହେଲଥ କ୍ୟାମ୍ପ ଖୋଲାଯାଇ ଆକ୍ରାନ୍ତଙ୍କ ରକ୍ତ ନମୂନା ସଂଗ୍ରହ କରାଯାଉଛି । ଏହାଛଡ଼ା ୱାଟକୋ ପକ୍ଷରୁ ପାଇପ ଲାଇନ ଯାଂଚ କରାଯାଇଛି । ଖରାଦିନ ଆରମ୍ଭରୁ ସଂପ୍ରତି ସହରରେ ପିଇବା ପାଣି ସମସ୍ୟା ଦେଖାଦେଇଛି । ଏମିତିକି ଗୋଟିଏ ସାହିରୁ ଅନ୍ୟ ସାହିକୁ ପିଇବା ପାଣି ଜନିତ ରୋଗ ବ୍ୟାପିବାରେ ଲାଗିଛି । ଗତ କିଛିଦିନ ମଧ୍ୟରେ ମାନସିଂହପାଟଣା, ମସ୍ତରାମ ମଠଗଳି ସମେତ ଆଖପାଖ ଅଞ୍ଚଳରେ ଘରେ ଘରେ ପାନୀୟଜଳ ଜନିତ ଜଣ୍ଡିସ ରୋଗ ବ୍ୟାପିବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ସରକାରୀ ସର୍ଭେ ଅନୁସାରେ ୨୦ଜଣ ଆକ୍ରାନ୍ତ ଚିହ୍ନଟ ହେବା ସହ ୫ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ପ୍ରକୃତ ସ୍ଥିତି ଏହାଠାରୁ ଢ଼େର ଅଧିକ ରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । କଟକ ମହାନଗର ନିଗମ ଅର୍ନ୍ତଗତ ୧୦,୧୧,୧୨ ୱାର୍ଡ଼ରେ ଜଣ୍ଡିସ ବ୍ୟାପିବା ଖବର ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଆଜି ସିଏମସି ମେୟର, କମିଶନର ଓ ୱାଟକୋ ଅଧିକାରୀ ସଂକ୍ରମିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି । ଜଣ୍ଡିସ ସଂକ୍ରମିତ ଅଞ୍ଚଳରେ ହେଲଥ କ୍ୟାମ୍ପ ଖୋଲାଯାଇ ରକ୍ତ ନମୂନା ସଂଗ୍ରହ କରାଯାଉଛି । ଏହାଛଡ଼ା ଏହିସବୁ ଅଞ୍ଚଳରେ ବ୍ଲିଚିଂ ପାଉଡ଼ର ପକାଯାଉଛି । ସେହିପରି ୱାଟକୋ ପକ୍ଷରୁ ଘରକୁ ଘର ଯାଇ ପାଇପ ଲାଇନ ଯାଞ୍ଚ କରାଯାଉଛି ଓ ପୁରୁଣା ପାଇପ ଲାଇନକୁ ବଦଳା ଯାଇଛି । ଏହାଛଡ଼ା ୱାଟକୋ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପକ୍ଷରୁ ହାଲୋଜେନ ବଟିକା ସଂକ୍ରମିତ ଅଞ୍ଚଳରେ ବଂଟନ କରାଯାଇଛି । ମେୟର ସ୍ଥାନୀୟ ଅଞ୍ଚଳରେ ଜଣ୍ଡିସ ରୋଗରେ ପୀଡ଼ିତ ରୋଗୀଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଥିଲେ । ଏହାଛଡ଼ା ସଂକ୍ରମିତ ଅଞ୍ଚଳର ସମସ୍ତ ଜନସାଧାରଣ ପିଇବା ପାଣିକୁ ଭଲ ଭାବରେ ଫୁଟାଇ ବ୍ୟବହାର କରିବା ପାଇଁ ମେୟର ସୁବାସ ସିଂହ ପରାମର୍ଶ ଦେଇଛନ୍ତି । ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ସଂକ୍ରମିତ ଅଞ୍ଚଳରେ ଫାଷ୍ଟଫୁଡ଼ ସମେତ ବୁଲା ବିକାଳି ଖାଦ୍ୟ ବିକ୍ରି ଉପରେ କଟକଣା ଜାରି କରାଯାଇଛି । ଏହାଛଡ଼ା ଡାକବାଜି ଯନ୍ତ୍ର ସାହାଯ୍ୟରେ ସଂକ୍ରମିତ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନତା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସିଏମସି କମିଶନର କିରଣଦୀପ କୌର ସହୋତା, କର୍ପୋରେଟର ମୋନାଲିସା ଦାସ, ଦୀପାଞ୍ଜଳୀ ସିଂହ, ବସନ୍ତ ବେହେରା, ସିଟି ହେଲଥ ଅଫିସର ଡ ନୃପେନ୍ଦୁ ଶତପଥି, ସିଏମସି ଉପଆୟୁକ୍ତ ଜୁବୁଳି ଚରଣ ବେହେରା, ବିଷ୍ଣୁ ଭୂଷଣ ବେହେରାଙ୍କ ସମେତ ଅଂଚଳର ବହୁ ଜନସାଧାରଣ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ ।

ତିଥି :(ଦ୍ୱିତୀୟା): (ପୂର୍ବଭାଦ୍ର)
ଅମୃତ ବେଳା:ରାତ୍ରୀ ଘ ୧୨।୫୪ ଗତେ ଘ ୩।୧୮ ମଧ୍ୟେ

## ଆଜିର ଅନୁଚିନ୍ତନ

ନିଜେ ନିଜର ଉଦ୍ଧାର କର, ନିଜର ପତନ କର ନାହିଁ,
କାରଣ ନିଜେ ହିଁ ନିଜର ମିତ୍ର ଏବଂ ନିଜେ ହିଁ ନିଜର ଶତ୍ରୁ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଚାଷୀଙ୍କ ସମସ୍ୟା ବୁଝାଯାଉ

ମଣ୍ଡିରେ ଚାଷୀ ହନ୍ତସନ୍ତ ହେଉଛନ୍ତି କି ? ଟୋକନ, ମିଲର୍ସ, କଟନୀଛଟନୀର କଣ୍ଟାରେ ସେମାନଙ୍କ ଚାଲିବା କଣ୍ଟକିତ ହେଉଛନ୍ତି କି ? ରାଜ୍ୟରେ ଧାନ ସଂଗ୍ରହ କ୍ଷେତ୍ରରେ ଏପରି ମର୍ମରେ ଅଭିଯୋଗ ତଥା ପ୍ରଶ୍ନ ଉପସ୍ଥାପିତ ହେଉଛି ବିଭିନ୍ନ ମହଲରେ। ଅଭିଯୋଗଗୁଡ଼ିକ ମଧ୍ୟରେ ରହିଛି ମଣ୍ଡିରୁ ଧାନ ସଂଗ୍ରହ ମନ୍ଥର ଗତିରେ ଚାଲିଛି। ଧାନ ଉଠାଇବାରେ ବିଳମ୍ବ କରୁଛନ୍ତି ବହୁ ମିଲର। ଚାଷୀଙ୍କ ନିକଟକୁ ଠିକ୍ ସମୟରେ ଟୋକନ ପହଞ୍ଚିପାରୁନାହିଁ। ଏମିତି ବି ହେଉଛି ଯେଉଁଠି ଚାଷୀଙ୍କ ହାତକୁ ଟୋକନ ଆସୁଛି ସେଠାରେ ମିଲର୍ସ ଧାନ ଉଠାଇବାରେ ବିଳମ୍ବ କରୁଛନ୍ତି। ଏବଂ ତାହା ମଧ୍ୟରେ ଟୋକନ ଅବଧିର ସମାପ୍ତି ଘଟୁଛି। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଧାନ ସଂଗ୍ରହ ମନ୍ଥର ଗତିରେ ଚାଲିଛି। ପୁଣି କେଉଁଠି କେଉଁଠି ଧାନର କଟନୀଛଟନୀ ହେଉଛି। ସରକାରୀ ଭାବରେ ଧାନକିଣାରେ ଲକ୍ଷ୍ୟଧାର୍ଯ୍ୟ ଓ ଧାନ ସଂଗ୍ରହ ପରିମାଣ ଆଦି ସଂକ୍ରାନ୍ତରେ ୨୦୨୭ଫେବୃଆରୀ ୧୩ ତାରିଖ ସୁଦ୍ଧା ଏକ ରିପୋର୍ଟ କହେ ଯେ ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ସମୁଦାୟ ୭୩ଲକ୍ଷ ଟନ ଧାନକିଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ସଂଗୃହୀତ ହୋଇଛି ୫୫,୪୭, ୯୮୧ ଲକ୍ଷ ଟନ। ପଂଜୀକୃତ ହୋଇଥିବା ଚାଷୀଙ୍କ ସଂଖ୍ୟା ୧୯,୬୬,୧୮୧। କିନ୍ତୁ ଆଲୋଚ୍ୟ ତାରିଖ ସୁଦ୍ଧା ଧାନ ବିକ୍ରି କରିଛନ୍ତି୧୨,୮୭,୨୧୧ ଜଣ ଚାଷୀ। ଏମଏସପି ବାବଦରେ ଚାଷୀ ପାଇଛନ୍ତି ୧୨,୧୦୧କୋଟି ଟଙ୍କା ଓ ଅତିରିକ୍ତ ଇନ୍‌ପୁଟ ସହାୟତା ବାବଦରେ ପାଇଛନ୍ତି ୩୭୩୪କୋଟି ଟଙ୍କା। ଫେବୃଆରୀ ୧୮ରେ ସରକାରୀ ଭାବରେ ଦିଆଯାଇଥିବା ତଥ୍ୟ କହେ ଧାନ ସଂଗ୍ରହର ପରିମାଣ ୫୯ ଲକ୍ଷ ମେଟ୍ରିକ ଟନ। ଏହା ଦର୍ଶାଇଦିଏ ଯେ ଧାନ ସରକାରୀ ଭାବରେ ସଂଗ୍ରହ ଜାରି ରହିବା ସହିତ ବୃଦ୍ଧି ପାଇଛି।

ମାତ୍ର କି କି ଅସୁବିଧା ଭୋଗୁଛନ୍ତି ଚାଷୀ ତାହା ଜାଣିବା ପାଇଁ ଜିଲ୍ଲା ପ୍ରଶାସନର ତୁଙ୍ଗ ଅଧିକାରୀମାନେ ଯେପରି ଆଗ୍ରହ ପ୍ରକାଶ କରିବା କଥା ତାହା କରୁନଥିବା ପରି ମନେ ହେଉଛି। ପରିଣାମରେ ଚାଷୀ ସଂଗଠନ ହେଉ କି ଚାଷୀକୁଳ ରାଜରାସ୍ତାକୁ ଆନ୍ଦୋଳନ ଲାଗି ଓହ୍ଲାଉଛନ୍ତି। ଏପରି ବି ଆରମ୍ଭ ହୋଇଥିବା ବଜେଟ ଅଧିବେଶନର ଦ୍ୱିତୀୟ ଦିନରେ ବିରୋଧୀ ଧାନ ବିକ୍ରୀ ଓ ଚାଷୀ ସମସ୍ୟା ନେଇ ବିଧାନସଭାରେ ହୋହଲ୍ଲା କରିଛନ୍ତି। ଏକଥା ନିଶ୍ଚିତ ଯେ କେଉଁଠି ନା କେଉଁଠି ତ୍ରୁଟି ବା ଅବ୍ୟବସ୍ଥାର ଶିକାର ହେଉଛନ୍ତି ଚାଷୀ ,ତେଣୁ ଅସନ୍ତୋଷ ପୁଞ୍ଜୀଭୂତ ହେଉଛି ଏବଂ ବିରୋଧୀ ମଧ୍ୟ ତାହାକୁ ପ୍ରସଙ୍ଗ କରିବା ସ୍ୱାଭାବିକ। ସୁତରାଂ ନିରପେକ୍ଷତା ତଥା ଚାଷୀ ଅନୁକୂଳ ମନୋଭାବ ହିଁ ସମସ୍ୟାର ସମାଧାନ କରିପାରିବ। ଯେଉଁମାନେ ଉତ୍ତରଦାୟୀ ସେମାନଙ୍କଠାରୁ ସମସ୍ୟା ବୁଝି ରାଜ୍ୟ ସରକାର ତ୍ୱରିତ୍ ପଦକ୍ଷେପ ନେବା ସହ ଯେଉଁମାନେ ଏଥିରେ ନିଷ୍କ୍ରିୟତା ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆବଶ୍ୟକ ପଡୁଛି।

# ଜୁଭେନାଇଲ ଜଷ୍ଟିସ ବୋର୍ଡ ବାଟବଣା !

**ସୌଭାଗ୍ୟ ରଂଜନ ମହାନ୍ତି**

ଏହା ନିଃସନ୍ଦେହ ଯେ, ଦେଶରେ ବାଳ ଅପରାଧ ବୃଦ୍ଧି ଏବେ କେବଳ ଅଭିଭାବକମାନଙ୍କ ପାଇଁ ନୁହେଁ, ପ୍ରଶାସନ ପାଇଁ ମୁଣ୍ଡ ବ୍ୟାଥାର କାରଣ ହୋଇଛି। ଦିନକୁ ଦିନ ନାବାଳକମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଆମ ରାଜ୍ୟରେ ଜଣେ ନବମ ଶ୍ରେଣୀର ଛାତ୍ରୀ ଟିଉସନରୁ ଫେରିବା ସମୟରେ ତା'ର ପାଞ୍ଚଜଣ ସହଯୋଗୀ ଯେଉଁମାନେ କି ନାବାଳକ, ତାଙ୍କୁ ଅପହରଣ କରି ନେଇ ଗଣଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରିଛି। ସେହିପରି କେଉଁଠି ଦଶମ ଶ୍ରେଣୀ ଛାତ୍ରର ଛୁରାମାଡରେ ନବମ ଶ୍ରେଣୀ ଛାତ୍ର ଆହତ ହେଲାଣି ତ କେଉଁଠି ଅଷ୍ଟମ ଶ୍ରେଣୀ ଛାତ୍ରର ବ୍ୟାଗରୁ ବନ୍ଧୁକ ଜବତ ହେଲାଣି, ଏହା ହେଉଛି ବାଳ ସୁଲଭ ଅପରାଧର ଗୋଟିଏ ଗୋଟିଏ ଉଦାହରଣ। କେବଳ ଏତିକି ନୁହେଁ, ହତ୍ୟା, ଚୋରି, ଡକାୟତ, ବଳତ୍କାର ଛିନତାଇ, ମାରପିଟ ଆଦି ଘଟଣାରେ ନାବାଳକମାନଙ୍କର ସମ୍ପୃକ୍ତ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନାବାଳକମାନଙ୍କୁ ଅପରାଧରୁ ଦୂରେଇ ରଖିବା ତଥା ବାଳ ସୁଧାର ପାଇଁ ପିଲାମାନଙ୍କୁ ଆଇନଗତ ବିବାଦରୁ ସ୍ୱତନ୍ତ୍ର ତଥା ପୃଥକ ରଖିବା ଲକ୍ଷ୍ୟ ନେଇ ଏକ ଦଶନ୍ଧି ପୂର୍ବେ ଦେଶରେ ବାଳ ସୁଧାର ନ୍ୟାୟ (କେୟାର ଆଣ୍ଡ ପ୍ରୋଟେକସନ ଚିଲଡ୍ରେନ) ଆଇନ-୨୦୧୫ ପ୍ରଣୟନ କରାଯାଇଥିଲା। ମାତ୍ର ଏହି ଆଇନ ପ୍ରଣୟନ ହେବାର ୧୦ବର୍ଷ ପରେ ଆଇନଗତ ଉଦ୍ଦେଶ୍ୟ ବା ଲକ୍ଷ୍ୟ ଏବଂ ଏହାର କାର୍ଯ୍ୟକାରିତା ମଧରେ ଗୁରୁତର ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ଇଣ୍ଡିଆ ଜଷ୍ଟିସ ରିପୋର୍ଟରେ ଏହି ତଥ୍ୟ ସଂକେତ ପ୍ରଦାନ କରିଛି। ଆଇନ ଏବଂ ବାଳସୁଧାର ନ୍ୟାୟ ମଧରେ ବିବାଦ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ସମଗ୍ର ଦେଶବ୍ୟାପୀ ରିପୋର୍ଟ ସଂଗ୍ରହ ଲାଗି ୨୫୦ରୁ ଊର୍ଦ୍ଧ୍ୱ ସାମାଜିକ କର୍ମୀ ତଥ୍ୟ ଜାଣିବାର ଅଧିକାର ଆଇନ ବଳରେ ଆବେଦନ କରିଥିଲେ ମଧ ରିପୋର୍ଟ ସମ୍ପୂର୍ଣ୍ଣ ହୋଇପାରିନଥିବା କୁହାଯାଏ। ଜୁଭେନାଇଲ ଜଷ୍ଟିସ ମାମଲାଗୁଡିକ ପାଇଁ ଦେଶରେ କୌଣସି କେନ୍ଦ୍ରୀୟ ସଂସ୍ଥା ବା ଗନ୍ଥାଘର ନଥିବା ଯୋଗୁ ପୂର୍ଣ୍ଣାଙ୍ଗ ତଥ୍ୟ ମିଳିପାରିନାହିଁ। ତେବେ ୨୦୨୩ ଅକ୍ଟୋବର ସୁଦ୍ଧା ମିଳିଥିବା ତଥ୍ୟ




ଅନୁଯାୟୀ ଦେଶରେ ୫୦ହଜାରରୁ ଊର୍ଦ୍ଧ୍ୱ ପିଲା ନ୍ୟାୟ ଅପେକ୍ଷାରେ ଅଛନ୍ତି। ଯାହାକି ଜୁଭେନାଇଲ ଜଷ୍ଟିସର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି କୁହାଯାଇପାରେ। ପିଲାମାନଙ୍କୁ ପ୍ରାପ୍ତବୟସ୍କ ଅପରାଧିଙ୍କ ପରି ଦୀର୍ଘକାଳ ବିଚାରାଧୀନ କଏଦୀ ଭାବେ ବ୍ୟବହାର କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏକ ମହତ ଉଦ୍ଦେଶ୍ୟ ତଥା ପିଲାମାନଙ୍କୁ ଅପରାଧ କବଳରୁ ମୁକ୍ତ ରଖି ସୁସ୍ଥ ନାଗରିକ ଭାବେ ଗଢିତୋଳିବା ନେଇ ଆଇନରେ ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ତାହା ବ୍ୟର୍ଥ ପ୍ରମାଣିତ ହୋଇଛି। କହିବା ବାହୁଲ୍ୟ ଯେ, ନ୍ୟାୟ ପ୍ରଦାନରେ ମନ୍ଥରତା ଆମ ଦେଶରେ ଏବେ ଏକ ପ୍ରଚଳିତ ନୀତି ବା ପରମ୍ପରାରେ ପରିଣତ ହୋଇଛି। ବାଳ ସୁଧାର ପାଇଁ ଦେଶରେ ପ୍ରଥମ ଥର ପାଇଁ ୧୯୮୬ ମସିହାରେ ଜୁଭେନାଇଲ ଜଷ୍ଟିସ ଆକ୍ଟ ପ୍ରଣୟନ ହୋଇଥିବାବେଳେ ୨୦୧୫ରେ ଏହାର ସଂଶୋଧନ କରି ଆଇନକୁ ସକ୍ରୀୟ ଓ ଫଳପ୍ରଦ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ନିଷ୍କ୍ରିୟତା ତଥା ମନ୍ଥରତା ଯୋଗୁଁ ଦେଶରେ କେବଳ ଆଇନର ଉଦ୍ଦେଶ୍ୟ ସାଧିତ ହୋଇନାହିଁ, ବରଂ ବାଳ ଅପରାଧ ଘଟଣାମାନ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ଅନୁଯାୟୀ ଦେଶରେ ୨୦୨୩ରେ ୩୭,୪୪୪ଟି ବାଳ ଅପରାଧ ଘଟଣା ଘଟିଥିବା ବେଳେ ୩୧,୧୭୦ ମାମଲା ରୁଜୁ ହୋଇଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୪.୭ ପ୍ରତିଶତ ଅଧିକ। ୨୦୨୨ରେ ଦେଶରେ ୩୦,୫୫୫ଟି ମାମଲା ଘଟିଥିବା ରିପୋର୍ଟରେ କୁହାଯାଇଛି। ଏହା କହିବା ଯଥେଷ୍ଟ ସହଜ ନୁହେଁ ଯେ, ଏହି ବ୍ୟବସ୍ଥା ଏବେ ସଂଗ୍ରାମ କରୁଛି। ମନେ ରଖିବାକୁ ହେବ, ଯେକୌଣସି ବ୍ୟବସ୍ଥା ମଣିଷ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ଏହା ଯଦି ପିଲାଙ୍କୁ ବିଫଳ କରେ, ତେବେ ଏହା ପଛରେ ପ୍ରଶାସନିକ ବ୍ୟବସ୍ଥା ରହିଥିବା କୁହାଯିବ। ଦେଶରେ ଥିବା ୪୭୦ଟି ଜୁଭେନାଇଲ ଜଷ୍ଟିସ ବୋର୍ଡ ମଧ୍ୟରୁ ୧୧୧ଟି ରେ ଜଣେ ମୁଖ୍ୟ ମାଜିଷ୍ଟ୍ରେଟ ଏବଂ ଦୁଇଜଣ ସାମାଜିକ କର୍ମୀ, ୩୦ପ୍ରତିଶତ ବୋର୍ଡରେ ଆଇନଗତ ସେବାକ୍ଲିନିକ୍, ୮୦ ପ୍ରତିଶତ ବୋର୍ଡରେ ବାଳ ସୁଧାର ଗୃହ ବାଧ୍ୟତାମୂଳକ ଥିବା ୧୯୯୨ ସିସିଆଇଙ୍କ ମଧ୍ୟରୁ ମାତ୍ର ୮୧୦ ଥିବା ଜଣାଯାଏ, ଏଥିପାଇଁ ରାଜ୍ୟ ସରକାର ଏବଂ ଜୁଭେନାଇଲ ଜଷ୍ଟିସ ବ୍ୟବସ୍ଥା ତଦାରଖ କରୁଥିବା କର୍ତ୍ତୃପକ୍ଷ ସମାନ ଭାବରେ ଦାୟୀ ବୋଲି କୁହାଯାଇପାରିବ। ଯେଉଁଥିପାଇଁ କି ଜୁଭେନାଇଲ ଜଷ୍ଟିସ ବୋର୍ଡ ଏବେ ବାଟବଣା ହୋଇଛି।

ମୋ-୯୪୩୭୯୯୪୩୭୯

# ସାମାଜିକ ନ୍ୟାୟ ଅପେକ୍ଷାରେ ମାନବ ସଭ୍ୟତା

**କିଶୋର ଚନ୍ଦ୍ର ବେହେରା**

**ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏକ ନିରପେକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲ୍‌ଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି।**

ସାମାଜିକ ନ୍ୟାୟ ମଣିଷ ଜୀବନ ଓ ସମାଜର ବିକାଶ ଜନିତ ସକଳ ଦିଗକୁ ସ୍ପର୍ଶ କରିଥାଏ। ଏହା କେବଳ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ବାସସ୍ଥାନ ଆଦି ସମସ୍ତ କୃତ୍ରିମ ଆଧାର ଭିତରେ ହେଉଥିବା ଶୋଷଣ ଅତ୍ୟାଚାର ଓ ଭେଦଭାବକୁ ଉଚ୍ଛେଦ କରେନାହିଁ, ସମାଜର ଦୁର୍ବଳ ବର୍ଗର ଲୋକଙ୍କ ଉଦ୍ଧାର ଓ ଉନ୍ନତି ନିମନ୍ତେ ବି ଯତ୍ନ କରେ । ସମାଜରେ ବ୍ୟକ୍ତି ସ୍ୱାର୍ଥ ଓ ସାମାଜିକ ବା ସାମୂହିକ ସ୍ୱାର୍ଥ ମଧ୍ୟରେ ବିବାଦ ଦେଖାଦେଲେ ସମୂହ ସ୍ୱାର୍ଥ ହିଁ ବଳବତ୍ତର ରହିବ। ତେବେ କେବଳ ଆଇନ ମାଧ୍ୟମରେ ରାଷ୍ଟ୍ରର ସାମାଜିକ ନ୍ୟାୟ ଲୋକଙ୍କ ଉପରେ ଲଦିଦେଇ ପାରିବା ନାହିଁ। ଏଥିପାଇଁ ସାମାଜିକ ଅଭ୍ୟାସ ଓ ସାମାଜିକ ଅନୁଷ୍ଠାନମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୋଟ ଉପରେ ସାମାଜିକ ନ୍ୟାୟ, ସାମାଜିକ ସମାନତା ଓ ସାମାଜିକ ଅଧିକାର ସହ ସମ୍ପୃକ୍ତ, ମାତ୍ର ଏଗୁଡ଼ିକ ଅର୍ଥନୈତିକ ସମତା ଓ ଅର୍ଥନୈତିକ ଅଧିକାର ଉପରେ ନିର୍ଭରଶୀଳ । ପ୍ରତିବର୍ଷ ଫେବୃୟାରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ସାମାଜିକ ନ୍ୟାୟ ଦିବସର ସନ୍ଦର୍ଭ ଲୋକ, ପୃଥିବୀ ଏବଂ ପ୍ରଗତି ପାଇଁ ସାମାଜିକ ନ୍ୟାୟ । ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି,ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏକ ନିରପେକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲ୍‌ଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ଦାରିଦ୍ର୍ୟ, ସାମାଜିକ ବାସନ୍ଦ, ବେକାରି ଆଦି ଦୂର କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଧର୍ମ-ବର୍ଣ୍ଣ-ଜାତି ସଂପ୍ରଦାୟ ନିର୍ବିଶେଷରେ ସାମାଜିକ ନ୍ୟାୟ ପ୍ରତ୍ୟେକ ମଣିଷର ଅଧିକାର। କୌଣସି ରାଷ୍ଟ୍ର ନିଜର ନାଗରିକତାର ଅଧିକାରରୁ ଏଥିରୁ ବଞ୍ଚିତ କରିବା ଅନୁଚିତ। ମୁଖ୍ୟତଃ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଏହି ଅଧିକାର ଉଲ୍ଲଙ୍ଘିତ ହେଉଥିବାର ଦେଖାଯାଉଛି। ତେଣୁ ଏ ବାବଦରେ ଜନସଚେତନା ସୃଷ୍ଟି କରିବା ମଧ ଏହି ଦିବସ ପାଳନର ଲକ୍ଷ୍ୟ। ସାମାଜିକ ନ୍ୟାୟ ଏକ ବିଚାର, ଏକ ମୂଲ୍ୟବୋଧ। ସମସ୍ତ ମଣିଷଙ୍କୁ ସମାନ ଭାବେ ଦେଖିବା, ତଥା ସାମାଜିକ-ଧାର୍ମିକ-ସାଂସ୍କୃତିକ ଆଧାରରେ ଭେଦଭାବ ନ ରଖିବା ମୂଲ୍ୟବୋଧ ଉପରେ ଏହି ବିଚାର ଆଧାରିତ। ଇଉରୋପୀୟ ଦାର୍ଶନିକ ପରମ୍ପରାରେ ସକ୍ରେଟିସ୍, ପ୍ଲାଟୋ, ଆରିଷ୍ଟଟଲ୍ ଓ ପାଉଣ୍ଡ ଆଦି ସାମାଜିକ ନ୍ୟାୟ ବାବଦରେ ନିଜସ୍ୱ ମତ ରଖିଥିଲେ। ଭାରତରେ ରାଷ୍ଟ୍ରୀୟ ମାନବାଧିକାର ଆୟୋଗ, ରାଷ୍ଟ୍ରୀୟ ମହିଳା ଏବଂ ବାଳ ବିକାଶ ଆୟୋଗ ସହ ଲକ୍ଷ ଲକ୍ଷ ସ୍ୱୟଂସେବୀ ଅନୁଷ୍ଠାନ, ଜଣେ ସାଧାରଣ ମଣିଷ କିପରି ଭେଦଭାବର ଶିକାର ନହେଉ ବୋଲି ସବୁବେଳେ ପ୍ରୟାସ ଚଳାଇଥାନ୍ତି। ଗ୍ରୀକ୍ ଦାର୍ଶନିକ ପ୍ଲାଟୋଙ୍କ ମତରେ, ନିଜର ନିର୍ଦ୍ଧାରିତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ଏବଂ ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ ନ କରିବା ହିଁ ନ୍ୟାୟ । ସକ୍ରେଟିସଙ୍କ ସାମାଜିକ ନ୍ୟାୟ ଧାରଣା ମୁଖ୍ୟତଃ ନୈତିକତା, ସତ୍ୟ ଏବଂ ଆତ୍ମାର ଶୁଦ୍ଧତା ଉପରେ ଆଧାରିତ । ଯେଉଁଠାରେ ନ୍ୟାୟ ହେଉଛି ଏକ ବ୍ୟକ୍ତିଗତ ଗୁଣ ଯାହା ସମାଜରେ ସୁସମ୍ପର୍କ ସୃଷ୍ଟି କରେ , ନିଜର କର୍ତ୍ତବ୍ୟ ସଠିକ୍ ଭାବରେ କରିବା ଏବଂ କାହାରି କ୍ଷତି ନ କରିବା, ଯାହାକି ଶାସକ ଓ ନାଗରିକଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ । ସଂକ୍ଷେପରେ କହିବାକୁ ଗଲେ ସକ୍ରେଟିସଙ୍କ ନ୍ୟାୟ ଧାରଣା ନିର୍ଜୀବ ନିୟମ ଅପେକ୍ଷା ଆଚରଣ ଓ ଚରିତ୍ରର ଉନ୍ନତି ଉପରେ ଅଧିକ ଗୁରୁତ୍ୱ ଦେଇଥାଏ। ଆରିଷ୍ଟୋଟଲଙ୍କ ସାମାଜିକ ନ୍ୟାୟ ମୁଖ୍ୟତଃ ପ୍ରାପ୍ୟ ଅନୁଯାୟୀ ବଣ୍ଟନ ଏବଂ ସମାନତା ଉପରେ ଆଧାରିତ । ସେ ମଣିଷକୁ ଏକ ସାମାଜିକ ପ୍ରାଣୀ ଭାବରେ ବିବେଚନା କରନ୍ତି, ଯେଉଁଠାରେ ନ୍ୟାୟ ସମାଜରେ ନୀତି ଓ ସମନ୍ୱୟ ସୃଷ୍ଟି କରେ। ତାଙ୍କ ମତରେ, ନ୍ୟାୟ କେବଳ ଆଇନ ପାଳନ ନୁହେଁ, ବରଂ ପ୍ରତ୍ୟେକ ବ୍ୟକ୍ତିକୁ ତାଙ୍କର ଯୋଗ୍ୟତା ଓ କାର୍ଯ୍ୟ ଅନୁସାରେ ସମ୍ମାନ ତଥା ସମ୍ବଳ ମିଳିବା ଉଚିତ୍। ରୋସ୍କୋ ପାଉଣ୍ଡଙ୍କ ସାମାଜିକ ନ୍ୟାୟ ଧାରଣା ମୁଖ୍ୟତଃ ସାମାଜିକ ଇଞ୍ଜିନିୟରିଂ ଉପରେ ଆଧାରିତ, ଯାହା ସମାଜରେ ସର୍ବାଧିକ ଆବଶ୍ୟକତା ପୂରଣ ଏବଂ ସର୍ବନିମ୍ନ ସଂଘର୍ଷକୁ ଲକ୍ଷ୍ୟ କରିଥାଏ। ସେ ଆଇନକୁ ଏକ ସାଧନ ଭାବେ ବ୍ୟବହାର କରି ବ୍ୟକ୍ତିଗତ, ସାଧାରଣ ଏବଂ ସାମାଜିକ ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ, ଯାହାଦ୍ୱାରା ସାମାଜିକ ବିକାଶ ସମ୍ଭବ ହୋଇପାରିବ।

ଉଭୟ ପାଶ୍ଚାତ୍ୟ ଏବଂ ପ୍ରାଚୀନ ଏସୀୟ ସଂସ୍କୃତିରେ, ସାମାଜିକ ନ୍ୟାୟର ଧାରଣା ପ୍ରାୟତଃ ସୂଚିତ କରେ ଯେ ବ୍ୟକ୍ତିମାନେ ସେମାନଙ୍କର ସାମାଜିକ ଭୂମିକା ନିର୍ବାହ କରନ୍ତୁ ଏବଂ ସମାଜଠାରୁ ତାହା ପରନ୍ତୁ ଯାହା ପାଇବା ଉଚିତ। ସାମ୍ପ୍ରତିକ ବିଶ୍ୱ ତୃଣମୂଳ ସାମାଜିକ ନ୍ୟାୟ ଆନ୍ଦୋଳନରେ, ସାମାଜିକ ଗତିଶୀଳତା ଉପରେ ପ୍ରତିବନ୍ଧକ ଭାଙ୍ଗିବା, ଅର୍ଥନୈତିକ ନ୍ୟାୟ ଗଠନ ଉପରେ ଧ୍ୟାନ ଦିଆଯାଉଛି। ସାମାଜିକ ନ୍ୟାୟର ନୀତି ହେଉଛି ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ ଏହାର କାର୍ଯ୍ୟକ୍ରମ ଏବଂ ଯୋଜନା ମାଧ୍ୟମରେ ଏକ ଐକିକ ସମାଜ ଗଠନ କରିବାକୁ ଚେଷ୍ଟାକରେ ଯେଉଁଠାରେ ଲକ୍ଷ୍ୟ ଗୋଷ୍ଠୀର ସଦସ୍ୟମାନଙ୍କୁ ସେମାନଙ୍କର ଅଭିବୃଦ୍ଧି ଏବଂ ବିକାଶ ପାଇଁ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦିଆଯାଏ। ବିଭାଗର ନୀତି ଏବଂ କାର୍ଯ୍ୟକ୍ରମଗୁଡିକ ଲକ୍ଷ୍ୟ ହେଉଛି; ଅନୁସୂଚିତ ଜାତି, ଜନଜାତି, ଅର୍ଥନୈତିକ ପଛୁଆ ବର୍ଗ ଶ୍ରେଣୀ, ଅନ୍ୟାନ୍ୟ ପଛୁଆ ବର୍ଗ ଶ୍ରେଣୀର ଶିକ୍ଷାଗତ, ସାମାଜିକ ଏବଂ ଅର୍ଥନୈତିକ ସଶକ୍ତିକରଣ। ଦେଶର ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ରକ୍ଷଣାବେକ୍ଷଣ, ସ୍ୱାସ୍ଥ୍ୟ ସେବା, କଲ୍ୟାଣ, ସୁରକ୍ଷା, ଉତ୍ପାଦନକାରୀ ଏବଂ ସ୍ୱାଧୀନ ଜୀବନଯାପନରେ ସାହାଯ୍ୟ। ମଦ୍ୟପାନ ଏବଂ ମାଦକ ପଦାର୍ଥର ଅପବ୍ୟବହାରକୁ ରୋକ୍ ଦେବା ଏବଂ ଚିକିତ୍ସା କରିବା। ଅନେକ ସମୟରେ ସାମାଜିକ ନ୍ୟାୟ ମଧ ସମାଲୋଚିତ ହୋଇଥାଏ ବିଶ୍ୱ ସମ୍ବିଧାନ ଓ ଅନ୍ତର୍ଜାତୀୟ ସ୍ତରରେ। ପ୍ରଥମତଃ ସାମାଜିକ ନ୍ୟାୟ ପାଇଁ ଦାବିଗୁଡିକ ରାଷ୍ଟ୍ରର କାର୍ଯ୍ୟ ପରିସରକୁ ବୃଦ୍ଧି କରେ । ଯେଉଁ ରାଷ୍ଟ୍ରର କର୍ମଚାରୀ ବୃନ୍ଦ ନିଜର ସ୍ୱାର୍ଥକୁ ଚରିତାର୍ଥ ଚେଷ୍ଟିତ ହୁଅନ୍ତି, ସେହି ପରିବେଶରେ ସାମାଜିକ ନ୍ୟାୟ ଆଶାୟୀ ହେବା ବୃଥା ପ୍ରୟାସ ଅଟେ। ଦ୍ୱିତୀୟତଃ ସାମାଜିକ ନ୍ୟାୟର ନୀତି ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ହେଲେ, ଅଧିକାରକୁ ସଙ୍କୁଚିତ କରିବା ଆବଶ୍ୟକ। ପରିଶେଷରେ ସାମାଜିକ ନ୍ୟାୟର ସୁରକ୍ଷା ନିମନ୍ତେ ମୌଳିକ ଆବଶ୍ୟକତା ଗୁଡ଼ିକ ବାଛିବା କଷ୍ଟକର ବ୍ୟାପାର ଅଟେ, ଯାହାକି ସମତାର ଧାରଣାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ।

ଚଳିତ କେନ୍ଦ୍ର ବଜେଟ୍ ଅଧିବେଶନରେ ରାଜ୍ୟସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଜାତିଗତ ବୈଷମ୍ୟ ପ୍ରସଙ୍ଗ ଉଠାଇଥିଲେ। ଗୃହରେ ଭାଷଣ ଦେଇ ସେ କହିଥିଲେ ଯେ ଆମେ ପ୍ରାୟତଃ ଦଳିତ, ଅବହେଳିତ ଏବଂ ଦୁର୍ବଳ ବର୍ଗର ଉନ୍ନତି ବିଷୟରେ କଥା ହେଉ। ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନ ନୁହେଁ, ବରଂ ସମ୍ବିଧାନର ଆତ୍ମା ଏବଂ ଏହାକୁ ସୁରକ୍ଷା ଦେବା ଆମର ସାମୂହିକ ଦାୟିତ୍ୱ। ଏକବିଂଶ ଶତାବ୍ଦୀରେ, ଯେତେବେଳେ ଆମେ ସାମାଜିକ ବିକାଶ, ସଂସ୍କାର ଏବଂ ଏକତା ବିଷୟରେ କଥା ହେଉ, ଓଡ଼ିଶାର ଏକ ଘଟଣା ଆମ ଆଖି ସାମ୍ନାକୁ ଆସେ । ଏକ ଅଙ୍ଗନୱାଡି କେନ୍ଦ୍ରକୁ ଗତ ତିନି ମାସ ଧରି ଛାତ୍ରଛାତ୍ରୀମାନେ ଆସୁନାହାନ୍ତି। କାରଣ ଜଣେ ଦଳିତ ମହିଳା ସହାୟକ ଏବଂ ରୋଷେୟା ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକ ସେମାନଙ୍କ ପିଲାମାନଙ୍କୁ ସେହି ଖାଦ୍ୟ ଦେବାକୁ ମନା କରୁଛନ୍ତି। ଏହା କେବଳ ଜଣେ ମହିଳାଙ୍କ ପ୍ରତି ଅପମାନ ନୁହେଁ, ବରଂ ଆମର ସାମ୍ବିଧାନିକ ମୂଲ୍ୟବୋଧ ଏବଂ ସାମାଜିକ ଚେତନାର ପରୀକ୍ଷା। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ପିଲାମାନଙ୍କ ଶାରୀରିକ ଏବଂ ମାନସିକ ବିକାଶର ମୂଳଦୁଆ। ଯଦି ସେଠାରେ ଜାତିଗତ ପକ୍ଷପାତ ଏବଂ ଭେଦଭାବର ପ୍ରାଚୀର ଛିଡ଼ା ହୁଏ, ତେବେ ଏହା ପିଲାମାନଙ୍କ ମନ ଏବଂ ସେମାନଙ୍କ ଭବିଷ୍ୟତ ଉପରେ ସିଧାସଳଖ ପ୍ରଭାବ ପକାଇବ। ଏହି ପରିସ୍ଥିତି ସମ୍ବିଧାନର ଧାରା ୨୧(ଏ) ଅନୁଯାୟୀ ଶିକ୍ଷା ଅଧିକାରକୁ କ୍ଷୁର୍ଣ୍ଣ କରେ। ଦେଶ- ଦେଶ ଓ ମଣିଷ - ମଣିଷଙ୍କ ଭିତରେ ଥିବା ଅସମାନତା ସାମାଜିକ ଏକତା ଦୁର୍ବଳ କରିବାରେ ଲାଗିଛି। ଏହା ସେମାନଙ୍କୁ ସେମାନଙ୍କ ଅଧିକାର ପାଇବାରେ ବାଧା ସୃଷ୍ଟି କରୁଛି ଓ ଅର୍ଥନୀତି ଉପରେ ମଧ ବୋଝ ପାଲଟୁଛି। ଏଣୁ ଅସମାନତା ଦୂର କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରାଯାଇପାରିଲେ ଦାରିଦ୍ର୍ୟ ହଟିଯିବ। ତା' ପାଇଁ ସମୟ ଏବେ ଉପନୀତ। ବିଶ୍ୱର ବିକାଶ ଓ ମାନବିକତାର ପ୍ରତିଷ୍ଠା ପାଇଁ ବିଶ୍ୱ ସମୁଦାୟ ଯତ୍ନବାନ ହେବା ଦରକାର।

ମୋ- ୯୪୩୭୯୫୫୫୬୮

# ବଜେଟ : ବିଶ୍ଳେଷଣ ଓ ବିଶେଷତା

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

ଫେବୃଆରୀ ମାସ ଏକ ତାରିଖ। ରବିବାର। ଆଗାମୀ ବର୍ଷର ସାଧାରଣ ବଜେଟ ସଂସଦରେ ଉପସ୍ଥାପିତ ହୋଇଛି। ଅତି ଆବଶ୍ୟକ ପରିସ୍ଥିତିରେ ଯଦିଓ ଛୁଟିଦିନରେ ମଧ ସଂସଦ ଚାଲିବାର ଉଦାହରଣ ରହିଛି ତେବେ ପୂର୍ବରୁ କେନ୍ଦ୍ର ବଜେଟ କେବେ ରବିବାର ଉପସ୍ଥାପିତ ହୋଇନଥିଲା। ଚଳିତ ବର୍ଷ ପ୍ରଥମ କରି ଛୁଟିଦିନରେ ବଜେଟ ଉପସ୍ଥାପନ କରାଗଲା। ୨୦୨୦ ମସିହା ବଜେଟ ପେଶ ବେଳେ ବି□ମନ୍ତ୍ରୀ ୧୬୨ ମିନିଟ୍ ସମୟ ନେଇଥିଲେ। ଏଥର ସେ ୮୫ ମିନିଟ୍ ନେଇଛନ୍ତି। ଦିବଂଗତ ମୋରାରଜି ଦେଶାଇଙ୍କ ପରେ ନିର୍ମଳା ସୀତାରମଣ ହେଉଛନ୍ତି ଦେଶର ଦ୍ୱିତୀୟ ଅର୍ଥମନ୍ତ୍ରୀ ଯିଏ ଲଗାତାର ନବମ ଥର ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଛନ୍ତି। ଆର୍ଥିକ ଅଭିବୃଦ୍ଧି ମାଧ୍ୟମରେ ଦେଶକୁ ଆଗେଇନେବା, ଲୋକଙ୍କ ଆଶା ପୂରଣ କରିବା, ବିକାଶରେ ସହଭାଗୀ କରେଇବା ଏବଂ ସବକା ସାଥ, ସବକା ବିକାଶ ସୂତ୍ର ସହ ସମସ୍ତଙ୍କୁ ସମାନ ଅବସର ଉପଲବ୍ଧ କରାଇବା ଥିଲା ନୂତନ ସଂସଦ କର୍ତ୍ତବ୍ୟ ଭବନର ପ୍ରଥମ ବଜେଟର ତିନି ପ୍ରମୁଖ କର୍ତ୍ତବ୍ୟ ଯାହା ବି□ମନ୍ତ୍ରୀ ଗୋଟି ଗୋଟି କରି ଗଣେଇଥିଲେ। ଘର ବଜେଟ ପ୍ରସ୍ତୁତି ବେଳେ ଆମେ ଆମର ଆୟ ଓ ବ୍ୟୟ ଆଧାରରେ ସଞ୍ଚୟ କିମ୍ବା ନିଅଣ୍ଟର ହିସାବ କରିଥାଉ। ନିଅଣ୍ଟିଆ ପରିସ୍ଥିତିରେ କେଉଁଠୁ କେତେ କରଜ ଆଣିବାକୁ ପଡ଼ିବ ତାର ମଧ ଆକଳନ କରିଥାଉ। ଦେଶ ମଧ ଠିକ ସେଇୟା କରେ। ଆଗାମୀ ଏକ ବର୍ଷର ଆର୍ଥିକ ହିସାବ କିତାବ କରିଥାଏ ଯାହାକୁ ସରଳ ଭାଷାରେ ବଜେଟ କୁହାଯାଏ। ବଜେଟରେ ନିଜ ଦେଶର ବାର୍ଷିକ ଆୟବ୍ୟୟର ହିସାବକିତାବ ସହ ଅନ୍ୟ ଦେଶକୁ ଋଣ ଦେବାର ବ୍ୟବସ୍ଥା ହୋଇଥାଏ। ୨୦୨୬-୨୭ ଆର୍ଥିକ ବର୍ଷରେ ଦେଶର ୧୪୫ କୋଟି ଜନତାଙ୍କ ପାଇଁ ବଜେଟରେ ୫୩.୪୭ ଲକ୍ଷ କୋଟି ଟଙ୍କାର ପ୍ରାବଧାନ ରହିଛି। ଏହା ଗତ ବର୍ଷର ବଜେଟରୁ ୨.୮୨ ଲକ୍ଷ କୋଟି ଟଙ୍କା (୫.୫%) ଅଧିକ। ଅର୍ଥାତ୍ ଏହି ବର୍ଷ ପ୍ରତ୍ୟେକ ବ୍ୟକ୍ତି ପିଛା ହାରାହାରି ୩୬,୮୭୮ ଟଙ୍କା ଖର୍ଚ୍ଚ ହେବ। ଏହି ଖର୍ଚ୍ଚ ଅପ୍ରତ୍ୟକ୍ଷ ରୂପେ ବିଭିନ୍ନ ବିକାଶ ଯୋଜନା ମାଧ୍ୟମରେ ଆସନ୍ତା ଏକ ବର୍ଷ ମଧ୍ୟରେ କରାଯିବ। ୨୦୧୪-୧୫ ରେ ଭାରତର ବଜେଟ ୧୭.୯୫ ଲକ୍ଷ କୋଟି ଟଙ୍କା ଥିଲା ଯାହା ୨୦୨୬-୨୭ ରେ ୫୩.୪୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୩୫.୫୨ ଲକ୍ଷ କୋଟି (୧୯୮%) ବୃଦ୍ଧି ଘଟିଛି। ପାକିସ୍ତାନର ସମଗ୍ର ଅର୍ଥବ୍ୟବସ୍ଥା ୩୮ ଲକ୍ଷ କୋଟି। ଭାରତର ଏ ବର୍ଷର ବଜେଟ ତାର



ପୁରା ବଜେଟରୁ ୧୫ ଲକ୍ଷ କୋଟି ଅଧିକ। ଦୁଇ ଦଶକ ପୂର୍ବରୁ ଆମ ଦେଶର ବଜେଟ ଶୀର୍ଷ କୋଡ଼ିଏ ଦେଶ ମଧ୍ୟରେ ମଧ ଆସୁନଥିଲା। ସମ୍ପ୍ରତି ଏହା ଦୁନିଆର ପଞ୍ଚମ ବୃହତ୍ତମ ବଜେଟ। ଜର୍ମାନୀ, ଫ୍ରାନ୍ସ ଓ ରୁଷିଆର ବାର୍ଷିକ ବଜେଟ ଭାରତ ଅପେକ୍ଷା କମ୍ ରହିଛି। ଭାରତର ମୁଣ୍ଡ ଉପରେ ଏବେ ୨୧୪.୮ ଲକ୍ଷ କୋଟି ଟଙ୍କାର ଋଣ ରହିଛି ଯାହା ଗତ ବର୍ଷ ଅପେକ୍ଷା ୩୩ ଲକ୍ଷ କୋଟି ଅଧିକ। ଭାରତ ଭାରତୀୟ ବ୍ୟାଙ୍କ, ବୀମା କମ୍ପାନୀ, ପେନ୍‌ସନ୍ ଫଣ୍ଡ, ଆରବିଆଇ, ସରକାରୀ ବଣ୍ଡ ଇତ୍ୟାଦିରୁ ୨୦୭.୭୦ ଲକ୍ଷ କୋଟି ଓ ବିଦେଶରୁ ୭.୧୦ ଲକ୍ଷ କୋଟି ଋଣ କରିଛି। ନିଜ ଦେଶର ବିଭିନ୍ନ ସୂତ୍ରରୁ କରିଥିବା କରଜ ତୁଳନାରେ ବିଦେଶୀ ଋଣ ଖୁବ୍ ନଗଣ୍ୟ। ମାତ୍ର ୩ ପ୍ରତିଶତ। ତେଣୁ ବିଦେଶୀ ରାଷ୍ଟ୍ର ଋଣ ପରିଶୋଧ ପାଇଁ ଭାରତ ଉପରେ ଚାପ ପକେଇଲେ ମଧ କୌଣସି ଅସୁବିଧା ହେବାର ସମ୍ଭାବନା ନାହିଁ। ପ୍ରଭାବ ପଡ଼ିବ ନାହିଁ। ଋଣ କରିବା କ୍ଷେତ୍ରରେ ମଧ ଭାରତର ସ୍ଥିତି ବିକଶିତ ରାଷ୍ଟ୍ରମାନଙ୍କ ତୁଳନାରେ ଭଲ ରହିଛି। ଆମେରିକା, ଜାପାନ ଓ ଚୀନ ନିଜନିଜ ଜିଡିପିର ଯଥାକ୍ରମେ ୧୨୧, ୨୩୬ ଓ ୮୮ ପ୍ରତିଶତ ଋଣ କରିଥିବାବେଳେ ଭାରତ ୫୫.୬୦% କରଜ କରିଛି। ଭାରତର ବାର୍ଷିକ ଆୟ ୩୬.୫୦ ଲକ୍ଷ କୋଟି ଟଙ୍କା, ଖର୍ଚ୍ଚ ୫୩.୪୭ ଲକ୍ଷ କୋଟି। ନିଅ□ କିମ୍ବା କ୍ଷତି ୧୬.୯୭ କୋଟି ଯାହା ତାର ଜିଡିପିର ୪.୪୩% ଅଟେ। ବିଗତ ଦଶ ବର୍ଷ ମଧ୍ୟରେ ଏହା ୬.୭% ରୁ ୪.୩%କୁ ଖସିଛି। ଗତବର୍ଷ ଏହି ଦର ୪.୪% ଥିଲା। କରଜ ଦ୍ୱାରା ଏହା ପୂରଣ ହେବ। ଭାରତୀୟ ବଜେଟରେ ଅନ୍ୟ ଦେଶକୁ ଲୋନ ଆକାରରେ ସହାୟତା ପ୍ରଦାନ କରିବାର ପ୍ରବଧାନ ରଖା ଯାଇଥାଏ। ଗତ ବର୍ଷ ତୁଳନାରେ ଏହି ବର୍ଷ ବିଭିନ୍ନ ଦେଶକୁ ଅଧିକ ଋଣ ଦେବାର ବ୍ୟବସ୍ଥା ବଜେଟରେ ରହିଛି। ଭୁଟାନକୁ ୨୨୮୮ କୋଟି, ଆଫଗାନିସ୍ତାନକୁ ୧୫୦ କୋଟି, ନେପାଳକୁ ୮୦୦ କୋଟି, ଶ୍ରୀଲଙ୍କାକୁ ୪୦୦ କୋଟି, ମଙ୍ଗୋଲିଆକୁ ୫୫୦ କୋଟି, ସେସେଲ୍ସକୁ ୧୯ କୋଟି ଟଙ୍କା ଋଣ ପ୍ରଦାନର ବ୍ୟବସ୍ଥା ରହିଛି। ଏସବୁ ଭାରତର ମିତ୍ର ରାଷ୍ଟ୍ର। କିନ୍ତୁ ଅପରପକ୍ଷେ ବାଂଲାଦେଶ, ମାଳଦ୍ୱୀପ, ମ୍ୟାନମାରର ଋଣ ଗତ ବର୍ଷ ତୁଳନାରେ ହ୍ରାସ କରାଯାଇଅଛି। ଏସବୁ ଭାରତର ମିତ୍ର ରାଷ୍ଟ୍ର ନୁହନ୍ତି। ଇରାନକୁ ଗତ ବର୍ଷ ୪୦୦ କୋଟି ଟଙ୍କା ଋଣ ମିଳିଥିଲା। ରାଜନୈତିକ ଅସ୍ଥିରତା ଓ ଜବାହର ବନ୍ଦର ନିର୍ମାଣ କାର୍ଯ୍ୟ ବନ୍ଦ ପଡିଥିବାରୁ ଏବର୍ଷ ବଜେଟରେ ତାକୁ ଋଣ ନଦେବା ପ୍ରସ୍ତାବ ରହିଛି। ପାକିସ୍ତାନ ଆମର ପଡୋଶୀ ରାଷ୍ଟ୍ର। କିନ୍ତୁ ପାରମ୍ପରିକ ଶତ୍ରୁ। ତାକୁ ସହାୟତାର ଶକ୍ତ ଆବଶ୍ୟକତା ଥିଲେ ମଧ ଭାରତରୁ କାଣି ପଇସାଟିଏ ମଧ ମିଳେନାହିଁ। ଭାରତ ବିରୋଧୀ କାମ କରୁଥିବା ଦେଶକୁ ଭାରତ ଅଣଦେଖା କରେ। ଉପେକ୍ଷା କରିଥାଏ। ମହତ୍ତ୍ୱ ଦେଇନଥାଏ। ଅପରେସନ ସିନ୍ଦୂର ପରେ ଓ ସାମ୍ପ୍ରତିକ ବୈଶ୍ୱିକ ଅସ୍ଥିରତାକୁ ଦୃଷ୍ଟିରେ ରଖି ସମଗ୍ର ବାର୍ଷିକ ବଜେଟର ୧୪.୭% ଅର୍ଥାତ୍ ୭.୮୫ ଲକ୍ଷ କୋଟି ଟଙ୍କା ରକ୍ଷା ବିଭାଗକୁ ଆବଣ୍ଟିତ ହୋଇଛି ଯାହା ଗତ ବର୍ଷ ତୁଳନାରେ ପାଖାପାଖି ୧୫% ଅଧିକ। ସ୍ୱଦେଶୀ ଆଧୁନିକ ଅସ୍ତ୍ରଶସ୍ତ୍ର ନିର୍ମାଣ ପୂର୍ବକ ଆତ୍ମନିର୍ଭରଶୀଳ ହେବାପାଇଁ ରିସାର୍ଚ୍ଚ ଓ ଡେଭଲପମେ□ ଡିପାର୍ଟମେଣ୍ଟକୁ ଚଳିତ ବଜେଟରେ ଅଧିକ ରାଶି ଆବଣ୍ଟନ ହୋଇଛି। ଗତ ବର୍ଷ ୧୪୯୨୩ ଲକ୍ଷ ଏହି ବିଭାଗକୁ ମିଳିଥିଲା। ଏବର୍ଷ ତାକୁ ବୃଦ୍ଧି କରି ୧୭୨୫୦ ଲକ୍ଷ ରାଶିର ଆବଣ୍ଟନ ହୋଇଛି। ଯାତାୟାତ, ଗ୍ରାମୀଣ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସବ୍‌ସିଡିରେ ଯଥାକ୍ରମେ ୭.୮୫, ୨.୭୩, ୧.୩୯, ୧.୦୪ ଓ ୪.୫୩ ଲକ୍ଷ କୋଟି ଖର୍ଚ୍ଚ ହେବ। ଏହି ବଜେଟରେ କେପିଟାଲ ଏକ୍ସପେଣ୍ଡିଚର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ସେକ୍ଟରରେ ୭.୪୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଯାହା ୬୯.୪% ବୃଦ୍ଧି ପାଇ ୨୦୨୬-୨୭ରେ ୧୨.୨୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଚଳିତ ବଜେଟ ପାରମ୍ପରିକ ନୁହଁ। ୨୦୪୭ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ପ୍ରସ୍ତୁତ। ଏହା ଉଜ୍ଜ୍ୱଳ ଭାରତର ପୃଷ୍ଠଭୂମି। ସେମି କଣ୍ଡକ୍ଟର ପ୍ରସ୍ତୁତି, ଓଡିଶା, ଅନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ କେରଳରେ ଦୁର୍ଲଭ ପୃଥିବୀ ଖଣିଜ କରିଡର, ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ, ଡେଟା ସେଣ୍ଟର, ଅରେଞ୍ଜ ଇକୋନମୀ ଇତ୍ୟାଦି କ୍ଷେତ୍ରରେ ଏହି ବଜେଟ ଯଥେଷ୍ଟ ଗୁରୁତ୍ୱ ଆରୋପ କରେ। ଆର୍ଟ, ଏଜୁକେଶନାଲ ଆନିମେସନ, କ୍ରିଏଟିଭ କଣ୍ଟେଣ୍ଟ ଡ଼ିଜାଇନିଙ୍ଗ ଇତ୍ୟାଦି ଅରେଞ୍ଜ ଇକୋନମିର ଅନ୍ତର୍ଭୁକ୍ତ। ଏସବୁ କ୍ଷେତ୍ରରେ ୨୦ ଲକ୍ଷ ଚାକିରୀ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ୧୫୦୦୦ ମାଧ୍ୟମିକ ସ୍କୁଲ ଓ ୫୦୦ କଲେଜରେ ଏନିମେସନ୍ ଓ ଗ୍ରାଫିକ୍ ଡ଼ିଜାଇନିଂ କୋର୍ସ ଚାଲିବ। ସମ୍ପ୍ରତି ଭାରତକୁ ବାର୍ଷିକ ଏକ ଲକ୍ଷ ପର୍ଯ୍ୟଟକ ଆସନ୍ତି। ଏହା ୧୦ ଲକ୍ଷକୁ ବୃଦ୍ଧି କରିବାର ଯୋଜନା ରହିଛି।

ବାର୍ଷିକ ବଜେଟ ଉପସ୍ଥାପନ ବେଳେ କେଉଁ ଜିନିଷ ଶସ୍ତା ହେବ ତାରି ଉପରେ ସାଧାରଣତଃ ସାଧାରଣ ଜନତାଙ୍କ ନଜର ରହିଥାଏ। ଯେମିତି ରାସନ ରୋଷେଇ ସାମାନ, ରୋଷେଇ ଗ୍ୟାସ, ଷ୍ଟେସନାରୀ, ଘରୋଇ ଉପକରଣ ଇତ୍ୟାଦି। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଓ ଉପକରଣର ଦାମ୍ ନକମିଲେ କିମ୍ବା ଟିକସ୍ ସ୍ଲାବ ନବଢ଼ିଲେ ଲୋକ ବଜେଟକୁ ନାପସନ୍ଦ କରିଥାନ୍ତି। ସମାଲୋଚନା କରିଥାନ୍ତି। ଜନବିରୋଧୀ କହିଥାନ୍ତି। ଭିତ୍ତିଭୂମିର ବିକାଶ, ପ୍ରାଦ୍ୟୋଗିକୀ ପ୍ରୟୋଗ, ଆଧୁନିକୀକରଣ ଇତ୍ୟାଦି ବିକାଶର ସୂଚକ। ଦେଶ ବିକଶିତ ହେଲେ ସମାଜ ଓ ସମାଜ ବିକଶିତ ହେଲେ ବ୍ୟକ୍ତିର ବିକାଶ ହେବା ସ୍ୱାଭାବିକ। ବ୍ୟକ୍ତିଗତ ସ୍ୱାର୍ଥ ଏବଂ ସ୍ୱଳ୍ପକାଳୀନ ଲାଭକୁ ଦୃଷ୍ଟିରେ ରଖି ବଜେଟକୁ ତର୍ଜମା କରିବା ଓ ତଦନୁସାରେ ଉତ୍କୃଷ୍ଟ କିମ୍ବା ନିକୃଷ୍ଟ ବିଚାର ବିବେଚନା କରିବା ଠିକ୍ ହେବ ନାହିଁ। ସମତୁଲ ବଜେଟ ସବୁବେଳେ ଉଭୟ ଦୀର୍ଘମିଆଦି ଏବଂ ସ୍ୱଳ୍ପମିଆଦି ଲାଭ ଉପରେ ଜୋର୍ ଦେଇଥାଏ। ଆବଶ୍ୟକତା ଆଧାରରେ ବିଭିନ୍ନ ବିଭାଗକୁ ଅର୍ଥ ଆବଣ୍ଟନ କରିଥାଏ। ବୈଶ୍ୱିକ ସ୍ଥିତି ଓ ରାଷ୍ଟ୍ରୀୟ ହିତକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଥିବା ବାର୍ଷିକ ଆର୍ଥିକ ହିସାବକିତାବ ଏକ ଉତ୍କୃଷ୍ଟ ବଜେଟ। ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନରେ ବଜେଟ, ୨୦୨୬ ସହାୟକ ହେବ ବୋଲି ମନେକରାଯାଏ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜଳ ସେଚନ, ପାନୀୟ ଜଳ, ମହିଳା ସଶକ୍ତିକରଣ, ପ୍ରଦ୍ୟୋଗିକ ବିକାଶ ଓ ରକ୍ଷା କ୍ଷେତ୍ରରେ ପୁଞ୍ଜି ନିବେଶ ଦେଶକୁ ଆତ୍ମନିର୍ଭରଶୀଳ, ସୁଦୃଢ଼ କରିବ ବୋଲି ଆଶା କରାଯାଏ।

ମୋ- ୭୯୭୮୨୮୩୧୯୦

## ବ୍ରହ୍ମପୁର ରେଳ ଷ୍ଟେସନରେ ରୁଫ ପ୍ଲାଜା ନିର୍ମାଣ ନିମନ୍ତେ ଦାବି

ବ୍ରହ୍ମପୁର,୧୮।୨(ନିପ୍ର):ରାଜ୍ୟର ପ୍ରଥମ ତଥା ସର୍ବ ପୁରାତନ ରେଳ ଷ୍ଟେସନ ବିକାଶ ଦିଗରେ ପାତରଅନ୍ତରକୁ ଲୋକେ ବିରୋଧ ଯୋଗୁଁ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଏବଂ ଖୋର୍ଦ୍ଧା ରୋଡ କ୍ଷତ୍ରିୟ ପ୍ରବନ୍ଧକ ଓ ନୂଆଦିଲ୍ଲୀ ସ୍ଥିତ ରେଳ ମନ୍ତ୍ରାଳୟ ସହ ବାରମ୍ବାର କମିଟି ସଦସ୍ୟମାନଙ୍କ ଦ୍ୱାରା ଆଲୋଚନା, ପର୍ଯ୍ୟାଲୋଚନା ଓ ଯୋଗାଯୋଗ କରିବାପରେ ମନ୍ତ୍ରାଳୟ ତରଫରୁ ଷ୍ଟେସନର ଭିତ୍ତିଭୂମି ଉନ୍ନୟନ ପାଇଁ ୯୩.୧୯ କୋଟି ଆର୍ଥିକ ଅନୁମୋଦନ କରିଥିବା ଯୋଗୁଁ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଓ ଦିନ ଦିନ ଧରି ଧାରଣା ଯୋଗୁଁ ଉନ୍ନୟନ ନିମନ୍ତେ ଆଂଶିକ ଅନୁଦାନ ଦେଇଛନ୍ତି ଯାହାକି ପୂର୍ବରୁ ଦାବି ହୋଇଥିବା ୫ ଓ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ, ୧୨ ମିଟରର ଫୁଟ ଓଭର ବ୍ରିଜ, ଅତ୍ୟାଧୁନିକ ବୃହତ ମୁଖଶାଳା ଓ ଷ୍ଟେସନ ରେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଉକ୍ତ ଅର୍ଥ ବିନିଯୋଗ ହେବ ବୋଲି ସୂଚନା ମିଳିଛି । କିନ୍ତୁ ଯୋଜନା ଅନୁମୋଦନ ପାଇଁ ପ୍ରେରିତ ହୋଇଥିବା ଗୋଳନ୍ଥରା ଠାରେ କୋଚିଙ୍ଗ ଡିପୋ ପାଇଁ ବର୍ତ୍ତମାନ ସୁଦ୍ଧା ମନ୍ତ୍ରଣାଳୟ ତରଫରୁ କୌଣସିମତେ ଆର୍ଥିକ ଅନୁମୋଦନ କରିବା ସହ ବ୍ରହ୍ମପୁର ଷ୍ଟେସନରେ ଅତ୍ୟାଧୁନିକ ରୁଫ ପ୍ଲାଜ଼ା ନିର୍ମାଣ କରାଯାଉ ଓ ସୂଚନା ମୁତାବକ ଭୁବନେଶ୍ୱରରେ ୧୦୮ମିଟର, କଟକରେ ୮୫ ମିଟର ଓ ସମ୍ବଲପୁର ରେ ପ୍ରସ୍ତାବିତ ୪୦ ମିଟର ଓସାରର କାର୍ଯ୍ୟକ୍ଷମ କରାଯାଉଥିବା ବେଳେ ବ୍ରହ୍ମପୁରରେ କାହିଁକି ବ୍ୟତିକ୍ରମ କରାଯାଉଛି ବୋଲି କ୍ରିୟାନୁଷ୍ଠାନ କମିଟି ପ୍ରଶ୍ନ କରିଛି ? ଏଥିସହ ଗୋପାଳପୁର - ରେଢ଼ାଖୋଲ ଓ ଗୋପାଳପୁର - ସିଙ୍ଗିପୁର (ରାୟଗଡା) ନୂତନ ରେଳପଥ ନିର୍ମାଣ ନିମନ୍ତେ ତଥା ଓରିଡ଼ିଲ ଦ୍ୱାରା ସର୍ବେକ୍ଷଣ ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ ଏହାକୁ ଆର୍ଥିକ ଅନୁଦାନ ନିମନ୍ତେ ପଦକ୍ଷେପ ନେବାପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ନୂଆଦିଲ୍ଲୀ ସ୍ଥିତ ରେଳ ମନ୍ତ୍ରାଳୟ ଓ ଯନ୍ତର ମନ୍ତର ଠାରେ ଧାରଣା ଦିଆଯିବ ବୋଲି ସ୍ଥିରୀକୃତ କରାଯାଇଛି ବୋଲି ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ କୁହାଯାଇଛି ।

## ଏଆଇ-ସମ୍ପ୍ରସାରିତ ହାତୀ ସୁରକ୍ଷା ପ୍ରଣାଳୀ ଦ୍ୱାରା ଟ୍ରେନ୍-ହାତୀ ଦୁର୍ଘଟଣା ରୋକିବାର ସଫଳ ରୂପାୟନ

ରାଉରକେଲା,୧୮।୨ (ନିପ୍ର): ବନ୍ୟଜନ୍ତୁଙ୍କ ସୁରକ୍ଷା ସହିତ ରେଳ ସୁରକ୍ଷା କ୍ଷେତ୍ରରେ ଏକ ଐତିହାସିକ ସଫଳତା ସୃଷ୍ଟି କରି, ରାଉରକେଲା ବନ ବିଭାଗ ଓଡିଶାରେ ପ୍ରଥମଥର ପାଇଁ ଚାରୋଟି ଏଆଇ-ସମ୍ପ୍ରସାରିତ ହାତୀ ସୁରକ୍ଷା ଟାୱାର ସ୍ଥାପନ କରିଛି । ଏହି ପ୍ରୟାସ ଦ୍ୱାରା ସମ୍ଭାବ୍ୟ ଭୟାବହ ଟ୍ରେନ୍ ହାତୀ ଧକ୍କାକୁ ସଫଳତାର ସହ ରୋକା ଯାଇପାରିଛି । ଏହା ବର୍ତ୍ତମାନର ପ୍ରଯୁକ୍ତି ଓ ପରିବେଶ ସୁରକ୍ଷାର ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତ। ୨୦୨୪ ନଭେମ୍ବର ୧୮ ପର୍ଯ୍ୟନ୍ତ ଏହି ବିଭାଗରେ ଟ୍ରେନ୍ ଦୁର୍ଘଟନାରେ ୫ଟି ହାତୀର ମୃତ୍ୟୁ ଘଟିଥିଲା ଓ ଦକ୍ଷିଣ - ପୂର୍ବ ରେଳପଥ ଅଧୀନରେ ଥିବା ରେଳ ଲାଇନ ଘନବନ ଅଞ୍ଚଳ ମଧ୍ୟ ଦେଇ ଯାଇଛି। ଯାହା ହାତୀମାନଙ୍କ ପାରମ୍ପରିକ ଚଳାଚଳ ପଥକୁ ବିଭକ୍ତ କରି ସେମାନଙ୍କୁ ନିରନ୍ତର ଅସୁବିଧାରେ ପକାଇଥାଏ । ହାୱଡ଼ା-ମୁମ୍ବାଇ ମୁଖ୍ୟ ରେଳପଥ ଏବଂ ହାଟିଆ-ବନ୍ଧମୁଣ୍ଡା-ବରସୁଆ ଶାଖା ରେଳପଥ, ଯାହାକି ବନ୍ଧମୁଣ୍ଡାରେ ସଂଯୁକ୍ତ ହୋଇଛି, ହାତୀ ଚଳାଚଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ। ଏହା ଏତେ ବିସ୍ତୃତ ଯେ, ଏହି ଅଞ୍ଚଳରେ ହାତୀ ଚଳାଚଳର ନିରୀକ୍ଷଣ କରିବା ଅତ୍ୟନ୍ତ କଠିନ ହୋଇପଡେ। ୨୦୨୪ ନଭେମ୍ବର ୧୯ରୁ ଏହି ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚାରୋଟି ଆଧୁନିକ ଏଆଇ ଟାୱାର କାର୍ଯ୍ୟରତ କରାଯାଇଛି, ଯାହାର ବିଶେଷତା ହେଲା ଉନ୍ନତ ଥର୍ମାଲ୍ ଇମେଜିଂ କ୍ୟାମେରା, ଉଚ୍ଚ ସମ୍ବେଦନଶୀଳ ମୋଶନ୍ ସେନ୍ସର, ମେସିନ୍ ଲର୍ଣ୍ଣିଙ୍ଗ ଆଧାରିତ ପ୍ରାଣୀ ପରିଚୟ ପ୍ରଣାଳୀ ଏବଂ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷକୁ ତୁରନ୍ତ ସଚେତନ ବାର୍ତ୍ତା ପ୍ରେରଣ। ଏହି ଏଆଇ ଟାୱାରଗୁଡ଼ିକୁ ହାୱଡ଼ା-ମୁମ୍ବାଇ ମୁଖ୍ୟ ରେଳପଥର ମହିପାଣି ଓ ସୋନାଖାନ ଏବଂ ବନ୍ଧମୁଣ୍ଡା-ବରସୁଆଁ ଶାଖା ରେଳପଥର ଡାଲାକୁଦର ଓ କୁଚେଇଟା ଠାରେ ସ୍ଥାପିତ କରାଯାଇଛି। ଏହା ଓଡ଼ିଶାରେ ପ୍ରଥମ ଏଆଇ ଭିତ୍ତିକ ବନ୍ୟଜନ୍ତୁ ସୁରକ୍ଷା ପ୍ରୟାସ। ୨୦୨୪ ନଭେମ୍ବର ୧୯ରୁ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ପ୍ରାୟ ୮୮୦ଟି ହାତୀ ଚଳାଚଳ ସମ୍ପର୍କିତ ସଚେତନ ବାର୍ତ୍ତା ମିଳିବା ପରେ ଏହାର ସଫଳତା ପ୍ରମାଣିତ ହୋଇଛି। ପ୍ରତ୍ୟେକ ସଚେତନତା ବାର୍ତ୍ତାରେ ଗୋଟିଏ ହାତୀରୁ ଆରମ୍ଭ କରି ୩୦ଟି ପର୍ଯ୍ୟନ୍ତ ହାତୀ ଥିବା ଦଳର ଚଳାଚଳ ଚିହ୍ନଟ ହୋଇଥିଲା। ୨୦୨୫ ନଭେମ୍ବର ୨୬ରେ କୁଚେଇଟାରେ ଏଆଇ ଟାୱାରର ଏକ ସଚେତନ ବାର୍ତ୍ତା ଦ୍ୱାରା ପ୍ରାୟ ୩୦ଟି ହାତୀଙ୍କୁ ଏକ ସମ୍ଭାବ୍ୟ ଦୁର୍ଘଟଣାରୁ ରକ୍ଷା କରାଯାଇଥିଲା। ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା କୁଚେଇଟାରେ ୩୪ଟି ଘଟଣା ରୋକାଯାଇପାରିଛି ଏବଂ ଏହାଦ୍ୱାରା ପ୍ରାୟ ୨୩୩ଟି ହାତୀ ସୁରକ୍ଷିତ ରହିଛନ୍ତି। ସେହିପରି ସୋନାଖାନରେ ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା ୬ଟି ଘଟଣାରେ ପ୍ରାୟ ୨୨ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇଛି। ଏଥିସହିତ ମହିପାଣିରେ ୪ଟି ଘଟଣାରେ ୬ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇଥିଲା ବେଳେ ଡାଲାକୁଦରରେ ଏଆଇ ସମ୍ପ୍ରସାରିତ ସୁରକ୍ଷା ପ୍ରଣାଳୀ ଦ୍ୱାରା ୨ଟି ଘଟଣାରେ ୯ଟି ହାତୀଙ୍କୁ ସୁରକ୍ଷିତ ରଖାଯାଇପାରିଛି।

ହାତୀ ରେଳପଥ ନିକଟରେ ଚଳାଚଳ କଲେ, ଏଆଇ ପ୍ରଣାଳୀ ତୁରନ୍ତ ବନ୍ଧମୁଣ୍ଡା ରେଳ ଏଆରଏମ୍ କାର୍ଯ୍ୟାଳୟରେ ଅବସ୍ଥିତ ନିୟନ୍ତ୍ରଣ କକ୍ଷକୁ ସଚେତନ ବାର୍ତ୍ତା ପଠାଏ, ଯାହା ବନ ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ। ଭାରତୀୟ ରେଳ ବିଭାଗ କର୍ମକର୍ତ୍ତାମାନେ ତୁରନ୍ତ ଗତି ନିୟନ୍ତ୍ରଣ କିମ୍ବା ଆବଶ୍ୟକତା ଅନୁସାରେ ଟ୍ରେନ୍ ରୋକି ଦେଇ ଦୁର୍ଘଟଣା ରୋକିଥାନ୍ତି। ଓଡ଼ିଶାର ବନ ଅଞ୍ଚଳରେ ମାନବ-ହାତୀ ସଂଘର୍ଷ ଏବଂ ରେଳ ଦୁର୍ଘଟଣା ଦୀର୍ଘଦିନ ଧରି ଚିନ୍ତାର ବିଷୟ ଥିଲା । ଏହି ନୂଆ ପ୍ରଯୁକ୍ତିମୂଳକ ଏଆଇ ସମ୍ପ୍ରସାରିତ ହାତୀ ସୁରକ୍ଷା ପ୍ରଣାଳୀ ପଦକ୍ଷେପ ଉନ୍ନୟନ ଓ ପରିବେଶ ସୁରକ୍ଷା ମଧ୍ୟରେ ସମନ୍ୱୟର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ଦ୍ୱାରା ଦେଶବ୍ୟାପୀ ଆଦର୍ଶ ମଡେଲ ହୋଇଛି। ବନ ବିଭାଗ ଓ ଭାରତୀୟ ରେଳ ବିଭାଗର କର୍ମକର୍ତ୍ତାମାନେ ଏହାକୁ ଦେଶର ଅନ୍ୟାନ୍ୟ ଉଚ୍ଚ ଦୁଃସାହସିକ ରେଳପଥରେ ଅନୁପ୍ରୟୋଗଯୋଗ୍ୟ ଏକ ଆଦର୍ଶ ମଡେଲ୍ ବୋଲି ସ୍ୱୀକାର କରିଛନ୍ତି। "କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ବନ୍ୟଜନ୍ତୁ ସୁରକ୍ଷା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଆଜି ପାନପୋଷ ଠାରେ ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠି ଏବଂ ଏସିଏଫ୍ ସୁରଜିତ୍ କୁମାର ସାହୁ।

## ମାଓବାଦୀଙ୍କ ପାଇଁ ଉଦ୍ଦିଷ୍ଟ ପୁନର୍ବାସ ଯୋଜନାର ଫାଇଦା ନେବା ପାଇଁ ଷଡଯନ୍ତ୍ର

### ନକଲି ନକ୍ସଲ ଗିରଫ

ରାୟଗଡା,୧୮।୨ (ନିପ୍ର) :ପୁନର୍ବାସ ଯୋଜନାର ଫାଇଦା ଉଠାଇବାକୁ ମସୁଧା ।ନକଲି ନକ୍ସଲ ଗିରଫ। ମାଓବାଦୀଙ୍କ ସକାଶେ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ମାଓବାଦୀଙ୍କ ପାଇଁ ଉଦ୍ଦିଷ୍ଟ ପୁନର୍ବାସ ଯୋଜନାର ଫାଇଦା ନେବା ପାଇଁ ଷଡଯନ୍ତ୍ର ରଚିଥିବା ନକଲି ମାଓବାଦୀଙ୍କୁ ପୋଲିସ ତଦନ୍ତ ଚଳାଇ ଧରିବାରେ ସଫଳ ହୋଇଥିଲା। ସେମାନେ ହେଲେ ରାୟଗଡ଼ର ଅନୁବ୍ରତ ବାରା ଓରଫ ରଞ୍ଜୁ, ଓ କାଶୀପୁରର ବଳି ମାଝୀ ଏବଂ ଏମାନଙ୍କୁ ସାହାଯ୍ୟ କରିଥିବା ବିଷମକଟକର ସିମାଞ୍ଚଳ କୁଟରୁକା ଓ ଅଞ୍ଜନା ମଣ୍ଡାଙ୍ଗୀ (ମାଣ୍ଡିକା)। ଗତ ୧୪ ତାରିଖରେ ଏମାନେ ରାୟଗଡା ଜିଲ୍ଲାର ଚାନ୍ଦିଲି ଥାନା ଅନ୍ତର୍ଗତ ପାଇକପଡା, ଶେଷଖାଲ ଥାନା ଅନ୍ତର୍ଗତ ଧୂମାଗୁଡା ଓ କଲ୍ୟାଣସିଂପୁରର କୁମ୍ଭାରଗୁଡା ଭଳି ତିନିଗୋଟି ଥାନା ଅଞ୍ଚଳରେ ମାଓ ପୋଷ୍ଟର ଲଗାଇଥିଲେ ବୋଲି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାୟଗଡା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତି ଏସ. କୁମାର ଏ ସମ୍ପର୍କରେ ବିସ୍ତୃତ ବିବରଣୀ ବା ତଥ୍ୟ ପ୍ରଦାନ କରିଥିଲେ। ଆରକ୍ଷୀ ଅଧିକ୍ଷକ ସୂଚନା ପ୍ରଦାନ କରି କହିଛନ୍ତି ଯେ, ମୁଖ୍ୟ ଅଭିଯୁକ୍ତ ଅନୁବ୍ରତ ବାରା ଓରଫ (ରଞ୍ଜୁ ), ଓ ବଳି ଉଭୟ ମାଓବାଦୀ ଆତ୍ମ ସନର୍ପଣ ଯୋଜନାର ଫାଇଦା ଉଠାଇବା ପାଇଁ ନିଜକୁ ମାଓବାଦୀ ଭାବେ ସଜାଇଥିଲେ। ନିଜକୁ ସେମାନେ ଛତିଶଗଡର ହାଡ଼କର ମାଓବାଦୀ କ୍ୟାଡର ବୋଲି ପରିଚୟ ପ୍ରଦାନକରି ଲୋକଙ୍କୁ ଆତଙ୍କିତ ପାଇଁ ଉଦ୍ୟମ କରିଥିଲେ। ଏ ବିଷୟରେ ଜଣାପଡିବା ପରେ ରାୟଗଡା ପୋଲିସ ଛାନବିନ ଆରମ୍ଭ କରିଥିଲେ। ଏ ଦୁଇଜଣ ରାୟଗଡା ସହରର ବିଭିନ୍ନ ଲଜରେ ଏକତ୍ରିତ ହୋଇ ଆଲୋଚନା, ବୈଠକ କରି କଛି ବ୍ୟକ୍ତିଙ୍କୁ ଆର୍ଥିକ ପ୍ରଲୋଭନ ଦେଇ ପର୍ଯ୍ୟାୟ କ୍ରମେ ଆତ୍ମ ସମର୍ପଣ କରିବାକୁ ମସୁଧା କରିଥିଲେ। କିନ୍ତୁ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ପୋଲିସ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

## ବିଭିନ୍ନ ସମସ୍ୟା ଘେରରେ ଭାପୁର, ଶୁଭ ଦୃଷ୍ଟି ପଡ଼ିବ କେବେ ?

ଭାପୁର,୧୮।୨(ନିପ୍ର); ବିକାଶ ନୁହେଁ ବିନାଶ ଆଡକୁ ଗତି କରୁଛି ଭାପୁର ବ୍ଲକର ଐତିହ୍ୟ ଓ ପରମ୍ପରା, ସାମାଜିକ ଅବସ୍ଥା। ଭୋଟରମାନେ ଯାହାଙ୍କୁ ନିର୍ବାଚନ ମଣ୍ଡଳୀର ମୁଖ୍ୟ ଭାବରେ ନିର୍ବାଚିତ କରିଥିଲେ ସେ ଭାପୁରର ବିକାଶ ପାଇଁ ଆଖି ବୁଜି ଦେଇଛନ୍ତି। କଳେବଳେ କୌଶଳେ ଭୋଟରମାନଙ୍କୁ ନିଜ କବ୍ଜାରେ ରଖି ସଖୀ କଣ୍ଢେଇ କରି ପାଟିକୁ ଚୁପ କରିଦେଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ଡବଲ ଇଂଜିନ ସରକାର। ଶାସନକୁ ଆସିବାର ଦୁଇ ବର୍ଷ ହୋଇଗଲା କିନ୍ତୁ କେଉଁଠି ମାଟି ଗାଣ୍ଡୁଏ ପଡିପାରିଲା ନାହିଁ।ବିକାଶର ରଡି କରୁଥିବା ଏ ସରକାରର କିଛି କର୍ମୀ ନିଜକୁ ବଳୀୟାନ ଭାବି ଭୋଟରଙ୍କ ଉପରେ ଜୁଲୁମ ଜାହିର କରି ନିଜ ସ୍ୱାର୍ଥ କୁ ଦେଖି ଆସୁଛନ୍ତି। ପୂର୍ବ ସରକାରର ୨୦ ବର୍ଷ ଶାସନ ମଧ୍ୟରେ ଯେତିକି ଭୋଟର ଅତିଷ୍ଠ ହୋଇ ନ ଥିଲେ ଡବଲ ଇଞ୍ଜିନ ସରକାରଙ୍କ ଦୁଇ ବର୍ଷ ମଧ୍ୟରେ ଭୋଟର ତ୍ରାହିତ୍ରାହି ଡାକିଲେଣି।ଦରଦାମ ନିୟନ୍ତ୍ରଣ ହେଉ ନ ଥିବା ହେତୁ ସାଧାରଣ ଖାଉଟି ଟିଏ ଚଳିବା ପାଇଁ ହନ୍ତସନ୍ତ ହେଉଛି । ଭାପୁର ଅଞ୍ଚଳ ଗାଁ ଗହଳି ର ବିକାଶ ୧୦ ବର୍ଷ ପଛକୁ ଚାଲି ଯାଇଛି। ଭାପୁର ବ୍ଲକ ର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସାଧାରଣ ଜନତା ଟିଏ ସରକାରୀ ସୁବିଧା ଠିକ୍ ଭାବରେ ନ ପାଇ ଅସନ୍ତୋଷ ପ୍ରକଟ କରୁଛନ୍ତି। ଆପତ୍ତି ଅଭିଯୋଗ କରିପାରୁନାହିଁ। ଯଦି କରୁଛି ଡବଲ ଇଞ୍ଜିନି ସରକାର କୁଜିନେତାଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଭାପୁର ଉତ୍କର୍ଷ ମହୋତ୍ସବ ନାଁ ରେ ସାଧାରଣ ଜନତାଙ୍କ ତଣ୍ଟି ଚିପି ତାଙ୍କରି ସରକାରୀ ଅର୍ଥରେ ଉତ୍ସବ କରାଗଲା। ଗାଁ ଗାଁରୁ ଛୋଟ ସରକାରୀ କର୍ମଚାରୀମାନଙ୍କ ଠାରୁ ବଡ଼ ଆକାରରେ ଚାନ୍ଦା ଆଦାୟ ହୋଇ ମହୋତ୍ସବ କରାଗଲା କିନ୍ତୁ,ସାଧାରଣ ଭୋଟର ପାଇଲେ କଣ ?ରାସ୍ତାର ଉନ୍ନତି ନ ହୋଇ ଫଲସ ବିଲ କରାଯାଇ ସେହି ଅର୍ଥ ମହୋତ୍ସବରେ ଲାଗିଲା କିନ୍ତୁ, ସାଧାରଣ ଜନତା ରାସ୍ତା ରେ ପଡି ମେଡିକାଲକୁ ଗଲା। କେଉଁଠି ନିମ୍ନମାନର କାର୍ଯ୍ୟ ଯୋଗୁଁ ଘରଛାତର ସିମେଣ୍ଟ ଖସୁଛି ତ ଆଉ କେଉଁଠି ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢା ହୋଇପାରୁନାହିଁ, ଗାଁଗାଁ ରେ ବର୍ତ୍ତମାନ ପାନୀୟ ଜଳ ସମସ୍ୟା ଭାପୁର ବ୍ଲକର ଏହି କରୁଣ ଦୃଶ୍ୟ ଆଉ କେତେଦିନ ଭୋଟର ମାନେ ସହ୍ୟ କରିବେ ? କେବେ ଶୁଭ ଦୃଷ୍ଟି ପଡ଼ିବବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଇଛି।

## ଯୌନ ନିର୍ଯାତନା ନିରାକରଣ ସଚେତନତା

କୁଚିଣ୍ଡା,୧୮।୨ (ନିପ୍ର):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଇଟିଡିଏ ସମ୍ମିଳନୀ କକ୍ଷରେ କୁଚିଣ୍ଡା ତାଲୁକ ଆଇନ ସେବା କମିଟି ପକ୍ଷରୁ ଯୌନ ନିର୍ଯାତନା ପ୍ରତିରୋଧ,ନିଷେଧ ଓ ପ୍ରତିକାର ଆଇନ ଏବଂ ଏହାର ବିଭିନ ପ୍ରାବଧାନ ଉପରେ ଆଇନଗତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ଡ. ପ୍ରଭାକର ଗାଣ୍ଟିଆ ଅଧ୍ୟକ୍ଷତା କରି ଯୌନ ନିର୍ଯାତନା ପ୍ରତିରୋଧ, ନିଷେଧ ଓ ପ୍ରତିକାର ଆଇନ ଏବଂ ଏହାର ବିଭିନ୍ନ ପ୍ରାବଧାନ ଉପରେ ଆଇନଗତ ସଚେତନ ହେବାକୁ କହିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲ୍ଲାପାଳ ସରୱନନ୍ ସରବନନ ସ , କୁଚିଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ସାହୁ, ଅତିରିକ୍ତ ତହସିଲଦାର ଅନିମା ସୋରେନ, ତାଲୁକ ଆଇନସେବା କମିଟି ସଦସ୍ୟ ଡା. ଶରତ ଚନ୍ଦ୍ର ଗୌନ୍ତିଆ,କୁଚିଣ୍ଡା ଆଇନଜୀବୀ ସଂଘର ସଭାପତି ଅଇଁଠୁ ରାଉତ ଯୋଗଦେଇ ଯୌନ ନିର୍ଯାତନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଏହାର ସଚେତନତା ଜରୁରୀ ବୋଲି ମତ ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର,ରମେଶ ଚନ୍ଦ୍ର ସାହୁ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଆଲୋକ ପଟେଲ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନିତା ନାୟକ, ସିଡ଼ିପିଓ କାନ୍ତିକୌସୁକି ହେମ୍ବ୍ରମଙ୍କ ସମେତ ସମସ୍ତ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ବଣାଇ,୧୮।୨ (ନିପ୍ର); ବଣାଇ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ବିଦାୟୀକାଳୀନ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ସାହୁ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଦିଗ୍‌ଦର୍ଶନ ଦେବା ସହିତ ଭବିଷ୍ୟତ ଉଜ୍ଜଳମୟ କାମନା କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ରଛାତ୍ରୀମାନଙ୍କର ବିଦ୍ୟାଳୟ ପ୍ରତି ଆଗ୍ରହକୁ ପ୍ରକାଶ କରି ଭବିଷ୍ୟତରେ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମାନସୀ ପେଣ୍ଟେଇ, ଅମ୍ରିତା ମହାରଣା, ସୁଜାତା ମହାନ୍ତି, ବସନ୍ତ ମଞ୍ଜରୀ ପ୍ରଧାନ, ଶିକ୍ଷକ ଚନ୍ଦ୍ର ଶେଖର ପାତ୍ର, ନୀତିଶ କୁମାର ମହାନ୍ତ, ଉମେଶ ଚନ୍ଦ୍ର ପ୍ରଧାନ, ରକ୍ସି ଜିନ ମିଞ୍ଜ, ଯଙ୍ଗ ଚାନ୍ଦ ଓଝା, ଜୟରାମ ମାହାନ୍ତ, ଅଫିସ କର୍ମଚାରୀ ଭଗବତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦଶମ ଶ୍ରେଣୀର ବିଦାୟୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରିଥିଲେ ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୧୮।୨ (ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୭୯ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୭୧ ଗୋଟି ବ୍ୟକ୍ତିଗତ,୮ ଗୋଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା। ତତକ୍ଷଣାତ ୬ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା।

ଏହି ଶୁଣାଣିରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ବ୍ରହ୍ମଗିରି ବିଡ଼ିଓ ମନୀଷା ଷଡ଼ଙ୍ଗୀ,ତହସିଲଦାର ଶଶୀଭୂଷଣ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ପାରଳା ସହର ଉପକଣ୍ଠରେ ପିଇବା ପାଣି ସମସ୍ୟା

### ପାଇପ୍‌ଲାଇନ୍ ବିଛାଇ ହାତ ଟେକିଦେଲା ବିଭାଗ !

ପାରଳାଖେମୁଣ୍ଡି,୧୮।୨ (ନିପ୍ର); ଦୀପ ତଳ ଅନ୍ଧାର ନ୍ୟାୟରେ ସହର ନିକଟରେ ଥାଇ ବି ପାନୀୟଜଳର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ୧୦ରୁ ଅଧିକ ସାହିବାସିନ୍ଦା। ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । କେରାଣ୍ଡି ପଞ୍ଚାୟତର ଫ'ରେଷ୍ଟ ଗେଟ୍ ଓ ଏହାର ଆଖପାଖ ଇଲାକାରେ ଗଢ଼ି ଉଠିଥିବା ଶ୍ରୀକୃଷ୍ଣ ବିହାର, ଶାନ୍ତିନଗର, ସୁଭଦ୍ରା ବିହାର, ସନ୍ତୋଷୀ ନଗର, ମା'ମଙ୍ଗଳାସାହି, କଲୁଆ ସାହି ପାଖ କଲୋନି ଓ ଫରେଷ୍ଟ ଅଫିସ୍ ପଛଭାଗ ସାହିବାସିନ୍ଦା ଏବେ ପାନୀୟଜଳ ସମସ୍ୟା ଭୋଗୁଛନ୍ତି। ତେବେ ସହର ଉପକଣ୍ଠ ହୋଇଥିବାରୁ ନା' ସହରର ସୁବିଧା ମିଳୁଛି ନା' ପଞ୍ଚାୟତ ପ୍ରଶାସନ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛି। ସେପଟେ ପାଇପଲାଇନ୍ ବିଛାଇ ବିଭାଗ ଗ୍ରାମ୍ୟ ଜଳଯୋଗାଣ ବିଭାଗ ହାତ ଟେକିଦେଇଛି। ବର୍ଷତମାମ ସହରତଳି ଅଞ୍ଚଳବାସୀ ପାନୀୟଜଳ କଷ୍ଟ ଭୋଗୁଥିଲେ ବି ଏହାର ସମାଧାନ ହୋଇପାରୁନି। ପାଣି ସମସ୍ୟା ନେଇ ସାହିବାସିନ୍ଦା ବାରମ୍ବାର ଗୁହାରି ପରେ ପ୍ରଶାସନ ପକ୍ଷରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ପାଇଁ ଉଦ୍ୟମ ହୋଇଥିଲା। ସମସ୍ତ ସାହିରେ ଗତ ତିନିବର୍ଷ ତଳୁ ପାଇପଲାଇନ୍ ବିଛାଇବା କାମ ସରିଥିଲା । କିନ୍ତୁ ପାଇପଲାଇନ୍ ବିଛା ସରିଥିଲେ ମଧ୍ୟ ପାଣି ଯୋଗାଣ ହୋଇପାରିନି। ଏହା ମଧ୍ୟରେ ଏବେ ଅନେକ ପାଇପ୍ ଲାଇନ ନଷ୍ଟ ହୋଇଗଲାଣି ଗତବର୍ଷ ଏହି ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ



ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ପରେ ନିଜେ ଜିଲ୍ଲାପାଳ ଓ ବ୍ଲକ୍ ଉନ୍ନୟନ ଅଧିକାରୀ ଗସ୍ତ କରିବା ସହ ସ୍ଥିତିର ସମୀକ୍ଷା କରିଥିଲେ। ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ତଥାପି କୌଣସି ସୁଫଳ ମିଳି ନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଆଗକୁ ଗ୍ରୀଷ୍ମ ଆସୁଥିବାରୁ ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଗ୍ରାମ୍ୟ ଜଳଯୋଗାଣ ଜଣେ କନିଷ୍ଠଯନ୍ତ୍ରୀଙ୍କ କହିବା ହେଲା, ଏହି ଅଞ୍ଚଳ ସହର ପରିସର ମଧ୍ୟରେ ଆସିଲାଣି ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପାଇପଲାଇନ୍ ବିଛା କାମ ସରିଛି। ହେଲେ ଜଳଯୋଗାଣ ବ୍ୟବସ୍ଥା ଜନସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ହୋଇଥିବାରୁ ଏନେଇ ଉକ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ ବର୍ଷତମାମ ଜଳସଙ୍କଟର ସମ୍ମୁଖୀନ ହେଉଥିଲେ ବି ପ୍ରଶାସନ ଜାଣିଶୁଣି କାହିଁକି ବିଳମ୍ବ କରୁଛି ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି ।

## ବାବା ଭୋଳାନାଥ କ୍ଲବ ଓ ପାଠାଗାରର ବାର୍ଷିକ ଉତ୍ସବ

ପିପିଲି,୧୮।୨ (ନିପ୍ର); ପିପିଲି ଅନ୍ତର୍ଗତ ପାଟଶାଣିପୁର ଗ୍ରାମ ସ୍ଥିତ ବାବା ଭୋଳାନାଥ କ୍ଲବ ଓ ପାଠାଗାରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି । ଏହି ଅବସରରେ କ୍ଲବର ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ପୌରୋହିତ୍ୟରେ ହୋଇଥିବା ସଭାରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ,ପୁରୀ ନିମାପଡା ସମବାୟ ବ୍ୟାଙ୍କ ବୋର୍ଡ ସଦସ୍ୟ ପର୍ଶୁରାମ ମହାପାତ୍ର,ଜିଲ୍ଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ସମାଜ ସେବୀ ଆଡ଼ଭୋକେଟ ସୁରେଶ ରଥ,ସରପଞ୍ଚ ପ୍ରତିନିଧି ବିନୟ କୁମାର ଦାଶ ଏବଂ ମନୋଜ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏକ ଦୁର୍ନୀତି ମୁକ୍ତ, ନିଶାମୁକ୍ତ ସମାଜ ଗଠନ ଏବଂ ସମାଜ ସେବା କ୍ଷେତ୍ରରେ ଯୁବକ ମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ଲବର ସମ୍ପାଦକ ଅଜିତ କୁମାର ମହାପାତ୍ର ବିବରଣୀ ପାଠ କରି ଥିଲେ । ସଭା ମଞ୍ଚରେ ତିନିଜଣ ବରିଷ୍ଠ ନାଗରିକଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା ।

## ସଠିକ ଯାଞ୍ଚ ହେଉ ନଥିବାରୁ ପରୀକ୍ଷାର୍ଥୀ ସମସ୍ୟାର ସମ୍ମୁଖୀନ !

ପାରଳାଖେମୁଣ୍ଡି,୧୮।୨(ନିପ୍ର):ଗଜପତି ଜିଲ୍ଲା କାଶୀନଗର ପିଲାଙ୍କ ଭବିଷ୍ୟତକୁ ଅନ୍ଧକାରରେ ରଖି ଟଙ୍କା ଉପାର୍ଜନ କରି ମାଲାମାଲ ହେଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ଯୋଗୁଁ ୫ ପିଲାଙ୍କ ଭବିଷ୍ୟତ ଏବେ ଅନ୍ଧାର ଘେରକୁ ଠେଲି ହୋଇଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ଅନ୍ତର୍ଗତରେ ସିବିଏସି କିମ୍ବା ଅନ୍ୟ କୌଣସି କୋର୍ସ ଆସୁନଥିବା ଏବଂ ଏପରି କେନ୍ଦ୍ରୀୟ ପରିଚାଳିତ ବୋର୍ଡ ମାନଙ୍କର କୌଣସି କର୍ତ୍ତୃପକ୍ଷ ଜିଲ୍ଲାରେ ନଥିବା ଯୋଗୁଁ ଯିଏ ଯେମିତି ପାରିଲା ସେ ବିଦ୍ୟାଳୟଟିଏ ସ୍ଥାପନ କରି ଚଳାଇଛନ୍ତି । ମଙ୍ଗଳବାର ଠାରୁ ସିବିଏସଇ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଗଜପତି ଜିଲ୍ଲା କାଶୀନଗର ସ୍ଥିତ ବେସରକାରୀ ସ୍ମାର୍ଟ ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷଙ୍କ ଖାମଖିଆଲି କାର୍ଯ୍ୟ ଯୋଗୁଁ ୫ଜଣ ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହେବା ଘଟଣା ଏବଂ ଚର୍ଚ୍ଚାର ବିଷୟ ହୋଇଛି । ପରୀକ୍ଷାରୁ ବଞ୍ଚିତ ଛାତ୍ର ଓ ତାଙ୍କ ଅଭିଭାବକ ଜିଲ୍ଲାପାଳଙ୍କୁ ଭେଟି ଏସଂପର୍କରେ ଅବିଯୋଗ କରିଛନ୍ତି। ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ଏବଂ ଯଦି କିଛି ତ୍ରୁଟି ଥାଏ ତାହେଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ନିଆଯିବ ବୋଲି କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ । ଜଣେ ଛାତ୍ର କିମ୍ବା ଛାତ୍ରୀଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ମାଟ୍ରିକ। ତେବେ ସ୍କୁଲ କର୍ତ୍ତୃପକ୍ଷଙ୍କ ଖାମଖିଆଲି କାର୍ଯ୍ୟ ଯୋଗୁଁ ଜଣେ ପିଲା ସେହି ପରୀକ୍ଷାରୁ ବଞ୍ଚିତ ହେବା ନିଶ୍ଚିତ ଭାବେ ସେହି ପିଲା ଏବଂ ତାର ଅଭିଭାବକଙ୍କ ପାଇଁ ଏକ ଶକ୍ତ ଧକ୍କା । ପିଲାଙ୍କ ଭବିଷ୍ୟତର ପ୍ରଥମ ସୋପାନରେ ଏହି ମାଟ୍ରିକ ପରୀକ୍ଷା ଅଟେ । ଏଭଳି ଏକ ଘଟଣା ଗଜପତି ଜିଲ୍ଲା



କାଶୀନଗରରୁ ଲୋକଲୋଚନକୁ ଆସିଛି । ଜଣେ ଛାତ୍ରୀ ଏବଂ ୪ଜଣ ଛାତ୍ର କାଶୀନଗର ସ୍ଥିତ ସ୍ମାର୍ଟ ପବ୍ଲିକ ସ୍କୁଲରେ ପଢୁଥିଲେ । ଚଳିତ ବର୍ଷ ସେମାନେ ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ । ହେଲେ ଆଜି ଠାରୁ ସିବିଏସଆଇ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏହି ପିଲାମାନଙ୍କ ଆଡମିଟ କାର୍ଡ ନଆସିବାରୁ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି । ଏସଂପର୍କରେ ପରୀକ୍ଷାରୁ ବଞ୍ଚିତ ହୋଇଥିବା ପିଲା ଏବଂ ତାଙ୍କ ଅଭିଭାବକ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଭେଟି ଏହାର କାରଣ ପଚାରିବାରୁ ଆଧାର କାର୍ଡରେ ତ୍ରୁଟି ଯୋଗୁଁ ଏଭଳି ହୋଇଥିବା କହିଥିଲେ । ହେଲେ ଏଥିରେ ସନ୍ତୁଷ୍ଟ ନହୋଇ ଜଣେ ଛାତ୍ର କେ.ଅଜୟ ଏବଂ ତାଙ୍କ ମା ଜ୍ୟୋତି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ । ଏହାପରେ ଘଟଣା ପଦାକୁ ଆସିଥିଲା । ସ୍କୁଲ କର୍ତ୍ତୃପକ୍ଷ ଗତକାଲି ଯାଏଁ ଆଡମିଟ କାର୍ଡ ମିଳିବ ବୋଲି କହୁଥିବା ବେଳେ ସନ୍ଧ୍ୟାରେ ଏହା ମିଳିବ ନାହିଁ ବୋଲି କହିଥିବା ସେମାନେ ଅଭିଯୋଗ କରିବା ସହ ସେମାନଙ୍କୁ ପରୀକ୍ଷା ଦେବା ପାଇଁ ସୁଯୋଗ ଦେବାକୁ ନିବେଦନ କରିଛନ୍ତି । ନଚେତ୍ ଜଣେ ଗୋଟିଏ ବର୍ଷ ନଷ୍ଟ ହୋଇଯିବ ବୋଲି ଉଭୟ ଛାତ୍ର ଏବଂ ତାଙ୍କ ମାଁ କହିଛନ୍ତି । କେବଳ ଏହି ଗୋଟିଏ ପିଲା ନୁହେଁ,ଏହି ସ୍କୁଲରେ ପଢୁଥିବା ୫ଜଣ ପିଲା ସମାନ ସ୍ଥିତିରେ ପଡିଥିବା ସେମାନେ କହିଛନ୍ତି । କେବଳ ସେତିକି ନୁହେଁ, ଏଭଳି କାମ କରିଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଛାତ୍ର ଓ ଅଭିଭାବକଙ୍କ ଏଭଳି ଅଭିଯୋଗ ସଂପର୍କରେ ଜାଣିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ବେଳେ ସ୍କୁଲର ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରାଯିବାରେ ସେ ଏହି ଘଟଣାକୁ ଚାଲାକର ସହ ଉଡାଇଦେବାକୁ ଚେଷ୍ଟା କରିଥିଲେ । ସେ କହିଥିଲେ ଯେ, ଆମ ସ୍କୁଲ କେବଳ ପ୍ରଥମରୁ ଅଷ୍ଟମ ଯାଏଁ ଆଫିଲେସନ ପାଇଛି । ତେଣୁ ଅଷ୍ଟମ ପରେ ପିଲାମାନେ ଅନ୍ୟ କେଉଁଠି ନାମ ଲେଖାଉଛନ୍ତି, କିନ୍ତୁ ଆମ ପାଖରେ ଟ୍ୟୁସନ ପଢୁଥିବା କହିବା ସହ ନିଜର ପ୍ରଚାର ପ୍ରସାର ପାଇଁ ପିଲାଙ୍କୁ ମାଟ୍ରିକର ପରିଚୟପତ୍ର ସ୍କୁଲ ପକ୍ଷରୁ ପ୍ରଦାନ କରାଯାଇଥିବା କହି ଖସିଯିବାକୁ ପ୍ରୟାସ କରିଛନ୍ତି । ତେବେ ଏହାର କିଛି ସମୟ ପରେ ସଂପୃକ୍ତ ଅଧ୍ୟକ୍ଷ ଅଭିଭାବକଙ୍କ ନିକଟକୁ ଫୋନ କରି ତେଲୁଗୁ ଭାଷାରେ କଥା ହୋଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ଦ୍ୱାରା ସ୍କୁଲ ଉପରେ ଏହାର ପ୍ରଭାବ ପଡିବ । ତେଣୁ ଜିଲ୍ଲାପାଙ୍କ କାର୍ଯ୍ୟାଳୟରୁ ଫେରିଆସିବାକୁ ଅନୁରୋଧ କରିଥିବା କଥା ମଧ୍ୟ ଜଣାପଡିଛି । ଅନ୍ୟପଟେ ଜିଲ୍ଲାରେ ଛତୁ ଫୁଟିବା ଭଳି ପବ୍ଲିକ ସ୍କୁଲ ଗଢି ଉଠୁଥିବା ବେଳେ ଏହାର ସଠିକ ଯାଞ୍ଚ ହେଉନାହିଁ । ନା ଜିଲ୍ଲା ପ୍ରଶାସନ ନା ଶିକ୍ଷା ବିଭାଗ ନା ସିବିଏସଇ କେହିହେଲେ ସଠିକ ଯାଞ୍ଚ କରୁନଥିବାରୁ ଛାତ୍ରଛାତ୍ରୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ଏହାର ତଦନ୍ତ କରାଯିବ ଏବଂ ଯିଏ ଦୋଷୀ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁ।

## ବିଜେଡି ଯୁବ ନେତାଙ୍କ ବିୟୋଗରେ ଶୋକସଭା

ରେଢ଼ାଖୋଲ: ୧୮/୨(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜେଡି ବରିଷ୍ଠ ନେତା ଧନେଶ୍ୱର ଜେନାଙ୍କ ବିୟୋଗରେ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରେ ରେଢ଼ାଖୋଲ ବିଜେଡି ତରଫରୁ ଏନଏସି ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପ୍ରଧାନଙ୍କ ସଭାପତିତ୍ୱରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ସର୍ବପ୍ରଥମେ ସ୍ୱର୍ଗତ ଧନେଶ୍ୱର ଜେନାଙ୍କ ଫୋଟୋ ଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ ପରେ ଅତିଥିମାନେ ସ୍ୱର୍ଗତ ବରିଷ୍ଠ ନେତାଙ୍କ ସ୍ମୃତି ଚାରଣ କରିଥିଲେ । ରେଢ଼ାଖୋଲ ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ମଧ୍ୟ ଧନେଶ୍ୱର ଜେନାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ଏହି ସଭାରେ ବିଜୁ ଯୁବ ଜନତା ଦଳର ନଗର ସଭାପତି ବିକାଶ ଦାସ, ବିଜୁ ଛାତ୍ର ଜନତା ଦଳର ନଗର ସଭାପତି ଶିବଶମ୍ଭୁ ନନ୍ଦ, କାଉନସିଲର ସୁଧାଂଶୁ ଅମାତ, ବରିଷ୍ଠ ନେତା ଖିରୋଦ ଖିଲାରୀ, ସନ୍ୟାସୀ ନାୟକ, ବିରିକ ବାହାଦୁର,ଦିଲୀପ ପ୍ରଧାନଙ୍କ ସହ ଯୁବନେତା ଖେଳନିଧି ପ୍ରଧାନ, ରଂଜିତ ଖାନସମା ଡାନି ପ୍ରଧାନ,ଦତ୍ତ ବିଶ୍ୱାଳ, ଶଶାଙ୍କ ଗିରି ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Kuchinda, Dist-Sambalpur affidavit no.243 dated 18.02.2026, I, Judhisthir Kau, S/o-Late Arjun Kau, At-Tabalakata, Po-Boxma, Ps-Kuchinda, Dist-Sambalpur, Odisha-768222 do hereby declare that, I have changed my daughter's name from Hiteswari Kau to Kshiteswari Kau. Hencefortlh he will be known as Kshiteswari Kau for all purposes.
Sd/-Judhisthir Kau

### ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ଫିନଲ୍ୟାଣ୍ଡର ପ୍ରଧାନମନ୍ତ୍ରୀଙ୍କ ସହ ମୋଦି

# ପ୍ରଯୁକ୍ତିବିଦ୍ୟା ସହଯୋଗ ପାଇଁ ଆହ୍ୱାନ



ନୂଆଦିଲ୍ଲୀ,୧୮।୨(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୮ ଫେବୃଆରୀ ୨୦୨୬ରେ ନୂଆଦିଲ୍ଲୀରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଅବସରରେ ଫିନ୍ଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ପେଟେରୀ ଓରପୋଙ୍କୁ ସାକ୍ଷାତ କରିଛନ୍ତି । ଉଭୟ ନେତା ୧୬ତମ ଭାରତ-ଇୟୁ ଶିଖର ସମ୍ମିଳନୀ ସମୟରେ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସମାପ୍ତିକୁ ସ୍ୱାଗତ କରିଥିଲେ, ଯାହା ସହଭାଗୀ ପ୍ରଗତି ଏବଂ ପ୍ରଗତି ତଥା ସମୃଦ୍ଧି ପାଇଁ ଏକ ଉତ୍ପେରକ ଭାବରେ କାର୍ଯ୍ୟ କରିବ । ସେମାନେ ଭାରତ-ଇୟୁ ରଣନୈତିକ ସହଭାଗୀତାର ଭାବନାରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ପାଇଁ ପ୍ରୟାସ ଜାରି ରଖିବାକୁ ପ୍ରତିବଦ୍ଧ ହୋଇଥିଲେ । ନେତାମାନେ ଭବିଷ୍ୟତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଡିଜିଟାଲାଇଜେସନ ଏବଂ ସ୍ଥିରତାର ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ, ସେମାନେ ବିସ୍ତାରିତ ପରିଚାଳନା ଏବଂ ସହଭାଗୀତା ମାଧ୍ୟମରେ ପରସ୍ପରର ଅର୍ଥନୀତିରେ ସେମାନଙ୍କର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡିକର ବୃଦ୍ଧି ପାଉଥିବା ଉପସ୍ଥିତିକୁ ସ୍ୱୀକୃତି ଦେବା ସହ ଏହାକୁ ସ୍ୱାଗତ କରିଥିଲେ। ଫିନଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ନ୍ୟାୟପୂର୍ଣ୍ଣ ଏବଂ ସମାବେଶୀ ଏଆଇ ବିକାଶ ପାଇଁ ଭାରତର ଦୃଷ୍ଟିକୋଣକୁ ପ୍ରଶଂସା କରିଥିଲେ। ଉଭୟ ନେତା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବା, କ୍ୱାଣ୍ଟମ୍ ଏବଂ ୬ଜି, ନବୀକରଣୀୟ ଶକ୍ତି, ବୃତ୍ତାକାର ଅର୍ଥନୀତି ଏବଂ ପ୍ରତିରକ୍ଷାର ବିକାଶ ସମେତ ଅଧିକ ପ୍ରଯୁକ୍ତିବିଦ୍ୟା ସହଯୋଗ ପାଇଁ ଆହ୍ୱାନ କରିଥିଲେ। ସେମାନେ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ବିକାଶ ତଥା ବିଶ୍ୱସ୍ତରୀୟ ଶାସନରେ ଅଧିକ ସହଯୋଗ ଉପରେ ମଧ ମତ ବିନିମୟ କରିଥିଲେ।

### ଆହ୍ଲାବାଦ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ରଦ୍ଦ କଲେ ସୁପ୍ରିମକୋର୍ଟ

## ପାଇଜାମାର ନାଡା ଖୋଲିବା ଦୁଷ୍କର୍ମ ଉଦ୍ୟମ



ନୂଆଦିଲ୍ଲୀ, ୧୮/୨ : ପୋକ୍ସୋ ମାମଲାରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ପାଇଜାମାର ନାଡା ଖୋଲିବା ଏବଂ ଛାତିକୁ ଛୁଇଁବା ହେଉଛି ଦୁଷ୍କର୍ମ ଉଦ୍ୟମ। ଆହ୍ଲାବାଦ ହାଇକୋର୍ଟଙ୍କ ବିବାଦୀୟ ରାୟକୁ ଭସନା କଲେ ସର୍ବୋଚ୍ଚ ଅଦାଲତ। ସୂଚନାନୁଯାୟୀ, ୨୦୨୧ ନଭେମ୍ବର ୧୦ରେ ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ତାଙ୍କର ୧୪ ବର୍ଷର ନାବାଳିକା ଝିଅ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ଗାଁର କିଛି ଯୁବକ ପବନ, ଆକାଶ ଏବଂ ଅଶୋକ ତାଙ୍କୁ ବାଇକ୍‌ରେ ଘରେ ଛାଡ଼ିଦେବେ ବୋଲି କହିଲେ। ଏହାପରେ ୩ ଅଭିଯୁକ୍ତ ନାବାଳିକାଙ୍କ ସହ ଦୁର୍ବ୍ୟବହାର କଲେ। ତାଙ୍କ ପାଇଜାମା ନାଡା ଖୋଲି ଦୁଷ୍କର୍ମ ଉଦ୍ୟମ କଲେ। ନାବାଳିକା ଜଣଙ୍କ ପାଟି କରିବାରୁ ଦୁଇ ଜଣ ସ୍ଥାନୀୟ ଲୋକ ଧାଇଁ ଆସିଲେ। ଏହାପରେ ଅଭିଯୁକ୍ତମାନେ ସେଠାରୁ ଫେରାର୍ ହୋଇଗଲେ। ଆହ୍ଲାବାଦ ହାଇକୋର୍ଟ ଏହି ମାମଲାରେ ଶୁଣାଣି କରି କହିଥିଲେ ଯେ, ଜଣେ ଶିଶୁର ଛାତିକୁ ଛୁଇଁବା ଏବଂ ପାଇଜାମାର ନାଡା ଖୋଲିବା ଅର୍ଥ ଦୁଷ୍କର୍ମ ଉଦ୍ୟମ ନୁହେଁ, ଅଭିଯୁକ୍ତମାନେ କେବଳ ଦୁଷ୍କର୍ମ ପାଇଁ ପ୍ରସ୍ତୁତି କରୁଥିଲେ। ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ନିଷ୍ପତ୍ତିର ସ୍ୱତଃ ବିଚାର କରିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟା ବାଗଚି ଏବଂ ଏନବି ଅଞ୍ଜାରିଆଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ପୋକ୍ସୋ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୁଦ୍ଧରେ ବିଚାର କରିବାକୁ କହିଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ, ଯୌନ ଅପରାଧ ମାମଲାରେ ନିଷ୍ପତ୍ତି ନେବା ସମୟରେ ଆଇନ ଅନୁଯାୟୀ ତର୍କ ସହ ସହାନୁଭୂତି ଦରକାର।

## ଚୀନ 'ରୋବୋ ଡଗ୍' ବିବାଦ ପରେ ଗଲଗୋଟିୟା ୟୁନିଭର୍ସିଟି ବିଦା

ନୂଆଦିଲ୍ଲୀ,୧୮/୨; ଦିଲ୍ଲୀର ଭାରତ ମଣ୍ଡପମରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟରେ ସମସ୍ୟା ଉପୁଜିଛି । ୟୁନିଭର୍ସିଟିର ନାକ କାଟିଦେଲା ଚୀନ ରୋବୋ । ଏଆଇ ଇମ୍ପାକ୍ଟ ସମିଟରେ ଗଲଗୋଟିୟା ୟୁନିଭର୍ସିଟି ଦ୍ୱାରା ପ୍ରଦର୍ଶିତ ଏକ ରୋବୋ ଡଗକୁ ନେଇ ବିବାଦ ଉପୁଜିଛି । ଏହି ରୋବୋ ଡଗ୍ ଚୀନ କମ୍ପାନୀ ୟୁନିଟ୍ରିର ବୋଲି କୁହାଯାଉଛି । ଭିଡିଓ ଭାଇରାଲ ହେବା ପରେ ଗଲଗୋଟିୟା ୟୁନିଭର୍ସିଟିକୁ ସମିଟର ଏକ୍ସପୋ ଅଞ୍ଚଳରୁ ତୁରନ୍ତ ବହିଷ୍କାର କରାଯାଇଛି । ସରକାରୀ ସୂତ୍ର ଅନୁସାରେ ଏହି ପଦକ୍ଷେପ ଭାଇରାଲ ଭିଡିଓ ଏବଂ ଏହାପରେ ହୋଇଥିବା ବିବାଦ ପରେ ନିଆଯାଇଛି । ଚୀନ୍ ରୋବୋଟିକ୍ସକୁ ନେଇ ବିବାଦରେ ଫସି ରହିଥିବା ଗାଲଗୋଟିୟା ବିଶ୍ୱବିଦ୍ୟାଳୟ ଏକ ସ୍ପଷ୍ଟୀକରଣ ଜାରି କରିଛି । ବିଶ୍ୱବିଦ୍ୟାଳୟ କହିଛି ଯେ, ଏହା କେବେବି ଏହି ଡିଭାଇସ୍ ତିଆରି କରିଥିବା ଦାବି କରିନାହିଁ । ଏକ୍ସପୋରୁ ବାହାରିବାର କାରଣ- ଏଆଇ ଇମ୍ପାକ୍ଟ ସମିଟରୁ ବାହାରିବା ପରେ ଗଲଗୋଟିୟା ୟୁନିଭର୍ସିଟିର ଜଣେ ପ୍ରଫେସର କହିଛନ୍ତି, ''ଆମେ କେବେ ବି କହିନାହୁଁ କି ଏହି ରୋବୋକୁ ଆମେ ତିଆରି କରିଛୁ । ଏହା ଚୀନର ପ୍ରଡକ୍ଟ । ଆମେ କେବଳ ଏତିକି କହିଛୁ ଆମେ ତାକୁ ୟୁନିଭର୍ସିଟିର ଏକ ପାର୍ଟ ଭାବେ ଆଣିଛୁ । ଆମେ ଚାହୁଁଥିଲୁ ପିଲାମାନେ ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ । ଏକ୍ସପ୍ଲୋର କରି ରିସର୍ଚ୍ଚ କରନ୍ତୁ ବୋଲି ରୋବୋକୁ ଆଣିଥିଲୁ । ଏଆଇ କାରଣକୁ ତାହାକୁ ପ୍ରଦର୍ଶିତ କରିଥିଲୁ । ଆମେ କେବେ କହିନାହୁଁ ଏହାକୁ ଆମେ ତିଆରି କରିଛୁ ବୋଲି । ୩୫୦ କୋଟିରେ ଏହାକୁ କିଣିଛୁ ବୋଲି ମିଥ୍ୟା ଖବର ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି ।'' ଗ୍ରେଟର ନୋଏଡାସ୍ଥିତ ବିଶ୍ୱବିଦ୍ୟାଳୟ କହିଛି ଯେ, ପ୍ରଦର୍ଶନରେ ଥିବା ରୋବୋଡଗ୍ ଏକ ଚୀନ୍ ରୋବୋଟିକ୍ସ ଫାର୍ମ ୟୁନିଟ୍ରିରୁ କିଣାଯାଇଥିଲା ଏବଂ ଏହାକୁ ଛାତ୍ରମାନଙ୍କ ପାଇଁ ଏକ ଶିକ୍ଷଣ ଉପକରଣ ଭାବରେ ବ୍ୟବହାର କରାଯାଉଥିଲା । ଏହି ମାମଲାକୁ ନେଇ କଂଗ୍ରେସ ନେତା ତଥା ସାଂସଦ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଏକ୍ସରେ ପୋଷ୍ଟ କରି କହିଛନ୍ତି, ''ଏଆଇ ଇମ୍ପାକ୍ଟ ସମିଟରେ ଚୀନ ପ୍ରଡକ୍ଟ ସୋକେସ୍ କରାଯାଉଛି । ଭାରତୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବା ବଦଳରେ ଚୀନ ଉତ୍ପାଦକୁ ପ୍ରଦର୍ଶିତ କରାଯାଉଛି ।

### ହନୁମାନଙ୍କୁ ନେଇ ବିବାଦ

## ଭାରତୀୟ-ଆମେରିକୀୟ ମୁହାଁମୁହିଁ



ୱାସିଂଟନ,୧୮।୨: ଆମେରିକାର ଟେକ୍ସାସରେ ଭଗବାନ ହନୁମାନଙ୍କ ଏକ ବିଶାଳ ପ୍ରତିମାକୁ ନେଇ ବିବାଦ ଦେଖାଦେଇଛି। ଶ୍ରୀ ଅଷ୍ଟଲକ୍ଷ୍ମୀ ମନ୍ଦିରରେ ଭଗବାନ ହନୁମାନଙ୍କ ପ୍ରତିମା ଉପରେ ଟେକ୍ସାସର ଜଣେ କର୍ମୀଙ୍କ ମନ୍ତବ୍ୟରୁ ଏହି ବିବାଦ ସୃଷ୍ଟି ହୋଇଛି। ସୁଗାର ଲ୍ୟାଣ୍ଡରେ ଥିବା ୯୦ ଫୁଟ ଉଚ୍ଚ ପ୍ରତିମାକୁ ଭାରତୀୟମାନଙ୍କ ଦ୍ୱାରା ଆମେରିକୀୟ ଜମି ଦଖଲ କରିବାର ପ୍ରୟାସ ବୋଲି କହିବା ପରେ ଭାରତୀୟମାନଙ୍କ କ୍ରୋଧ ସାମ୍ନାକୁ ଆସିଛି। ଏହି ପ୍ରତିମା ହିନ୍ଦୁମାନଙ୍କ ଦ୍ୱାରା ସେମାନଙ୍କ ବ୍ୟକ୍ତିଗତ ଜମିରେ ନିର୍ମିତ ହୋଇଛି ଏବଂ ତାଙ୍କୁ ଏପରି ମନ୍ତବ୍ୟ ଦେବା ଉଚିତ୍ ନୁହେଁ ବୋଲି ପ୍ରବାସୀ ଭାରତୀୟମାନେ ସଫା ସଫା ଶୁଣାଇ ଦେଇଛନ୍ତି। ଡଲାସ୍-ଫୋର୍ଟ ୱର୍ଥ ଅଞ୍ଚଳର ଜଣେ ରିପବ୍ଲିକାନ୍ ସାମାଜିକକର୍ମୀ ତଥା ମାଗା ସମର୍ଥକ କାର୍ଲୋସ୍ ଟର୍ସିଓସ୍ ଏକ୍ସରେ ଭଗବାନ ହନୁମାନଙ୍କ ପ୍ରତିମାର ଏକ ଭିଡିଓ ସେୟାର କରିଛନ୍ତି। ସେ ଭିଡିଓର କ୍ୟାପସନରେ ଲେଖିଛନ୍ତି, 'ତୃତୀୟ ବିଶ୍ୱର ଏଲିଏନ୍ ଧୀରେ ଧୀରେ ଟେକ୍ସାସ ଓ ଆମେରିକାକୁ କବଜା କରୁଛନ୍ତି। ଏହି ଦଖଲକୁ ବନ୍ଦ କରିବା ପାଇଁ ଆମେରିକୀୟମାନଙ୍କୁ ଆଗକୁ ବଢ଼ିବାକୁ ପଡିବ ବୋଲି ସେ ପୋଷ୍ଟ କରିଥିବା ବେଳେ କାର୍ଲୋସ ଟର୍ସିଓସଙ୍କର ଦାବି ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହି ଭାରତୀୟମାନେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି।

## ରାଜସ୍ଥାନର ଜୟପୁର କଲେଜକୁ ବୋମା ଧମକ

ନୂଆଦିଲ୍ଲୀ,୧୮।୨: ବୁଧବାର ଜଗତପୁର ଅଞ୍ଚଳର ସ୍ୱାମୀ କେଶବାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ ଆଣ୍ଡ୍ ଗ୍ରାମୋଥାକୁ ନ ମଧ ସମାନ ପ୍ରକାରର ବୋମା ଧମକ ଇମେଲ ମିଳିଥିଲା ଏବଂ ଏହି ଘଟଣା ଆତଙ୍କ ସୃଷ୍ଟି କରିଥିଲା, ଯାହା ଫଳରେ କର୍ତ୍ତୃପକ୍ଷ କ୍ୟାମ୍ପସ ଖାଲି କରିବାକୁ ବାଧ ହୋଇଥିଲେ। ଖବର ପାଇ ପୋଲିସ ଦଳ, ଅଗ୍ନିଶମ ବାହିନୀ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳକୁ ପହଞ୍ଚି ମଧାହ୍ନ ପର୍ଯ୍ୟନ୍ତ ପରିସରରେ ବ୍ୟାପକ ତଲାସୀ ଚଳାଇଥିଲେ। ତଥାପି, ଏପର୍ଯ୍ୟନ୍ତ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ ବୋଲି ପୋଲିସ କହିଛି।

## ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬କୁ ଉଦ୍‌ଘାଟନ କରିବେ ମୋଦି

ନୂଆଦିଲ୍ଲୀ,୧୮।୨(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବ୍ରୁଆରି ୧୯ରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ପରିଦର୍ଶନ ଓ ଉଦଘାଟନ କରିବେ। ଏହା ପୂର୍ବରୁ ୧୮ ଫେବ୍ରୁଆରି ସଂଧ୍ୟା ୭ଟା ବେଳେ ପ୍ରଧାନମନ୍ତ୍ରୀ ଭାରତ ମଣ୍ଡପମଠାରେ ଏହି ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଦେଶର ନେତାମାନଙ୍କୁ ସ୍ୱାଗତ କରିବେ। ଏହା ସହିତ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଯୋଗ ଦେଉଥିବା ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସକାଳ ପ୍ରାୟ ୯.୪୦ ରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ର ଉଦଘାଟନୀ ସମାରୋହରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ସହିତ, ଉଦ୍‌ଘାଟନୀ ସମାରୋହକୁ ଫ୍ରାନ୍ସର ରାଷ୍ଟ୍ରପତି, ଜାତିସଂଘର ମହାସଚିବ ଏବଂ ବିଶ୍ୱର ବିଭିନ୍ନ ଶୀର୍ଷ ଶିଳ୍ପ ନେତାମାନେ ମଧ ସମ୍ବୋଧିତ କରିବେ। ଏହା ପରେ ସେ ସକାଳ ପ୍ରାୟ ୧୧ ଟାରେ ଅନ୍ୟ ନେତାମାନଙ୍କ ସହିତ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ୨୦୨୬ ପରିଦର୍ଶନ କରିବେ, ଏହା ସହିତ ସେମାନେ ବିଭିନ୍ନ ଦେଶର ପାଭିଲିୟନ ପରିଦର୍ଶନ କରିବେ। ପ୍ରଧାନମନ୍ତ୍ରୀ ଅପରାହ୍ନ ୧୨ ଟାରେ ଆରମ୍ଭ ହେବାକୁ ଥିବା ନେତାମାନଙ୍କ ପ୍ଲେନେରି ଅଧିବେଶନରେ ଅଂଶଗ୍ରହଣ କରିବେ।

## ପୁଣି ଯୁଦ୍ଧ ଆଶଙ୍କା: ଇଥିଓପିଆ - ଇରିଟ୍ରିଆ ସୀମାରେ ଉତ୍ତେଜନା ବୃଦ୍ଧି

ଆଦିସ୍ ଆବା/ଆସମାରା,୧୮।୨: ବିଶ୍ୱରେ ଆଉ ଏକ ଯୁଦ୍ଧ ହେବାକୁ ଯାଉଛି। ଆଫ୍ରିକୀୟ ଦେଶ ଇଥିଓପିଆ ଓ ଇରିଟ୍ରିଆ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛନ୍ତି। ଏଥିପାଇଁ ଇଥିଓପିଆ ପକ୍ଷରୁ ଇରିଟ୍ରିଆ ସୀମାରେ ସୈନ୍ୟ ମୁତୟନ କରାଯାଇଛି। ଇଥିଓପିଆ ଦାବି କରୁଛି ଯେ, ଇରିଟ୍ରିଆ ବିଦ୍ରୋହୀମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଅସ୍ଥିରତାର ବାତାବରଣ ସୃଷ୍ଟି କରୁଛି। ଏଭଳି ପରିସ୍ଥିତିରେ ଇରିଟ୍ରିଆକୁ ଶିକ୍ଷା ଦେବା ଆବଶ୍ୟକ। ଇରିଟ୍ରିଆ ହେଉଛି ଇଥିଓପିଆର ଏକ ପଡ଼ୋଶୀ ଦେଶ। ଇଥିଓପିଆରୁ ଅଲଗା ହେବା ପରେ ୧୯୯୩ ମସିହାରେ ଇରିଟ୍ରିଆ ଗଠିତ ହୋଇଥିଲା। ଉଭୟ ଦେଶ ଖ୍ରୀଷ୍ଟିଆନ ବହୁଳ। ଉଭୟ ଦେଶରେ ମୁସଲମାନ ସଂଖ୍ୟାଲଘୁ। ସ୍ଥାନୀୟ ଗଣମାଧ୍ୟମ ଅନୁସାରେ, ଇଥିଓପିଆ ସେନାକୁ ତିଗାନ ବିଦ୍ରୋହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାମରେ ପଶ୍ଚିମ ସୀମାରେ ମୁତୟନ କରାଯାଉଛି। ସେନା ଏକ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି । ଯାହା ଦ୍ୱାରା ଭବିଷ୍ୟତରେ ସମଗ୍ର ଅଞ୍ଚଳକୁ ଇଥିଓପିଆ ନିୟନ୍ତ୍ରଣ କରିପାରିବ। ଇଥିଓପିଆ ସେନା ତିଗାନ ବିଦ୍ରୋହୀଙ୍କ ଯୋଗୁ ସମସ୍ୟାରେ ପଡ଼ିଛି। ଇଥିଓପିଆ ଦାବି କରୁଛି, ବିଦ୍ରୋହୀମାନଙ୍କୁ ଇରିଟ୍ରିଆନ୍ ସେନା ଅସ୍ତ୍ରଶସ୍ତ୍ର ଯୋଗାଉଛି। ଫଳରେ ସେମାନେ ଇଥିଓପିଆରେ ହିଂସା ଘଟାଉଛନ୍ତି। ଇଥିଓପିଆ ଓ ଏରିଟ୍ରିୟା ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁ ସଙ୍କଟ ସୃଷ୍ଟି ହୋଇଛି। ଉଭୟ ପାର୍ଶ୍ୱରୁ ଘେରାବନ୍ଦୀ ଚାଲିଛି। ଗୋଟିଏ ପାର୍ଶ୍ୱରେ ଇଥିଓପିଆ ସେନା ଓ ଅନ୍ୟ ପାର୍ଶ୍ୱରେ ଇରିଟ୍ରିୟାନ୍ ସମର୍ଥିତ ତିଗାନ୍ ସେନା ଅଛନ୍ତି। ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ଆରମ୍ଭ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ଜମାତ ମୁଖ୍ୟଙ୍କୁ ଶାନ୍ତିର ବାର୍ତ୍ତା ଦେଲା ଭାରତ



ଢାକା,୧୮।୨: ବାଂଲାଦେଶରେ ତାରିକ ରହମାନଙ୍କ ନେତୃତ୍ୱରେ ବିଏନପି ସରକାର ଗଠନ ହୋଇଛି। ଏହା ପଡ଼ୋଶୀ ଦେଶରେ ଏକ ନୂତନ ରାଜନୈତିକ ଯୁଗର ଆରମ୍ଭ କରିବ ବୋଲି କୁହାଯାଉଥିବାବେଳେ ଭାରତ ପାଇଁ ବାସ୍ତବବାଦୀ ହେବାର ସମୟ ଆସିଛି। ଏହି ପରିପ୍ରେକ୍ଷୀରେ, ଭାରତ ସରକାର କେବଳ ବାଂଲାଦେଶର ଶାସକ ଦଳକୁ ନୁହେଁ ବରଂ ଜମାତ-ଏ-ଇସଲାମି (ଜେଆଇ) ନେତୃତ୍ୱାଧୀନ ବିରୋଧୀ ଦଳକୁ ମଧ ଶାନ୍ତିର ବାର୍ତ୍ତା ଦେଇଛି, ଯାହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ପୁଣିଥରେ ଟ୍ରାକକୁ ଆଣିବାକୁ ଚେଷ୍ଟା କରୁଛି। ଏହାରି ଭିତରେ, ତାରିକ ରହମାନଙ୍କ ଶପଥ ଗ୍ରହଣ ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହିତ ଢାକା ଯାଇଥିବା ଭାରତୀୟ ବୈଦେଶିକ ସଚିବ ବିକ୍ରମ ମିସ୍ରୀ ବିରୋଧୀ ନେତା ଏବଂ ବାଂଲାଦେଶ ଜମାତ-ଏ-ଇସଲାମି ମୁଖ୍ୟ ଡକ୍ଟର ଶଫିକୁର ରହମାନଙ୍କ ସହ ସାକ୍ଷାତ କରିଛନ୍ତି। ବାଂଲାଦେଶର ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ପରେ ଏହି ସାକ୍ଷାତ ହୋଇଥିଲା। ବିକ୍ରମ ମିସ୍ରୀ ଜମାତ ମୁଖ୍ୟଙ୍କୁ ଜନତାଙ୍କ ଦ୍ୱାରା ଦିଆଯାଇଥିବା ନୂଆ ଭୂମିକା ଗ୍ରହଣ କରିବା ପାଇଁ ଅଭିନନ୍ଦନ ମଧ ଜଣାଇଥିଲେ।

## ଇରାନ-ଆମେରିକା ପରମାଣୁ ଚୁକ୍ତି ଧାର୍ଯ୍ୟ ନୀତିରେ ସହମତ

ଜେନେଭା,୧୮।୨: ଆମେରିକା ଓ ଇରାନ ମଧ୍ୟରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଦ୍ୱିତୀୟ ପର୍ଯ୍ୟାୟ କଥାବାର୍ତ୍ତାବେଳେ ଦୁଇ ଦେଶ ମଧ୍ୟରେ ବୁଝାମଣା ପାଇଁ ଧାର୍ଯ୍ୟ ନୀତି ଉପରେ ସହମତି ପ୍ରକାଶ ପାଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି ଏନେଇ ସୂଚନା ଦେଇଛନ୍ତି। ଅରାଘାଚି ଦର୍ଶାଇଥିଲେ ଯେ, ୱାସିଂଟନ ସହିତ ଆଲୋଚନା ଗଠନମୂଳକ ଥିଲେ ମଧ, ଆହୁରି ଅଧିକ କାମ ବାକି ରହିଛି। ଆଲୋଚନା ଶେଷ ହେବା ପରେ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି କହିଛନ୍ତି ଯେ, ଉଭୟ ପକ୍ଷ ଏକ ସମ୍ଭାବ୍ୟ ଚୁକ୍ତି ପାଇଁ ଡ୍ରାଫ୍ଟ ବିଷୟବସ୍ତୁ ଉପରେ ଆହୁରି କାମ କରିବାକୁ ରାଜି ହୋଇଛନ୍ତି। ଅରାଘଚି ଜାତୀୟ ଟିଭିକୁ କହିଥିଲେ ଯେ, ଧାର୍ଯ୍ୟ ନୀତିଗୁଡ଼ିକର ଏକ ସେଟ୍ ଉପରେ ବ୍ୟାପକ ସହମତିରେ ହୋଇପାରିଛି, ଯାହା ଉପରେ ଆଧାର କରି ଆମେ ଆଗକୁ ବଢ଼ିବୁ ଏବଂ ଏକ ସମ୍ଭାବ୍ୟ ଚୁକ୍ତିନାମାର ବିଷୟବସ୍ତୁ ଉପରେ କାମ ଆରମ୍ଭ କରିବୁ। ଖୁବ୍ ଶୀଘ୍ର ତୃତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ତାରିଖ ଚୂଡ଼ାନ୍ତ କରାଯିବ ବୋଲି କହିଛନ୍ତି। ତେବେ ଏହାର ଅର୍ଥ ନୁହେଁ, କି ଆମେ ବୁଝାମଣାର ଶେଷ ପର୍ଯ୍ୟାୟରେ ପହଞ୍ଚିଛୁ।

## ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ଏକୁଟିଆ ଲଢ଼ିବ ମାୟାବତୀଙ୍କ ଦଳ



ନୂଆଦିଲ୍ଲୀ,୧୮।୨: ଉତ୍ତର ପ୍ରଦେଶରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେବେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସପି) ନିର୍ବାଚନରେ କୌଣସି ଦଳ ସହିତ ମେଣ୍ଟ ନ କରି ଏକୁଟିଆ ଲଢ଼ିବ ବୋଲି ଜଣାପଡ଼ିଛି । ବୁଧବାର ମାୟାବତୀ ତାଙ୍କ ଦଳ ଆଗାମୀ ବିଧାନସଭା ନିର୍ବାଚନରେ ମେଣ୍ଟ କରି ନିର୍ବାଚନ ଲଢ଼ିବ ବୋଲି ଖବରକୁ ମିଥ୍ୟା କହି ଖଣ୍ଡନ କରିଛନ୍ତି । ମାୟାବତୀ ଏକ ପ୍ରେସ୍ ବ୍ରିଫିଂରେ ଅଭିଯୋଗ କରିଥିଲେ ଯେ, ଏଆଇ ମାଧ୍ୟମରେ ଏପରି ମିଥ୍ୟା ରିପୋର୍ଟର ପ୍ରସାର କରାଯାଉଛି। ତାଙ୍କ ଦଳ ଏକୁଟିଆ ନିର୍ବାଚନ ଲଢ଼ିବ ବୋଲି ବାରମ୍ବାର ଘୋଷଣା କରିବା ସତ୍ତ୍ୱେ ଏପରି ମିଥ୍ୟା ଖବର ପ୍ରସାରିତ ହେବାରେ ଲାଗିଛି। ୨୦୨୫ ଅକ୍ଟୋବର ୯ରେ ଦଳର ପ୍ରତିଷ୍ଠାତା କାଂଶୀରାମ ପୁଣ୍ୟତିଥିରେ ଦଳ ଲକ୍ଷ୍ନୌରେ ଏକ ମେଗା ରାଲି କରି ଏ ବିଷୟରେ ଘୋଷଣା କରିଥିଲା । ତଥାପି କିଛି ଲୋକ ଓ ଗଣମାଧ୍ୟମ ମିଥ୍ୟା ଖବର ପ୍ରସାର କରିବା ଦିଗରେ କାମ କରୁଛନ୍ତି । ମାୟାବତୀ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ, ସମାଜବାଦୀ ପାର୍ଟି ଓ ବିଜେପିର ମାନସିକତା ସଂକୀର୍ଣ୍ଣ ଓ ସେମାନେ ବିଆର୍ ଆମ୍ବେଦକରଙ୍କ ନୀତିଆଦର୍ଶକୁ ବିରୋଧ କରନ୍ତି । ୨୦୨୭ରେ ବିଏସପି ୨୦୦୭ ମସିହାଠାରୁ ମଧ ଅଧିକ ଆସନ ଆଣି ଏକୁଟିଆ ସରକାର ଗଢ଼ିବ ବୋଲି ମାୟାବତୀ ଆଶାବ୍ୟକ୍ତ କରିଛନ୍ତି।

## ବାଂଲାଦେଶରେ ହିନ୍ଦୁ ପୁଲିସ ଅଧିକାରୀଙ୍କୁ ହତ୍ୟା କରିଥିବା ବ୍ୟକ୍ତି ଭାରତରେ

ନୂଆଦିଲ୍ଲୀ/ଢାକା,୧୮।୨: ବାଂଲାଦେଶରେ ହୋଇଥିବା ହିଂସା ସମୟରେ ହିନ୍ଦୁମାନଙ୍କ ଉପରେ ବ୍ୟାପକ ଆକ୍ରମଣ ହୋଇଥିଲା। ଶେଖ୍ ହସିନା ଦେଶ ଛାଡିବା ପରେ ଏହି ଆକ୍ରମଣଗୁଡ଼ିକ ବୃଦ୍ଧି ପାଇଥିଲା। ଗୋଟିଏ ବର୍ଷ ପରେ ମଧ ଏହି ହିଂସାରେ ସମ୍ପୃକ୍ତ ଲୋକଙ୍କୁ ଦଣ୍ଡ ଦିଆଯାଇ ନାହିଁ। ଜଣେ ହିନ୍ଦୁ ପୁଲିସ ଅଧିକାରୀଙ୍କୁ ହତ୍ୟା କରି ଭାରତ ବିରୋଧୀ ମନ୍ତବ୍ୟ ଦେଇଥିବା ଜଣେ ବାଂଲାଦେଶୀ ନେତା ବର୍ତ୍ତମାନ ଦିଲ୍ଲୀରେ ଅଛନ୍ତି। ରିପୋର୍ଟ ଅନୁସାରେ, ସେ ଭିସା ପାଇଁ ସେ ଦିଲ୍ଲୀରେ ପହଞ୍ଚିଛନ୍ତି। ସେ ପର୍ତ୍ତୁଗାଲ ଯାତ୍ରା କରିବାକୁ ପ୍ରସ୍ତୁତ ହେଉଛନ୍ତି। ୨୦୨୪ ମସିହାରେ, ବାଂଲାଦେଶ ପୁଲିସ ଅଧିକାରୀ ସନ୍ତୋଷ ଶର୍ମାଙ୍କୁ ହତ୍ୟା କରାଯାଇଥିଲା। ଭାରତ ବିରୋଧୀ ଓ ହିନ୍ଦୁ ହତ୍ୟାକାରୀ ନେତା ଅହମ୍ମଦ ରେଜା ହାସନ ମେହେଦି ଦିଲ୍ଲୀରେ ଅଛନ୍ତି। ବାଂଲାଦେଶରେ ହିନ୍ଦୁମାନଙ୍କୁ ନିର୍ଯାତନା ଦେଉଥିବା ସେ ଜଣେ ମୌଳବାଦୀ ନେତା। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟ ୫ ତାରିଖରେ ହବିଗଞ୍ଜର ବାନିଆଚୋଙ୍ଗ ପୁଲିସ ଷ୍ଟେସନରେ ଏକ ଭୟଙ୍କର ହତ୍ୟାକାଣ୍ଡ ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ପ୍ରଥମେ ସେମାନେ ସମସ୍ତ ପୁଲିସ କର୍ମଚାରୀଙ୍କୁ ହତ୍ୟା କରିବାକୁ ଚାହୁଁଥିଲେ, କିନ୍ତୁ ସେନା ସେମାନଙ୍କୁ ଏପରି କରିବାକୁ ବାରଣ କରିଥିଲା। ଘଣ୍ଟା ଘଣ୍ଟା ଆଲୋଚନା ପରେ, ସେନା ପଚାଶରୁ ଅଧିକ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା, କିନ୍ତୁ ଜଣେ ଏସ୍‌ଆଇଙ୍କୁ ପୁଲିସ ଷ୍ଟେସନ ଭିତରେ ଉତ୍ତ୍ୟକ୍ତ ଜନତା ପିଟି ପିଟି ହତ୍ୟା କରିଥିଲେ।ଜୁଲାଇ ୨୦୨୪ରେ, ବାଂଲାଦେଶରେ ଛାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିବାଦ ହିଂସାତ୍ମକ ହୋଇଥିଲା। ଶେଖ ହାସିନାଙ୍କ ପୁଲିସ ଏହାକୁ ଦମନ କରିବା ପାଇଁ ରବର ଗୁଳି, ଜୀବନ୍ତ ଗୁଳି, ଲୁହବୁହା ଗ୍ୟାସ୍ ଓ ଷ୍ଟନ୍ ଗ୍ରେନେଡ୍ ବ୍ୟବହାର କରିଥିଲା।

### ସମବାୟ ମନ୍ତ୍ରୀମାନଙ୍କ ସହ ଶାହଙ୍କ ଉଚ୍ଚସ୍ତରୀୟ ବୈଠକ

# ଆର୍ଥିକ ପ୍ରଗତି ସହ ମର୍ଯ୍ୟାଦାଜନକ ଜୀବନ ବିକଶିତ ଭାରତର ଭିଜନ

ନୂଆଦିଲ୍ଲୀ,୧୮।୨(ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଗୁଜରାଟର ଗାନ୍ଧୀନଗରଠାରେ 'ସହକାର ସେ ସମୃଦ୍ଧି' ବିଷୟବସ୍ତୁ ଉପରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀମାନଙ୍କ ସହ ଏକ ମନ୍ଥନ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ମନ୍ଥନ ବୈଠକରେ ଅମିତ ଶାହ ଇଥାନଲ, ଶକ୍ତି, ଜୈବିକ ପଟାସ, ପଣ୍ୟାଗାର ଏବଂ ପ୍ରୋଟିନ୍ ପାଉଡର ପ୍ଲାଣ୍ଟ ସହ ଜଡ଼ିତ ୨୬୫ କୋଟି ଟଙ୍କାର ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ଏହି ପ୍ରଦର୍ଶନୀକୁ ମଧ ପରିଦର୍ଶନ କରିଥିଲେ ଏବଂ ସମବାୟ ସମିତିରେ ସର୍ବୋତ୍ତମ ଅଭ୍ୟାସ ଏବଂ ଅନ୍ତର୍ଜାତୀୟ ସମବାୟ ବର୍ଷ ଉପରେ ଏକ ରିପୋର୍ଟ ଉନ୍ମୋଚନ କରିଥିଲେ। ଏହି ଅବସରରେ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷନ ପାଲ ଗୁର୍ଜର, ସମବାୟ ମନ୍ତ୍ରଣାଳୟର ସଚିବ ମୁରଲୀଧର ମୋହୋଲ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି କରୁଛି। ଆଗାମୀ ପଚିଶ ବର୍ଷ ମଧ୍ୟରେ ବିଶ୍ୱ ଅର୍ଥ ବ୍ୟବସ୍ଥାର ଯେଉଁ ଦିଗ ନିର୍ଦ୍ଧାରଣ କରିବ, ସେହି କ୍ଷେତ୍ରରେ ଭାରତ ଆଜି ଅଗ୍ରଣୀ ଭାବେ କାର୍ଯ୍ୟ କରୁଛି। ସେ କହିଥିଲେ ଯେ ଏହି ମନ୍ଥନ ବୈଠକର ଆୟୋଜନ କରାଯାଇଛି କାରଣ ଆମେ ୨୦୪୭ ସୁଦ୍ଧା ଭାରତକୁ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ଚାହୁଁଛୁ। ସେ କହିଥିଲେ ଯେ ଏକ ସମ୍ପୂର୍ଣ୍ଣ ବିକଶିତ ଭାରତର ଅର୍ଥ ହେଉଛି ଏପରି ଏକ ବ୍ୟବସ୍ଥା ସୃଷ୍ଟି କରିବା ଯେଉଁଥିରେ ୧୪୦ କୋଟି ଲୋକ ସମ୍ମାନର ସହ ବଞ୍ଚିପାରିବେ। ସେ କହିଥିଲେ ଯେ କେବଳ ସମବାୟ ସମିତି ହିଁ ଏକ ମାଧ୍ୟମ ହୋଇପାରିବ ଯାହା ମାଧ୍ୟମରେ ଭାରତର ପ୍ରତ୍ୟେକ ପରିବାର ଏବଂ ବ୍ୟକ୍ତି ସମ୍ମାନର ସହ ବଞ୍ଚିପାରିବେ।



ଶ୍ରୀ ଶାହ କହିଥିଲେ ଯେ, ଯେ ପର୍ଯ୍ୟନ୍ତ କୃଷି, ଗ୍ରାମୀଣ ବିକାଶ ଏବଂ ପଶୁପାଳନ କ୍ଷେତ୍ରକୁ ସୁଦୃଢ଼ କରାଯାଇନାହିଁ, ସେ ପର୍ଯ୍ୟନ୍ତ ବ୍ୟାପକ ଜାତୀୟ ବିକାଶ ସମ୍ଭବ ନୁହେଁ। ସେ କହିଥିଲେ ଯେ ଏହି ପ୍ରୟାସକୁ ସଫଳ କରିବା ପାଇଁ ଆମେ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ। ସେ କହିଥିଲେ ଯେ ବିଗତ ଚାରି ବର୍ଷ ମଧ୍ୟରେ ଆମେ ସମବାୟ କ୍ଷେତ୍ରକୁ ଆଗକୁ ବଢ଼ାଇବା ପାଇଁ ଏକ ବୈଜ୍ଞାନିକ ଆଭିମୁଖ୍ୟ ଗ୍ରହଣ କରିଛୁ ଏବଂ ଏହାର ଫଳାଫଳ ଏବେ ଦୃଶ୍ୟମାନ ହେଉଛି। ସମବାୟ ସମିତିର ସ୍ୱୀକୃତି ବୃଦ୍ଧି ପାଇଁ କେନ୍ଦ୍ର ସମବାୟ ମନ୍ତ୍ରୀ ପ୍ରମୁଖ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରିଥିଲେ। ଖାଦ୍ୟ ଶସ୍ୟ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଆଗାମୀ ଦିନରେ ସମବାୟ କ୍ଷେତ୍ର ଦ୍ୱାରା ଦୁଇଗୁଣ ସମ୍ପ୍ରସାରଣ ସହିତ ସଂରକ୍ଷଣ କ୍ଷମତା ପ୍ରାୟ ତିନିଗୁଣ ବୃଦ୍ଧି କରିବାର ଆବଶ୍ୟକତା ରହିଛି।

### ୫ମ ଶ୍ରେଣୀ ଛାତ୍ରର ରହସ୍ୟଜନକ ମୃତ୍ୟୁ ଘଟଣା

# ୧୨ଦିନ ଧରି ବିଦ୍ୟାଳୟରେ ତାଲା

ନୟାଗଡ଼(ନିପ୍ର): ନୟାଗଡ ଜିଲ୍ଲା ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକ ନିଖୋଜ ହେବା ଘଟଣା ଓ ଘର ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ତାଙ୍କ ଶବ ଉଦ୍ଧାର ଘଟଣାକୁ ୧୨ଦିନ ବିତି ଯାଇଥିଲେ ମଧ୍ୟ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ପରିବାର ଲୋକ ପିଲାଟିକୁ ହତ୍ୟା ଓ ବଳି ଦେଇଥିବା ଅଭିଯୋଗ କରିଥିଲେ । ବିଦ୍ୟାଳୟ ଶିକ୍ଷୟତ୍ରୀଙ୍କ ଜାତିଆଣ ମନୋଭାବ ନେଇ ଛାତ୍ରର ଜୀବନ ଚାଲିଯାଇଥିବା ଅଭିଭାବକ ଅଭିଯୋଗ କରିଥିଲେ । ଛୋଟ ଜାତି ବୋଲି ବିଦ୍ୟାଳୟରେ ଥିବା ପାଇଖାନାକୁ ବାରଣ କରିଥିଲେ ଶିକ୍ଷୟିତ୍ରୀ । ବିଦ୍ୟାଳୟ ସମୟରେ ଭୋଳାନାଥ ଶୌଚ ପାଇଁ ବାହରକୁ ଯାଇଥିବାବେଳେ ଗ୍ରାମ ପାଖ ନିକଟ ଏକ ଗାଡ଼ିଆରେ ଗୋଡ଼ ଖସି ଯାଇ ଗଡ଼ିଆରେ ବୁଡ଼ି ମୃତ୍ୟୁବରଣ କରିଥିବା ପୋଲିସର ପ୍ରାଥମିକ




ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି । ପରିବାର ଲୋକ ଓ ଗ୍ରାମବାସୀମାନେ ୧୨ଦିନ ଧରି ଭୋଳାନାଥକୁ ନ୍ୟାୟ ଦେବା ପାଇଁ ବିଦ୍ୟାଳୟକୁ ତାଲା ପକାଇଛନ୍ତି । ତେବେ ସୋମବାର ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଚିତ୍ତରଂଜନ ପାଣ୍ଡେ, ବ୍ଲକ ଶିକ୍ଷା ଅଧିକାରୀ ଲିପ୍ସା ନନ୍ଦ, ବି.ଆର.ସି.ସି. ବିନୋଦିନୀ ପଣ୍ଡା ଓ ଦୁଇଜଣ ଶିକ୍ଷକ ଯାଇ ବିଦ୍ୟାଳୟ ଖୋଲିଥିଲେ । ଛାତ୍ରଛାତ୍ରୀ ମଧ୍ୟ ବିଦ୍ୟାଳୟରେ ପହଞ୍ଚିଥିଲେ । କିନ୍ତୁ ପରିବାର ଲୋକେ ଖବର ପାଇ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟ ବନ୍ଦ କରିବା ପାଇଁ ଅଡ଼ି ବସିଥିଲେ । ଏପରିକି ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ପରିବାର ଲୋକ ଯୁକ୍ତିତର୍କ ଓ ପାଟିତୁଣ୍ଡ କରିଥିଲେ । ଘଟଣାସ୍ଥଳରେ ଜିଲାପାଳ ନ ପହଞ୍ଚିଲା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲାଯିବ ନାହିଁ ବୋଲି କହିଥିଲେ । ସେପଟେ ଆମ୍ବେଦକର ଜନତା ପାର୍ଟି ଓ ଭୀମ ଆର୍ମି ପକ୍ଷରୁ ମିଳିତ ଭାବେ ଜିଲା ଶିକ୍ଷା ଅଧିକାରୀ, ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ଓ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଏମାନଙ୍କୁ ଗିରଫ ଦାବିରେ ଆସନ୍ତା ୨୩ ସୋମବାର ତାରିଖରେ ନୟାଗଡ଼ ଜିଲା ବନ୍ଦ ଡାକରା ଦିଆଯାଇଛି । ଏପରିକି ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ସହିତ ସମସ୍ତ ଦୋଷୀଙ୍କୁ ଗିରଫ କରାନଗଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଆମ୍ବେଦକର ଜନତା ପାର୍ଟିର ରାଜ୍ୟ ସଭାପତି କାହ୍ନୁଚରଣ ନାୟକ, ଭୀମ ଆର୍ମୀର ସର୍ବେଶ୍ୱର ନାୟକ, ରବି ନାୟକ, ଦୀପକ ଭୋଇ ଓ ସୁନିଲ ନାୟକ କହିଛନ୍ତି ।

## ୧୮୦ ପ୍ୟାକେଟ ଦେଶୀ ମଦ ଜବତ: ଜଣେ ଗିରଫ

କୃଷ୍ଣପ୍ରସାଦ(ନିପ୍ର): ଅବକାରୀ ବିଭାଗର ଦୀର୍ଘ ଦିନ ଧରି ଚଢ଼ାଉ ହେଉନଥିବା ବେଳେ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଶାଗମାଛ ଭଳି ଚୋରା ମଦ ବ୍ୟବସାୟ ଚାଲିଛି । ନୂତନ ଭାବେ ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ଯୋଗଦେବାର ଦୁଇ ଦିନ ପରେ ବିଭିନ୍ନ ସ୍ଥାନରେ ସଦଳବଳେ ଚଢ଼ାଉ ଆରମ୍ଭ କରିଛନ୍ତି । ଖବର ପାଇ ବଜ୍ରକୋଟ ବଜାର ଉପରେ ବ୍ୟବସାୟ କରୁଥିବା କାଣ୍ଡେଶ୍ୱର ଗ୍ରାମର ବିଚିତ୍ର ଜେନା (୫୦)ଙ୍କୁ ମଦ ବିକ୍ରି କରୁଥିବା ବେଳେ କୃଷ୍ଣପ୍ରସାଦ ପୋଲିସ କାବୁ କରିଥିଲେ । ତାଙ୍କଠାରୁ ୧୮୦ ପ୍ୟାକେଟ ଚୋରା ମଦ ଜବତ କରିବା ସହ ଗିରଫ କରି କେସ ନଂ ୪୫/୨୬ରେ ମାମଲା ରୁଜୁ କରି ଆସାମୀକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଉକ୍ତ ଚଢ଼ାଉର ଖବର ପାଇ ଚୋରା ମଦ ବ୍ୟବସାୟୀଙ୍କ ମନରେ ଛନକା ପଶିଛି ।

## କଟକରେ ଫୁଟିଲା ଗୁଳି, ଯୁବକ ମୃତ



କଟକ(ନିପ୍ର): କଟକରେ ଫୁଟିଲା ଗୁଳି, ଯୁବକ ମୃତ । ଏଭଳି ଲୋମହର୍ଷଣକାରୀ ଘଟଣା ଘଟିଛି ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ପ୍ରେସ କଲୋନୀରେ । କିଛି ସାଂଗ ମିଶି ବୁଧବାର ମଧାହ୍ନରେ ଭୋଜି କରୁଥିବାବେଳେ ସ୍ୱଷ୍ଟ ଦିବାଲୋକରେ କେହି ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରିଥିବା ଖବର ମିଳିଛି । ମୃତ ଯୁବକ ଜଣକ ସୌମ୍ୟ ରଂଜନ ଜେନା ଓରଫ ରିଙ୍କୁ (୩୩) ବୋଲି ଜଣାପଡ଼ିଛି । ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୌମ୍ୟରଂଜନଙ୍କ ଛାତିରେ ଗୁଳି ବାଜିଥିବା ଖବର ମିଳିଛି । ସେ ଭଲ କ୍ରିକେଟ ଖେଳନ୍ତି ଏବଂ ତାଙ୍କର କାହା ସହ ଶତୃତା ନଥିଲା ବୋଲି ସାଂଗମାନେ କହିଛନ୍ତି । ତେଣୁ କିଏ ଏବଂ କାହିଁକି ତାଙ୍କୁ ଗୁଳି କଲା ତାହା ସ୍ୱଷ୍ଟ ହୋଇନି । ପୂର୍ବ ଶତୃତାକୁ ନେଇ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଘଟଣା ସ୍ଥଳରେ ମଧୁପାଟଣା ଥାନା ପୋଲିସ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛି । ୨ ଜଣକୁ ଅଟକ ରଖି ପୋଲିସ ପଚରା ଉଚରା କରୁଥିବା ଜଣାପଡ଼ିଛି । ପୋଲିସ ତଦନ୍ତ ଜାରି ରଖିଛି ।

## ସକିଲ ଖାନ୍‌ଙ୍କୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ଅଟକ ରଖିବାକୁ ନିର୍ଦ୍ଦେଶ

କଟକ(ନିପ୍ର): ଜାତୀୟ ନିରାପତ୍ତା ଆଇନ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ତିଗିରିଆ ଥାନା ଅନ୍ତର୍ଗତ କରଡ଼ାପାଲି ଗ୍ରାମର ବସିର ଖାନଙ୍କ ପୁତ୍ର ସକିଲ ଖାନ୍‌ଙ୍କୁ (୩୫)କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଆଦର୍ଶ କଏଦୀ କାରାଗାର, ରାଧାରମଣପୁର, ଆଠଗଡ଼ରେ ଅଟକ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ପୂର୍ବରୁ କଟକ ଆରକ୍ଷୀ ଅଧିକ୍ଷକ ୦୬.୦୨.୨୦୨୬ରେ ସକିଲ ଖାନଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ସକିଲ ଖାନଙ୍କୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ପୁର୍ନବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଗଲା । ବର୍ତ୍ତମାନ ସକିଲ ୨୦୨୫ ମସିହାର ଏକ ମାମଲାରେ ୩୦୩(୨)/୩୧୭(୨)/୧୨୬(୨)/୧୧୫(୨)/୧୧୮(୧)/୧୩୨/୧୦୯(୧)/୩(୫) ବିଏନଏସ/୧୧(୧)(ଡି) ଅଫ ଦି ପ୍ରିଭେନସନ ଅଫ କୃଏଲିଟି ଟୁ ଆନିମଲ ଆକ୍ଟ/ସେକ୍ସନ ୭(୧) ଅଫ ଦି ଓଡ଼ିଶା ପ୍ରିଭେନସନ ଅଫ କାଓ ସ୍ଲଟର ଆକ୍ଟରେ ଆଦର୍ଶ କଏଦୀ କାରାଗାର, ରାଧାରମଣପୁର, ଆଠଗଡ଼ର ନ୍ୟାୟିକ ହେପାଜତରେ ଅଛନ୍ତି ।

## ୧୯ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ ବୁଧବାର ସ୍ଥାନୀୟ ସତୀ ଚଉରା ସ୍ଥିତ ଅଶ୍ୱିନୀ ହସପିଟାଲ ରୋଡ଼ ନିକଟରୁ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କଟକ ଜିଲ୍ଲାର ରୁବି ବେଗମ (୨୦) । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୧୮୬ଗ୍ରାମର ବ୍ରାଉନସୁଗାର ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୯ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହୀରା ଦଳପତି, ଏସଆଇ ଶେଖ ସାକିରଉଲ୍ଲା, ଏଏସଆଇ ଏଆର ମଲ୍ଲିକ, ଆଲୋକ ଖଟୁଆ ଓ କର୍ଣ୍ଣ ଓରାମ ଏବଂ କନେଷ୍ଟବଳ ସୌଭିତା ମଲ୍ଲିକ, ଅର୍ଣ୍ଣପୂର୍ଣ୍ଣା ଗଣ୍ଡ, ଗୌରାଙ୍ଗ ନାୟକ, ଦେବାଶିଷ ବେହେରା, ସୁମିତ ନାୟକ, ରଂଜିତ ସାହୁ, ପବିତ୍ର ଦାଶ ଓ ଜଗନ୍ନାଥ ସାହୁ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଅତିରିକ୍ତ ତହସିଲଦାର ଓ ଆଇଆଇସି ହସ୍ତକ୍ଷେପ ପରେ ସ୍କୁଲ ରାସ୍ତାରୁ ହଟିଲା ବାଡ

ପିପିଲି(ନିପ୍ର): ବିଦ୍ୟାଳୟ ରାସ୍ତାରେ ପାଳଗଦା ଓ ବାଉଁଶବାଡ଼ ପଡିବା ଯୋଗୁଁ ଶିକ୍ଷାଦାନରୁ ଓ ମାଧାହ୍ନ ଭୋଜନରୁ ବଂଚିତ ହୋଇଛନ୍ତି କୁନି କୁନି କୋମଳମତି ଶିଶୁ । ବିଦ୍ୟାଳୟକୁ ଯାଇନପାରି ରାସ୍ତା ପାର୍ଶ୍ୱରେ ଦୀର୍ଘ ଅଢେଇ ଘଣ୍ଟା ଧରି ଠିଆ ହୋଇଥିଲେ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ । ଖବର ପାଇ ପିପିଲି ବ୍ଲକ ବିଇଓ ପୀତବାସ ସେଠି, ପିପିଲି ଅତିରିକ୍ତ ତହସିଲଦାର ବସନ୍ତ କୁମାର ବେହେରା, ପିପିଲି ବିଡିଓ ସରୋଜ ରାଉତ, ପିପିଲି ଥାନା ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଏଭଳି ଘଟଣା ଘଟିଛି ପୁରୀ ଜିଲ୍ଲା ପିପିଲି ବ୍ଲକ ପାର୍ଶ୍ୱ ଡିହସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ । ଦୀର୍ଘ ଏକ ମାସ ଧରି ସେହି ଗ୍ରାମର ଜନୈକ ବ୍ୟକ୍ତି ବିଦ୍ୟାଳୟ ରାସ୍ତା ନିଜ ପୈତୃକ ସମ୍ପତ୍ତି କହି ରାସ୍ତା ମଝିରେ ପାଳଗଦା କରିଥିଲେ । ସେହି ଗ୍ରାମର ଜଣେ ବ୍ୟକ୍ତି ନିଜ ଘରକୁ ଯାତାୟାତରେ ଅସୁବିଧା ହେବାରୁ ସେ ବାଧ ହୋଇ ନିଜ ଘର ପାର୍ଶ୍ୱ ବିଦ୍ୟାଳୟ ରାସ୍ତାକୁ ବାଉଁଶ ପକାଇ ଅବରୋଧ କରିଥିଲେ । ବୁଧବାର ସକାଳୁ ଅଙ୍ଗନୱାଡି କୋମଳ ମତି ଶିଶୁମାନେ ଯାଇନପାରି ଅଟକି ରହିଥିବା ବେଳେ ଦିନ ୧୦ ଘଟିକା ସମୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ର ଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ଦୀର୍ଘ ଅଢେଇ ଘଣ୍ଟା ଧରି ରାସ୍ତା କଡରେ ଅଟକି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ । ଖବର ପାଇ ସମସ୍ତ ଅଧିକାରୀ ପହଞ୍ଚି ରାସ୍ତାରୁ ବାଉଁଶ ବାଡ଼ ହଟାଇବା ସହିତ ନିଜେ ପିପିଲି ଥାନା ଅଧିକାରୀ କୁଟା ଗଦାକୁ ଖାଲି କରିଥିଲେ । ଏହିସବୁ ଅବରୋଧ ଉଠିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟକୁ ଯାଇଥିଲେ ।

## ଅନିୟମିତତା ଅଭିଯୋଗ: ବିଜେଡ଼ିର ବିଶାଳ ବିକ୍ଷୋଭ

ଭଦ୍ରକ(ନିପ୍ର): ବିଜୁ ଜନତା ଦଳ ଭଦ୍ରକ ପକ୍ଷରୁ ଧାନ ସଂଗ୍ରହ ବେଳେ ଅନିୟମିତତା ଅଭିଯୋଗ ହୋଇଛି । ମିଲରମାନଙ୍କ ମନମୁଖୀ କାର୍ଯ୍ୟ ଧାନ ସଂଗ୍ରହ ବେଳେ ଧାନର ମାନ ଅନୁଧାନ ଆଳରେ କୃଷକମାନଙ୍କୁ ହରିଲୁଟ୍ କରିବା ଓ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ନିରବତାକୁ ବିରୋଧ କରି ଏକ ବିଶାଳ ଶୋଭାଯାତ୍ରା ବାହାରିଛି । ୭ହଜାରରୁ ଉର୍ଦ୍ଧ୍ୱ ଶଙ୍ଖ ସଙ୍ଗଠନ ସୈନିକ ନେତୃମଣ୍ଡଳୀକୁ ନେଇ ଭଦ୍ରକ ଗାନ୍ଧୀ ପଡ଼ିଆ ଠାରୁ ବାହାରି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ସମେତ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରିଥିଲେ । ସାଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନାଙ୍କ ସମେତ ବିଭିନ୍ନ ବ୍ଲକ୍‌ର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ସମେତ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଜୁ ଯୁବ, ଛାତ୍ର, ମହିଳା ଜନତା ଦଳର ଜିଲ୍ଲା ସଭାପତିଙ୍କ ସମେତ ଅନ୍ୟାନ୍ୟ ନେତୃମଣ୍ଡଳୀ ତୃଣମୂଳ ସ୍ତରର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଯଦି ବିଭାଗୀୟ ଅଧିକାରୀ ଆଗାମୀ ଦିନରେ ଏହାର ସମାଧାନ ନ କରନ୍ତି, ତେବେ ଭଦ୍ରକଠାରୁ ଭୁବନେଶ୍ୱରର ପର୍ଯ୍ୟନ୍ତ ଏ ଲଢେଇ ଜୋରଦାର ହେବ ବୋଲି ମତପ୍ରକାଶ କରିଛନ୍ତି ବିଜେଡି ଜିଲ୍ଲା ସଭାପତି ।


**NOTICE**

By virtue of an affidavit sworn before Executive Magistrate, Khordha, dated 18.02.2026, I Niroj Kumar Maharathi, S/o- Girish Chandra Maharathi, At-Kanpur, Po-Malipada, Ps-Jankia, Dist-Khordha, Odisha-752018 declare that, I have changed the name of my daughter from Bably Maharathi to Pallavi Maharathi. Henceforth, she shall be known as Pallavi Maharathi for all purposes.

**Sd/-Niroj Kumar Maharathi**

34001/95/2526

OFFICE OF THE SUPERINTENDING ENGINEER
PURI (R&B) DIVISION,PURI
Phone / Fax: (06752) 296839 (E-mail: eerbpuri@yahoo.co.in)

1ST. CORRIGENDUM TO TENDER CALL NOTICE NO. 62 OF 2025-26

The tender called vide this office tender call notice No. 62 of 2025-26 is here by modified as follows.

1. Clause No. 2 -The Bid documents will be available in the website: www.tendersorissa.gov.in from dt. 20.02.2026 at 10 AM to 5.00 PM of dt 27.02.2026.
2. Clause No-5- The Bids received on line shall be opened on dt. 02.03.2026 at 11.00 AM.

All Other terms and conditions as mentioned in the DTCN will remain unchanged.

Superintending Engineer,
Puri (R&B) Division, Puri

OIPR 34001/34064/1/25-26/0003



## ଭାରତୀୟ ସେନାବାହିନୀ

www.joinindianarmy.nic.in

ଅଗ୍ନିପଥ ସ୍କିମ୍ ଅଧୀନରେ ସେନାବାହିନୀରେ ଅଗ୍ନିବୀରଙ୍କ ନିଯୁକ୍ତି ନିମନ୍ତେ ସୂଚନା
(ନିଯୁକ୍ତି ବର୍ଷ - ୨୭ ପାଇଁ ପଞ୍ଜିକରଣ ୨୦୨୬ ଫେବୃୟାରୀ ୧୪ରୁ ଆରମ୍ଭ, ୨୦୨୬ ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିବ)

### ମୁଖ୍ୟାଂଶ

(ନିମ୍ନରେ ଦିଆଯାଇଥିବା ସୂଚନା କେବଳ ସାଧାରଣ ସଚେତନତା ପାଇଁ ଉଦ୍ଦିଷ୍ଟ, ଆଇନଗତ ପାଇଁ ନୁହେଁ)
(www.joinindianarmy.nic.inରେ ବିଜ୍ଞପ୍ତି ଉସ୍ପ ପ୍ରକାଶିତ - ପ୍ରବେଶିକା ପାଇଁ ସବିଶେଷ ସୂଚନା ଜ୍ଞାପନ କରାଯିବା ଉଚିତ୍)

| କ୍ୟାଟେଗୋରି | ବର୍ଣ୍ଣନ | ସବିଶେଷ ବିଜ୍ଞପ୍ତି ପାରାଗ୍ରାଫ ନଂ |
|---|---|---|
| ପ୍ରବେଶିକାର ପ୍ରକାର | ୧. ଅଗ୍ନିବୀର ସାଧାରଣ ଡ୍ୟୁଟି<br>୨. ଅଗ୍ନିବୀର ବୈଷୟିକ<br>୩. ଅଗ୍ନିବୀର କ୍ଲର୍କ / ଷ୍ଟୋର କିପର ବୈଷୟିକ<br>୪. ଅଗ୍ନିବୀର ଟ୍ରେଡ୍‌ସମ୍ୟାନ (ଦଶମ ଶ୍ରେଣୀ ପାସ୍ ଓ ଅଷ୍ଟମ ପାସ୍)<br>୫. ଅଗ୍ନିବୀର ମହିଳାଙ୍କ ମିଲିଟାରୀ ପୋଲିସ୍‌ର ବିଶେଷ କାର୍ଯ୍ୟଭାରରେ ସାଧାରଣ ଡ୍ୟୁଟି<br>**ଦ୍ରଷ୍ଟବ୍ୟ -** ଅଗ୍ନିବୀର ପ୍ରାର୍ଥୀମାନେ (ତଳେ ଦିଆଯାଇଥିବା) ସେମାନଙ୍କର ଯୋଗ୍ୟତା ଆଧାରରେ ଯେକୌଣସି ୨ କ୍ୟାଟେଗୋରୀରେ ଆବେଦନ କରିପାରିବେ | ପାରା-୧ |
| ବୟସ | ୧୭୧/୨-୨୨ ବର୍ଷ (ନିଯୁକ୍ତି ବର୍ଷ ୨୦୨୭ରେ ଜାନୁଆରୀ ୧ ଏବଂ ଜୁଲାଇ ୧ ଯଥାକ୍ରମରେ ସର୍ବନିମ୍ନ ଏବଂ ସର୍ବାଧିକ ବୟସର ହିସାବ ହେବ)<br>**କେବଳ ମହିଳାଙ୍କ ପାଇଁ.** ୩୦ବର୍ଷ ବୟସ ପର୍ଯ୍ୟନ୍ତ ସର୍ବାଧିକ ବୟସସୀମା କୋହଳ ହେବ (ତାଲିମରେ ଯୋଗ ଦେବାର ତାରିଖଠାରୁ) ଏହା ପ୍ରତିରକ୍ଷା କର୍ମଚାରୀଙ୍କ ବିଧବାଙ୍କ ପରିପ୍ରେକ୍ଷୀରେ ଲାଗୁ ହେବ । | ପାରା-୧ |
| ଶିକ୍ଷାଗତ ଯୋଗ୍ୟତା | ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବୋର୍ଡ ଲିଷ୍ଟ ମୁତାବକ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତ ସ୍କୁଲ ଶିକ୍ଷା ବୋର୍ଡ ଦ୍ୱାରା ପ୍ରାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।<br>ଏହା (www.joinindianarmy.nic.in ରେ ଦର୍ଶାଯାଇଛି । | |
| ଶାରୀରିକ ମାପ ମାନକ (ପିଏମଟି: ଉଚ୍ଚତା, ଓଜନ ଏବଂ ସଂପ୍ରସାରିତ ଛାତି) | ଅଞ୍ଚଳ ଓ ସ୍ୱତନ୍ତ୍ର କୋହଳ ମୁତାବକ | ପାରା-୫ |
| ଶାରୀରିକ ଫିଟ୍‌ନେସ ଟେଷ୍ଟ (ପିଏଫ୍‌ଟି) | ଶାରୀରିକ ଫିଟନେସ୍ ଟେଷ୍ଟ (ପିଏଫ୍‌ଟି)ରେ ମନୋନୟନ ପାଇଁ ଯୋଗ୍ୟତା ବାଧ୍ୟତାମୂଳକ :-<br>**ପୁରୁଷଙ୍କ ପାଇଁ:** ୧.୬ କିଲୋମିଟର ଦୌଡ, ବିମ୍ (ପୁଲ ଅପ୍‌ସ) ଏବଂ ୯ ଫୁଟ ଡିଚ୍ ଓ ଜିଗ୍‌ଜାଗ୍ ବାଲାନ୍ସ ଯୋଗ୍ୟତା ହାସଲ କରିବା ଦରକାର ।<br>**ମହିଳାଙ୍କ ପାଇଁ:** ୧.୬ କିଲୋମିଟର ଦୌଡ, ବିମ୍ (ପୁଲ ଅପ୍‌ସ) ଏବଂ ୭ ଫୁଟ ଡିଚ୍ ଓ ଜିଗ୍‌ଜାଗ୍ ବାଲାନ୍ସ ଯୋଗ୍ୟତା ହାସଲ କରିବା ଦରକାର ।<br>**ଦ୍ରଷ୍ଟବ୍ୟ -** ଅଗ୍ନିବୀର ବୈଷୟିକ ଓ ଅଗ୍ନିବୀର କ୍ଲର୍କ / ଷ୍ଟୋର କିପର ବୈଷୟିକ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ କେବଳ ସମସ୍ତ ଶାରୀରିକ ଟେଷ୍ଟରେ ଯୋଗ୍ୟତା ହାସଲ କରିବା ଲୋଡା । | ପାରା-୨୪ |
| ବୈବାହିକ ସ୍ଥିତି | **ପୁରୁଷ -** ଅବିବାହିତଙ୍କ ପାଇଁ କେବଳ | ପାରା-୧୮ |
| | **ମହିଳା -** ଅନ୍ୟ ସମସ୍ତ ଯୋଗ୍ୟତା ମାନକ ପରିପୂରଣ କରୁଥିବା ଅବିବାହିତ, ବିଧବା, ସ୍ୱାମୀ ପରିତ୍ୟକ୍ତା କିମ୍ବା ସନ୍ତାନ ନଥାଇ ଆଇନଗତ ଭାବରେ ପୃଥକ ହୋଇଥିବା ମହିଳା | ପାରା-୧୮ ଓ ପାରା ୧ |
| ନିଯୁକ୍ତି ପ୍ରକ୍ରିୟା | ଅନ୍‌ଲାଇନ ପଞ୍ଜିକରଣ / ଦରଖାସ୍ତ > ଅନଲାଇନ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା (ସିଇଇ) > ନିଯୋଜନ ର୍ୟାଲି (ପିଏଫ୍‌ଟି ଏବଂ ପିଏନ୍‌ଟି) > ମେଡ଼ିକାଲ > ଡକ୍ୟୁମେଣ୍ଟେସନ | ପାରା-୧୯ |
| ପ୍ରବେଶିକା ପରୀକ୍ଷା ଓ ତାରିଖ | ଅସ୍ଥାୟୀ ଭାବରେ ତାରିଖ ୦୧ରୁ ୧୫ ଜୁନ୍ ୨୦୨୭ ମଧ୍ୟରେ (ଚୂଡାନ୍ତ ତାରିଖ ପୃଥକ୍ ଭାବରେ ଜଣାଇ ଦିଆଯିବ) | |
| କମନ ଏଣ୍ଟ୍ରାନ୍ସ ପରୀକ୍ଷା (ସିଇଇ) | ଅନ୍‌ଲାଇନ କମନ୍ ପ୍ରବେଶିକା ପରୀକ୍ଷା (ସିଇଇ) ୧୩ଟି ଭାଷାରେ ପରିଚାଳିତ ହେବ (ଯଥା: ଇଂରାଜୀ, ହିନ୍ଦୀ, ମାଲୟାଲମ୍, କନ୍ନଡ, ତାମିଲ, ତେଲଗୁ, ପଞ୍ଜାବୀ, ଓଡ଼ିଆ, ବଙ୍ଗାଳୀ, ଉର୍ଦ୍ଦୁ, ଗୁଜରାଟୀ, ମରାଠି ଓ ଅହମିୟା) | ପାରା - ୨୧.୬ |
| ତାଲିମ ଅବଧି | ୨୪ ସପ୍ତାହ | |
| ଲିଭ୍ | ଅଗ୍ନିବୀରଙ୍କ ପାଇଁ ବର୍ଷକୁ ୩୦ ଦିନ ଲିଭ୍ (ଛୁଟି) ଆବେଦନ ଉପଯୁକ୍ତ । ଅତିରିକ୍ତ ଭାବରେ ସିକ୍ ଲିଭ୍ ପ୍ରାଧିକୃତ ମେଡିକାଲ କର୍ତ୍ତୃପକ୍ଷଙ୍କ ମେଡିକାଲ ପରାମର୍ଶ ଆଧାରରେ ମିଳିପାରିବ | ପାରା-୧୧ |

ପେ, ଆଲାଉନ୍ସ ଓ ସେବାନିଧି — ପାରା - ୧୩ ଓ ୧୪

| ବର୍ଷ | କଷ୍ଟମାଇଜ୍‌ଡ ପ୍ୟାକେଜ୍ (ମାସିକ) | ହାତରେ (୭୦%) | ଅଗ୍ନିବୀର କର୍ପସ ଫଣ୍ଡକୁ ଅଂଶଦାନ (୩୦%) | ଭାରତ ସରକାରଙ୍କ ଦ୍ୱାରା କର୍ପସ ଫଣ୍ଡକୁ ଅଂଶଦାନ |
|---|---|---|---|---|
| ସମସ୍ତ ସଂଖ୍ୟା ଟଙ୍କା ଆକାରରେ (ମାସିକ ଅଂଶଦାନ) (ହାରାହାରି) | | | | |
| ପ୍ରଥମ ବର୍ଷ | ୩୦,୦୦୦/- | ୨୧,୦୦୦/- | ୯,୦୦୦/- | ୯,୦୦୦/- |
| ଦ୍ୱିତୀୟ ବର୍ଷ | ୩୩,୦୦୦/- | ୨୩,୧୦୦/- | ୯,୯୦୦/- | ୯,୯୦୦/- |
| ତୃତୀୟ ବର୍ଷ | ୩୬,୫୦୦/- | ୨୫,୫୫୦/- | ୧୦,୯୫୦/- | ୧୦,୯୫୦/- |
| ଚତୁର୍ଥ ବର୍ଷ | ୪୦,୦୦୦/- | ୨୮,୦୦୦/- | ୧୨,୦୦୦/- | ୧୨,୦୦୦/- |

| | | |
|---|---|---|
| ୪ବର୍ଷ ପରେ ଅଗ୍ନିବୀର କର୍ପସ ପାଣ୍ଠିରେ ସମୁଦାୟ ଅଂଶଦାନ | ଟ. ୫.୦୨ ଲକ୍ଷ | ଟ. ୫.୦୨ ଲକ୍ଷ |
| ୪ବର୍ଷ ପ୍ରସ୍ଥାନ ପରେ | ସେବାନିଧି ପ୍ୟାକେଜ୍ ଅନୁଯାୟୀ ହାରାହାରି ଟ. ୧୦.୦୪ ଲକ୍ଷ (ସମୁଦାୟ ଅର୍ଥରାଶି ସୁଧକୁ ବାଦ୍ ଦେଇ) | |

| କ୍ୟାଟେଗୋରି | ବର୍ଣ୍ଣନ | ସବିଶେଷ ବିଜ୍ଞପ୍ତି ପାରାଗ୍ରାଫ ନଂ |
|---|---|---|
| ସେବାନିଧି | (ଉପର ସାରଣୀ ଦେଖନ୍ତୁ) | ପାରା - ୧୪ |
| ଜୀବନବୀମା କଭର | ଅଗ୍ନିବୀରଙ୍କୁ ସେମାନଙ୍କର ନିଯୋଜନ ଅବଧି ମଧ୍ୟରେ ୪୮ଲକ୍ଷ ଟଙ୍କାର ଅଣଅଂଶଦାନ ଆଧାରିତ ଜୀବନବୀମା କଭର ଯୋଗାଇ ଦିଆଯିବ | ପାରା-୧୫ |
| ମୃତ୍ୟୁ ସହାୟତା ରାଶି | ୪୮ଲକ୍ଷ ଟଙ୍କାର ଇନସ୍ୟୁରାନ୍ସ କଭର ଅତିରିକ୍ତ, ଏକକାଳୀନ ୪୪ଲକ୍ଷ ଏକ୍ସଗ୍ରାସିଆ ସେବାରେ ମୃତ୍ୟୁ ପାଇଁ ନିକଟ ଆତ୍ମୀୟଙ୍କୁ ଯୋଗାଇ ଦିଆଯିବ | ପାରା-୧୫ |
| ମେଡିକାଲ ଓ ସିଏସଡି ବ୍ୟବସ୍ଥା | ଭାରତୀୟ ସେନା ଅଗ୍ନିବୀରଙ୍କ ନିଯୋଜନ ଅବଧିରେ ସିଏସ୍‌ଡି ସର୍ତ୍ତାବଳୀ ସହିତ ସେବା ହସପିଟାଲଗୁଡ଼ିକରେ ମେଡିକାଲ ସୁବିଧା ଉପଲବ୍ଧ ହେବ | ପାରା-୧୨ |
| ଅଗ୍ନିବୀରଙ୍କ ନିଯୋଜନ ଅବଧି | ୦୪ ବର୍ଷ. ଭାରତୀୟ ସେନାବାହିନୀ ୪ବର୍ଷରୁ ଅଧିକ କାଳ ଅଗ୍ନିବୀରଙ୍କୁ ନିଯୋଜନରେ ଅଟକ ରଖିବାକୁ ବାଧ୍ୟ ନୁହେଁ । | ପାରା-୮ |
| ସୈନିକ ଭାବରେ ସଦସ୍ୟତା (ରେଗୁଲାର କ୍ୟାଡର) | ସେବାର ୪ବର୍ଷ ସଂପୂର୍ଣ୍ଣ ହେବା ପରେ ସଂସ୍ଥାର ଆବଶ୍ୟକତା ଓ ପ୍ରସ୍ତୁତ ନୀତି ଆଧାରରେ ଅଗ୍ନିବୀରଙ୍କ ନିର୍ଦ୍ଦିଷ୍ଟ ପ୍ରତି ବ୍ୟାଚ୍‌ରୁ ଭାରତୀୟ ସେନାରେ ରେଗୁଲାର କ୍ୟାଡର ନିମନ୍ତେ ୨୫ ପ୍ରତିଶତ ପର୍ଯ୍ୟନ୍ତ ସାମିଲ କରାଯିବ । | ପାରା - ୮ |

**ଦାୟିତ୍ୱ ଅସ୍ୱୀକାର**

*ବିଜ୍ଞାପନରେ ଦିଆଯାଇଥିବା ଟର୍ମ ଓ ସର୍ତ୍ତାବଳୀ କେବଳ ମାର୍ଗଦର୍ଶିକା ଏବଂ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ମୁତାବକ ଯାହା ସମୟାନୁସାରେ ସଂଶୋଧିତ ହୋଇଥାଏ, ମନୋନୀତ ପ୍ରାର୍ଥୀଙ୍କ ପାଇଁ ଉପଯୋଗ ହେବ, ଭାରତୀୟ ସେନା ଅଧିକାର ସଂରକ୍ଷିତ ରଖେ ଯେ ସମଗ୍ର ମନୋୟନ ପ୍ରକ୍ରିୟା ବା ପ୍ରକ୍ରିୟାର ଅଂଶ କୌଣସି ଯଥାର୍ଥ କାରଣ ନ ଦର୍ଶାଇ ସଂଶୋଧନ ଅବା ବାତିଲ କରିପାରିବେ ।*
*ପରୀକ୍ଷା ସମୟରେ କୌଣସି ପ୍ରାର୍ଥୀ କୌଣସି ଅବୈଧ ଉପାୟ ବା କପିର ଆଶ୍ରୟ ନେଲେ ତାହାଙ୍କୁ ସବୁଦିନ ପାଇଁ ପରୀକ୍ଷାରୁ ଦୂରେଇ ରଖାଯିବ*
*ତଥ୍ୟ ପଞ୍ଜିକରଣ ସମୟରେ ଦିଆଯିବ ଓ ଏହା ଚୂଡାନ୍ତ ହେବ, ପରବର୍ତ୍ତୀ ସମୟରେ କୌଣସି ପରିବର୍ତ୍ତନ ଅଣାଯିବ ନାହିଁ, ପ୍ରାର୍ଥୀ କୌଣସି ଭୁଲ୍ ତଥ୍ୟ ଏଣ୍ଟ୍ରି କରାଇଲେ ଅଯୋଗ୍ୟ ଘୋଷିତ ହେବେ ।* **CBC 10601/11/0082/2526**

# ‘୧୦ ବର୍ଷରେ ୫୭୨ କଏଦୀଙ୍କ ମୃତ୍ୟୁ’

ଭୁବନେଶ୍ୱର, ୧୮।୨: ରାଜ୍ୟର ଜେଲ ବ୍ୟବସ୍ଥା ଏକ ଗୁରୁତର ସ୍ୱାସ୍ଥ୍ୟ ସଂକଟର ସମ୍ମୁଖୀନ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଗତ ଦଶନ୍ଧି ମଧ୍ୟରେ ୫୭୨ ବିଚାରାଧୀନ କଏଦୀ ଏବଂ କଏଦୀଙ୍କ ମୃତ୍ୟୁ ଘଟିଛି। ଜେଲ ବିଭାଗ ଦ୍ୱାରା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋକୁ ପ୍ରଦାନ କରାଯାଇଥିବା ଏହି ସଂଖ୍ୟା, ସଂଶୋଧନ କେନ୍ଦ୍ର ଭିତରେ ସ୍ୱାସ୍ଥ୍ୟସେବା ଏବଂ ସୁରକ୍ଷା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଶୂନ୍ୟତାକୁ ସୂଚିତ କରୁଛି। ତଥ୍ୟ ଅନୁଯାୟୀ, ୨୦୧୪ ରୁ ୨୦୨୩ ମଧ୍ୟରେ, ହାଜତରେ ଥିବା ସମୟରେ ବିଭିନ୍ନ ରୋଗ ଯୋଗୁଁ ମୋଟ ୫୭୨ କଏଦୀଙ୍କ ମୃତ୍ୟୁ ହୋଇଥିଲା। ୨୦୧୪ରେ ସର୍ବାଧିକ ମୃତ୍ୟୁ ରେକର୍ଡ କରାଯାଇଥିଲା, ଯେତେବେଳେ ୮୭ କଏଦୀ ପ୍ରାଣ ହରାଇଥିଲେ। ୨୦୨୦ରେ ଏହି ସଂଖ୍ୟା ୭୫ ଏବଂ ୨୦୨୧ରେ ୬୦ ଥିଲା, ଯେତେବେଳେ ୨୦୧୫ରେ ସର୍ବନିମ୍ନ ୪୫ ମୃତ୍ୟୁ ରେକର୍ଡ କରାଯାଇଥିଲା। ମ୍ୟାଲେରିଆ ଏବଂ ମସ୍ତିଷ୍କ ମ୍ୟାଲେରିଆ ମୃତ୍ୟୁର ପ୍ରମୁଖ କାରଣ ଭାବରେ ଉଭା ହୋଇଥିଲା, ଯାହା ୨୪୩ ମୃତ୍ୟୁ ପାଇଁ ଦାୟୀ ଥିଲା। ହୃଦ୍‌ରୋଗ ଏବଂ ହୃଦଘାତରେ ୮୧ ଜଣଙ୍କର ମୃତ୍ୟୁ ହୋଇଛି, ଏହା ପରେ କିଡନୀ ସମ୍ବନ୍ଧୀୟ ରୋଗ (୪୦), କର୍କଟ (୨୩), ଯକ୍ଷ୍ମା (୧୮) ଏବଂ ଫୁସଫୁସ ସଂକ୍ରମଣ (୧୫) ହୋଇଛି। ଏହା ବ୍ୟତୀତ, ୧୪ ଜଣ କଏଦୀ ମସ୍ତିଷ୍କ ଷ୍ଟ୍ରୋକରେ, ୧୧ ଜଣ ଜଣ୍ଡିସ ଏବଂ ସିରୋସିସ୍ ସମେତ ଯକୃତ ସମ୍ବନ୍ଧୀୟ ରୋଗରେ, ୪ ଜଣ ଏଡ୍ସରେ ଏବଂ ୨ ଜଣ ଡାଇରିଆ ରୋଗରେ ମୃତ୍ୟୁବରଣ କରିଛନ୍ତି। ମ୍ୟାଲେରିଆ ସମ୍ବନ୍ଧୀୟ ମୃତ୍ୟୁର ଉଚ୍ଚ ଘଟଣା ଜେଲ ପରିସରରେ ମଶା ନିୟନ୍ତ୍ରଣ ଏବଂ ପରିମଳ ବ୍ୟବସ୍ଥା ବିଷୟରେ ଚିନ୍ତା ସୃଷ୍ଟି କରିଛି। ସେହିପରି, କିଡନୀ ରୋଗ ଏବଂ ଡାଇରିଆ ସଂକ୍ରମଣ ସହିତ ଜଡିତ ମୃତ୍ୟୁ କଏଦୀମାନଙ୍କ ପାଇଁ ଉପଲବ୍ଧ ପାନୀୟ ଜଳର ଗୁଣବତ୍ତା ପ୍ରତି ଦୃଷ୍ଟି ଆକର୍ଷଣ କରିଛି।ସୁରକ୍ଷା ତ୍ରୁଟି ମଧ୍ୟ ଯାଞ୍ଚ ପରିସରକୁ ଆସିଛି। ସେହି ସମୟ ମଧ୍ୟରେ, ୩୪ ଜଣ କଏଦୀ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ରିପୋର୍ଟ ହୋଇଛି, ଯାହା ଜେଲ ଭିତରେ ନିରୀକ୍ଷଣ ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି।ପ୍ରତ୍ୟେକ ଜେଲରେ ଏକ ହସ୍ପିଟାଲ ସୁବିଧା ସହିତ ସଜ୍ଜିତ ଏବଂ ଡାକ୍ତର, ଫାର୍ମାସିଷ୍ଟ ଏବଂ ନର୍ସିଂ କର୍ମଚାରୀଙ୍କ ସହିତ କର୍ମଚାରୀ ଅଛନ୍ତି, ଏବଂ ଔଷଧ ପାଇଁ ପାଣ୍ଠି ବଣ୍ଟନ କରାଯାଇଛି, ତଥ୍ୟ ସୂଚାଇ ଦିଏ ଯେ ଏହି ପଦକ୍ଷେପଗୁଡ଼ିକ ଯଥେଷ୍ଟ ନୁହେଁ।

# ବିକଶିତ ଭାରତର ସଂକଳ୍ପକୁ ସାକାର କରିବାରେ ଯୁବକଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ

ରାଞ୍ଚି/ଭୁବନେଶ୍ୱର, ୧୮/୨(ପିଆଇବି) : ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପ୍ରେସ୍ ଇନଫରମେସନ୍ ବ୍ୟୁରୋ ରାଞ୍ଚି ଓ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ରାଞ୍ଚିକୁ ତିନି ଦିନିଆ ଗସ୍ତରେ ଯାଇ ଆଜି ରାଞ୍ଚି ଦୂରଦର୍ଶନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ସମ୍ପର୍କରେ ଦୂରଦର୍ଶନ କେନ୍ଦ୍ରର ଅଧିକାରୀ ଏବଂ କର୍ମଚାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏକ ବିକଶିତ ଭାରତର ସଂକଳ୍ପକୁ ସାକାର କରିବାରେ ଯୁବକମାନଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ। ପରିବର୍ତ୍ତିତ ବିଶ୍ୱ ପରିଦୃଶ୍ୟରେ ପ୍ରଯୁକ୍ତି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହିତ ସମନ୍ୱୟ ଅତ୍ୟନ୍ତ ଜରୁରୀ।



ଆଲୋଚନା ସମୟରେ ଅଧିକାରୀ ଏବଂ କର୍ମଚାରୀମାନେ ବିଭିନ୍ନ ବିଷୟ ଉପରେ ପ୍ରଶ୍ନୋତ୍ତର ମାଧ୍ୟମରେ ସେମାନଙ୍କ ସଂଶୟ ଦୂର କରିଥିଲେ । ସେ ଗଣ ଯୋଗାଯୋଗରେ ଦୂରଦର୍ଶନ, ପ୍ରେସ୍ ଇନଫରମେସନ୍ ବ୍ୟୁରୋ ଏବଂ ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ କମ୍ୟୁନିକେସନ୍‌ର କାର୍ଯ୍ୟକାରିତା, ଉଦ୍ଦେଶ୍ୟ ଏବଂ ଭୂମିକା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଭାରତରେ ସୂଚନା ପ୍ରସାରଣର ଐତିହାସିକ ବିବର୍ତ୍ତନ ଏବଂ ପରିବର୍ତ୍ତିତ ଦିଗ ଉପରେ ଆଲୋଚନା କରି ସେ ଦର୍ଶାଇଥିଲେ ଯେ ଟେକ୍ନୋଲୋଜିର ସଂଯୋଜନ ସୂଚନାର ପ୍ରସାରକୁ ଅଧିକ ସଠିକ୍, ଦ୍ରୁତ ଏବଂ ପ୍ରଭାବଶାଳୀ କରିଛି। ମିଥ୍ୟା ସୂଚନାର କ୍ରମବର୍ଦ୍ଧିଷ୍ଣୁ ଆହ୍ୱାନ ବିଷୟରେ ଉଲ୍ଲେଖ କରି ସେ ବିଶ୍ୱସନୀୟ ଏବଂ ପ୍ରାମାଣିକ ସୂଚନା ପ୍ରଦାନ କରିବାରେ ପ୍ରେସ୍ ଇନଫରମେସନ୍ ବ୍ୟୁରୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସମୟରେ ଗଣମାଧ୍ୟମ ଏବଂ ଯୋଗାଯୋଗ କ୍ଷେତ୍ରରେ ବୈଷୟିକ ପରିବର୍ତ୍ତନର ପ୍ରଭାବ, ସୂଚନା ବ୍ୟବସ୍ଥାର ବିଶ୍ୱସନୀୟତା ଏବଂ ଗଣ ଯୋଗାଯୋଗର ପରିବର୍ତ୍ତିତ ଦିଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ପ୍ରେରଣାଦାୟୀ ଥିଲା। ଏହି ଅବସରରେ ଦୂରଦର୍ଶନର ସମାଚାର ସମ୍ପାଦକ ଗୌରବ ପୁଷ୍କର, ଝାଡ଼ଖଣ୍ଡର ଦୂରଦର୍ଶନ ସମ୍ବାଦ ବିଭାଗର ମୁଖ୍ୟ ତଥା ସହକାରୀ ନିର୍ଦ୍ଦେଶକ ଦିବାକର କୁମାର, ପିଆଇବି ରାଞ୍ଚିର କାର୍ଯ୍ୟାଳୟ ମୁଖ୍ୟ ରାଜେଶ ସିହ୍ନା, ସୂଚନା ସହାୟକ ପ୍ରିନ୍ସ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଧାନସଭା ହାଲଚାଲ

### ବାର୍ଷିକ ଫଳ ଉତ୍ପାଦନରେ ଓଡ଼ିଶାର ସ୍ଥାନ ୧୧

ଭୁବନେଶ୍ୱର,୧୮/୨(ନିପ୍ର): ସର୍ବଭାରତୀୟ ସ୍ତରରେ ବାର୍ଷିକ ଫଳ ଉତ୍ପାଦନରେ ଓଡ଼ିଶାର ସ୍ଥାନ ୧୧ । ରାଜ୍ୟରେ ୭୯୧୯ ଜଣ ଉଦ୍ୟୋଗୀ କରୁଛନ୍ତି ବ୍ୟବସାୟିକ ଭିତରେ କରୁଛନ୍ତି ଫଳ ଓ ଫୁଲ ଚାଷ । ସେମାନଙ୍କ ବାର୍ଷିକ ଆୟ ରହିଛି ୧୦ ହଜାର ୪୧୬ ଲକ୍ଷ ୯୧ ହଜାର ଟଙ୍କା । ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ୨୭.୧୮ ଲକ୍ଷ ଫଳ ହୋଇଛି ଉତ୍ପାଦନ । ସର୍ବାଧିକ ପୁରୀ ରେ ୫୮୬ ଜଣ ଉଦ୍ୟୋଗୀ ଫଳ ଚାଷ କରୁଥିବାବେଳେ ସମ୍ବଲପୁରୀ ଓ ସୁନ୍ଦରଗଡ଼ରେ ସର୍ବାଧିକ ୧୧୫ ଉଦ୍ୟୋଗୀ କରୁଛନ୍ତି ଫୁଲ ଚାଷ । ବିଧାନସଭାରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଲିଖିତ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

### ରାଜ୍ୟର ସମସ୍ତ ରାଜସ୍ୱ ଗ୍ରାମକୁ ପହଞ୍ଚି ସାରିଛି ବିଜୁଳି

ଭୁବନେଶ୍ୱର: ରାଜ୍ୟର ସମସ୍ତ ରାଜସ୍ୱ ଗ୍ରାମକୁ ପହଁଚି ସାରିଛି ବିଜୁଳି । ୨୦୨୪ ମସିହା ପରଠାରୁ ୩୫ ହଜାର ୭୪୧ ପରିବାରକୁ ଦିଆଯାଇଛି ବିଜୁଳି ସଂଯୋଗ । ବିଧାନସଭାରେ ବଡ଼ ତଥ୍ୟ ଦେଇଛନ୍ତି ରାଜ୍ୟ ସରକାର । ମୟୁରଭଞ୍ଜରେ ସର୍ବାଧିକ ୩୬୩୬ ପରିବାରକୁ ହୋଇଛି ବିଜୁଳି ସଂଯୋଗ । ବିଧାନସଭାରେ ବିଜେପି ବିଧାୟକ ଟଙ୍କଧରତ୍ରିପାଠୀଙ୍କ ପ୍ରଶ୍ନରେ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କେ.ଭି ସିଂ ଦେଓ ଲିଖିତ ଉତ୍ତର ରଖିଛନ୍ତି ।

### ବଜାରରେ ବିକ୍ରି ହେଉଛି ଭେଜାଲ କ୍ଷୀର

ଭୁବନେଶ୍ୱର: ବଜାରରେବିକ୍ରି ହେଉଛି ଭେଜାଲ କ୍ଷୀର । ଗୃହରେ ଉତ୍ତର ରଖିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀଗୋକୁଳାନନ୍ଦ ମଲ୍ଲିକ । ୨୦୨୫ ରେ ୮୮ ଘରୋଇ କମ୍ପାନୀର କ୍ଷୀରକୁ ଯାଞ୍ଚ କରାଯାଇଥିଲା । ସେଥିରୁ ୮ଟି ନମୁନା ନିମ୍ନମାନର ବାହାରିଥିଲା । ବର୍ତ୍ତମାନ ଓଡ଼ିଶାରେ ଓମ୍ଫେଡ ବ୍ୟତୀତ ୨୨ ଟି କମ୍ପାନୀ ଦୁଗ୍ଧଜାତୀୟ ଦ୍ରବ୍ୟର ବ୍ୟବସାୟ କରୁଛନ୍ତି । ସେଥିରୁ ୧୦ ଟି ଓଡ଼ିଶାର କମ୍ପାନୀ ହୋଇଥିବାବେଳେ ୧୨ ଟି ରାଜ୍ୟ ବାହାରକମ୍ପାନୀ ଅଛନ୍ତି ।

# ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ୩୯୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ନିୟୋଜିତ

ଭୁବନେଶ୍ୱର,୧୮ /୨(ନିପ୍ର): ଚଳିତ ବର୍ଷ ଧାନ ସଂଗ୍ରହ ପାଇଁ ରାଜ୍ୟରେ ମୋଟ ୩୯୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ଦାୟିତ୍ୱ ଦିଆଯାଇଛି । ଏମାନଙ୍କ ମଧ୍ୟରୁ ସର୍ବାଧିକ ୧୩୩ ଟି ଗଞ୍ଜାମ ଜିଲ୍ଲାରେ ରହିଥିବା ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୫-୨୬ ବର୍ଷରେ ଧାନ ସଂଗ୍ରହ ପାଇଁ ୨୭୭୭ ପାକସ/ଲାମ୍ପସ, ୩୯୪ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଓ ୭ଟି ପାଣି ପଞ୍ଚାୟତକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ପାକସ୍ ଓ ଲାମ୍ପସ ମଧ୍ୟରୁ ସର୍ବାଧିକ ୩୭୧ଟି ଗଞ୍ଜାମ ଜିଲ୍ଲାରେ ଥିବାବେଳେ କଟକ ଜିଲ୍ଲାରେ ୨୨୩ଟି ରହିଛି । ପୁରୀରେ ଏହି ସଂଖ୍ୟା ୧୯୩ ଅଛି । ସବୁଠାରୁ କମ ମାତ୍ର ୮ଟି ମାଲକାନଗିରି ଜିଲ୍ଲାରେ ଥିବାବେଳେ ନବରଙ୍ଗପୁରରେ ୧୩ଟି ପାକସ ରହିଛି । ଧାନ ସଂଗ୍ରହ ପାଇଁ ଦାୟିତ୍ୱ ନେଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ମଧ୍ୟରୁ ସର୍ବାଧିକ ୧୩୩ଟି ଗଞ୍ଜାମ ଜିଲ୍ଲାରେ ଥିବାବେଳେ ଭଦ୍ରକରେ ୪୬, ଯାଜପୁରରେ ୪୨, ନବରଙ୍ଗପୁରରେ ୩୭ଟି ଗୋଷ୍ଠି ରହିଛନ୍ତି । ୧୨ ଟି ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠି ଧାନକିଣା ଦାୟିତ୍ୱରେ ନଥିବାବେଳେ ବୌଦ, କନ୍ଧମାଳ ଜିଲ୍ଲାରେ ଗୋଟିଏ କରି ରହିଚନ୍ତି । ସେହିଭଳି ଧାନ କିଣା ଦାୟିତ୍ୱରେ ଥିବା ୭ଟି ପାଣି ପଞ୍ଚାୟତ ମଧ୍ୟରୁ କୋରାପୁଟରେ ୩ଟି ଥିବାବେଳେ ନବରଙ୍ଗପୁରରେ ୨ଟି ଏବଂ ସୁନ୍ଦରଗଡ ଓ ଗଞ୍ଜାମରେ ଗୋଟିଏ କରି ରହିଥିବା ମନ୍ତ୍ରୀ ତାଙ୍କ ସ୍ତରରେ ଉଲ୍ଲେଖ କରିଛନ୍ତି ।

## ପୋଲିସ, ଅବକାରୀ ଏବଂ ବନ ବିଭାଗର ମିଳିତ ଚଢାଉ

# ୩ ଏକର ଜମିରେ ୪୨ ଲକ୍ଷ ଟଙ୍କା ଅଫିମ ଚାଷ ନଷ୍ଟ

ରାଉରକେଲା, ୧୮/୨(ନିପ୍ର): ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ପୋଲିସ ଦ୍ୱାରା ବୁଧବାର ଏକ ବଡ଼ ଧରଣର ନିଶା ନିବାରଣ ଅଭିଯାନ ଆରମ୍ଭ କରାଯାଇଥିଲା। ଫଳରେ ପଙ୍କଡିହି ପଞ୍ଚାୟତ ଅନ୍ତର୍ଗତଃ ଜଡା ଗ୍ରାମରେ ପ୍ରାୟ ତିନି ଏକର ଜମିରେ ବ୍ୟାପିଥିବା ବେଆଇନ ଅଫିମ ଚାଷୀମାନଙ୍କୁ ନଷ୍ଟ କରାଯାଇଥିଲା। ସୂଚନା ଅନୁସାରେ, ପୋଲିସ, ଅବକାରୀ ବିଭାଗ ଓ ବନ ବିଭାଗର ଏକ ମିଳିତ କାର୍ଯ୍ୟାନୁଷ୍ଠାନରେ ବେଆଇନ ଭାବେ ଚାଷ କରିଯାଉଥିବା ଅଫିମ ଚାଷକୁ ନଷ୍ଟ କରାଯାଇଥିଲା। ଅବକାରୀ ବଜାରରେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୨ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। । ପୋଲିସ୍ ପକ୍ଷରୁ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ, ଅଫିମର ପରବର୍ତ୍ତୀ ପ୍ରକ୍ରିୟାକରଣ ଏବଂ ବଣ୍ଟନକୁ ରୋକିବା ପାଇଁ ଘଟଣାସ୍ଥଳରେ ଠିଆ ହୋଇଥିବା ଅଫିମ ଗଛଗୁଡ଼ିକୁ ଉପାଡ଼ି ନଷ୍ଟ କରିଦିଆଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ



ରାଉରକେଲା ପୋଲିସ ସହିତ ଅବକାରୀ ବିଭାଗ ଏବଂ ବନ ବିଭାଗର ଅଧିକାରୀମାନେ ମିଳିତ ଚଢାଉ କରିଥିଲେ। ଏହି ଅଭିଯାନ ଅଞ୍ଚଳରେ ବେଆଇନ ନିଶା ଚାଷ ଏବଂ ଚାଲାଣ ଉପରେ ଏକ କାର୍ଯ୍ୟାନୁଷ୍ଠାନର ଅଂଶ ଥିଲା। ପ୍ରାଥମିକ ତଦନ୍ତରୁ ଚାଷ ପଛରେ ସଂଗଠିତ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସୂଚିତ ହେଉଛି। ଯଦିଓ ଏହି ଖବର ଲେଖାଯିବା ସମୟରେ କୌଣସି ବ୍ୟକ୍ତି ଗିରଫ ହୋଇନଥିବା ସ୍ପଷ୍ଟ ସୂଚନା ମିଳି ନାହିଁ। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ଏବଂ ଉତ୍ପାଦିତ ଦ୍ରବ୍ୟ କୌଣସି ଆନ୍ତଃ-ଜିଲ୍ଲା କିମ୍ବା ଆନ୍ତଃରାଜ୍ୟ ନେଟୱାର୍କ ସହିତ ଜଡିତ ଥିଲା କି ନାହିଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ତଦନ୍ତ ଚାଲିଛି। ବରିଷ୍ଠ ଅଧିକାରୀମାନେ ସୂଚିତ କରିଛନ୍ତି ଯେ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବଷ୍ଟାନ୍ସ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ। ଏହିପରି ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ଦୁର୍ବଳ ଏବଂ ଜଙ୍ଗଲ କୂଳ ଅଞ୍ଚଳରେ ନଜର ମଧ୍ୟ ବୃଦ୍ଧି କରାଯାଇଛି। ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମହମ୍ମଦ ଶାମିଙ୍କୁ ସୁପ୍ରିମକୋର୍ଟ ନୋଟିସ୍

ନୂଆଦିଲ୍ଲୀ,୧୮।୨:ସୁପ୍ରିମ କୋର୍ଟ ଶୁକ୍ରବାର ଭାରତୀୟ କ୍ରିକେଟର ମହମ୍ମଦ ଶାମିଙ୍କୁ ତାଙ୍କ ପତ୍ନୀଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ନୋଟିସ ଜାରି କରିଛନ୍ତି। ଯେଉଁଥିରେ ତାଙ୍କ ଭରଣପୋଷଣ ଆବେଦନ ଏବଂ ଘରୋଇ ହିଂସା ଅଭିଯୋଗ ସମେତ ବିଭିନ୍ନ ବୈବାହିକ



କାର୍ଯ୍ୟକୁ ପଶ୍ଚିମବଙ୍ଗରୁ ଦିଲ୍ଲୀକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଶାମୀଙ୍କ ପତ୍ନୀ ହାସିନ ଜାହାନଙ୍କ ଦ୍ୱାରା ଦାୟର ଆବେଦନଗୁଡ଼ିକୁ ବିଚାରପତି ମନୋଜ ମିଶ୍ର ଏବଂ ମନମୋହନଙ୍କ ଖଣ୍ଡପୀଠରେ ତାଲିକାଭୁକ୍ତ କରାଯାଇଥିଲା। ଜାହାନ କହିଛନ୍ତି ଯେ ତାଙ୍କ ଝିଅର ବିକାଶ ଏବଂ ପାଠପଢ଼ା ପାଇଁ ସେ ଦିଲ୍ଲୀକୁ ସ୍ଥାନାନ୍ତରିତ ହୋଇଥିଲେ। ତେଣୁ, ପଶ୍ଚିମବଙ୍ଗରେ ଶୁଣାଣିରେ ଯୋଗ ଦେଇପାରିବେ ନାହିଁ। ଦିଲ୍ଲୀରୁ ୧୫୦୦କିମି ଦୂରରେ ତାଙ୍କୁ ମାମଲା ଲଢ଼ିବାକୁ ଏବଂ ନାବାଳିକା ଝିଅ ପାଇଁ ଗୁରୁତର ପକ୍ଷପାତ ଓ ଅସୁବିଧା ସୃଷ୍ଟି କରିବବୋଲି ଉଲ୍ଲେଖ କରାଯାଇଛି। ସେ ଆହୁରି ଯୁକ୍ତି ଦେଇଥିଲେ ଯେ, ଶାମି ବିଭିନ୍ନ ଦେଶ ଭ୍ରମଣ କରନ୍ତି ତେଣୁ ଦିଲ୍ଲୀରେ ମାମଲା ଲଢ଼ିବା ପାଇଁ ତାଙ୍କ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଏବଂ ପଦକ୍ଷେପ ଅଛି। ତାଙ୍କ ପରିବାର ଉତ୍ତର ପ୍ରଦେଶରେ ରୁହନ୍ତି, ଯାହା କୋଲକାତା ତୁଳନାରେ ଦିଲ୍ଲୀର ନିକଟତର। ଜାହାନଙ୍କ ପାଇଁ ଓକିଲ ଦୀପକ ପ୍ରକାଶ, ଶ୍ରୀରାମ ପରକ୍କଟ ଏବଂ ଦିବ୍ୟାଙ୍ଗନା ମଲ୍ଲିକ ହାସିନ ଜାହାନଙ୍କ ପକ୍ଷରେ ହାଜିର ହୋଇଥିଲେ।

# ସୁରୁଖୁରୁରେ ଚାଲିଛି ଯୁକ୍ତ ଦୁଇ ପରୀକ୍ଷା



ଭୁବନେଶ୍ୱର, ୧୮/୨(ନିପ୍ର): ୨୪ ଘଣ୍ଟାଖୋଲା ଅଛି କଣ୍ଟ୍ରୋଲ ରୁମ୍। ସୁରୁଖୁରରେ ଚାଲିଛି ଯୁକ୍ତ ୨ ପରୀକ୍ଷା। ବର୍ତ୍ତମାନ୍ ସୁଦ୍ଧାକିଛି ସେମିତି ଘଟଣା ଆମ ନଜରକୁ ଆସି ନାହିଁ ବୋଲି କହିଛନ୍ତି ସିଏଚଏସଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ। ସେ କହିଛନ୍ତି ଯେ, ଯେଉଁଠି କିଛି ଅସୁବିଧା ହେଉଛି ସେଠି ଆମର ଅଧିକାରୀ ଓ ନୋଡାଲ ଅଫିସର କଣ୍ଟ୍ରୋଲର, ମୁଁ ନିଜେ ମଧ୍ୟ କଥା ହେଉଛି। ବର୍ତ୍ତମାନ୍ ସୁଦ୍ଧା କିଛି ଅସୁବିଧା ନାହିଁ। ପରୀକ୍ଷାଠିକ ଠାକ୍ ଚାଲିଛି। ପରୀକ୍ଷା ଠିକ୍ ସମୟରେ ଆରମ୍ଭ କରିବା ଆମ ପାଇଁ ଚାଲେଞ୍ଜ ଥିଲା। ସବୁ ଜାଗାରେ ଜୋନାଲ ଓ ସେଣ୍ଟ୍ରାଲ ସ୍କ୍ୱାର୍ଡ ଅଛନ୍ତି। ବିଶେଷ କିଛି ଅସୁବିଧା ଜନକ ଘଟଣା ଆସିନାହି। ପରୀକ୍ଷା କେନ୍ଦ୍ରରୁ ଏବେ ସୁଧା କିଛି ଅଭିଯୋଗ ଆସିନି ବୋଲି ସେ କହିଛନ୍ତି। ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ରମାଦେବୀ ଜୁନିଅର କଲେଜ ପରୀକ୍ଷା କେନ୍ଦ୍ରର ସ୍ଥିତି ପରଖିଲେ ମନ୍ତ୍ରୀ।

# ଫୋନରେ କଥା ହୋଇ ନଦୀକୁ ଡେଇଁଲେ ମହିଳା

ସମ୍ବଲପୁର,୧୮।୨ : ସମ୍ବଲପୁର ବୁର୍ଲା ଥାନା ଅନ୍ତର୍ଗତ ମହାନଦୀ ପୋଲ ଉପରୁ ଡେଇଁ ଜୀବନ ହାରିଲେ ମହିଳା । ମୃତ ମହିଳା ବୁର୍ଲା ଅଞ୍ଚଳର ଅଞ୍ଜୁ କୁମ୍ଭାର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ହଠାତ ଅଞ୍ଜୁ ମହାନଦୀ ସେତୁ ଉପରକୁ ଚଢିଥିଲେ। ଏହାକୁ ଦେଖି ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେ କାହା କଥା ଶୁଣି ନଥିଲେ । ଫୋନରେ କାହା ସହ କଥା ହୋଇ ସେ ପୋଲ ତଳକୁ ଡେଇଁ ପଡ଼ିଥିଲେ । ପରେ ସ୍ଥାନୀୟ ଲୋକେ ଏ ନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରୁ ଅଞ୍ଜୁଙ୍କୁ ଗୁରୁତର ଭାବେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ● ଜିଲ୍ଲାସ୍ତରୀୟ ଉନ୍ନୟନମୂଳକ ଯୋଜନାର ସମୀକ୍ଷା

# ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୨(ନିପ୍ର) : ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡ଼ିକୁ ସମୟ ସୀମା ମଧ୍ୟରେ ଶେଷ କର। କାମ ଆରମ୍ଭ ହୋଇନଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଆରମ୍ଭ କରାଯାଉ। ଜିଲ୍ଲାସ୍ତରରେ ଖଣିଜ ସଂପଦର ଚିହ୍ନଟ ଓ ପରିଚାଳନା ପାଇଁ ଜିଲ୍ଲା ସର୍ବେକ୍ଷଣ ବିବରଣୀ (ଡିଏସଆର) ଶୀଘ୍ର ପଠାଇବାକୁ । ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ମଙ୍ଗଳବାର ସମୀକ୍ଷା କରିବା ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ଉପସ୍ଥିତ ଥିଲେ । ସମସ୍ତ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ । ବିଭିନ୍ନ ବର୍ଷରେ ମଞ୍ଜୁର କରାଯାଇଥିବା ବିଧାୟକ ସ୍ଥାନୀୟ ଆଂଚଳିକ ବିକାଶ ପାଣ୍ଠି



(ଏମ୍ଏଲଏଲାଡ୍), ସାଂସଦ ଆଂଚଳିକ ବିକାଶ ପାଣ୍ଠି (ଏମ୍ପିଲାଡ୍ସ), “ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା” ଆଦି ଯୋଜନାରେ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ପାଇଁ ହୋଇଥିବା ଅର୍ଥ ମଂଜୁର ଏବଂ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । କାମ ଆରମ୍ଭ ହୋଇନଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଆରମ୍ଭ କରିବା ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଲଘୁ ଖଣିଜ ପଦାର୍ଥର ପରିଚାଳନାରେ ରହୁଥିବା ସମସ୍ୟା ଓ ସମାଧାନ ସଂପର୍କରେ ଉନ୍ନୟନ କମିଶନର ତଥା ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସିଂ ଆଲୋଚନା କରିଥିଲେ । ଜିଲ୍ଲାସ୍ତରରେ ଖଣିଜ ସଂପଦର ଚିହ୍ନଟ ଓ ପରିଚାଳନା ପାଇଁ ଜିଲ୍ଲା ସର୍ବେକ୍ଷଣ ବିବରଣୀ(ଡିଏସଆର) ଯେଉଁ ଜିଲ୍ଲାଗୁଡ଼ିକ ପ୍ରଦାନ କରି ନାହାନ୍ତି, ଶୀଘ୍ର ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ଜିଲ୍ଲାରେ ବିମାନବନ୍ଦର, ହେଲିପୋର୍ଟ ପାଇଁ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ଓ ପ୍ରତିପୂରକ ବନୀକରଣ ବ୍ୟବସ୍ଥା ସଂପର୍କରେ କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା କରାଯାଇଥିଲା । ଏ ସଂପର୍କରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ ଯୋଗଦେଇ ଆଲୋଚନା କରିଥିଲେ । ରାଜ୍ୟରେ ଯେଉଁ ଜିଲ୍ଲାର ଅବକାରୀ ବିଭାଗର ଜିଲ୍ଲା କାର୍ଯ୍ୟାଳୟ, ଅବକାରୀ ଷ୍ଟେସନ, ଜିଲ୍ଲା ମୋବାଇଲ ୟୁନିଟ ଓ ରେଞ୍ଜ କାର୍ଯ୍ୟାଳୟ ଆଦି ପାଇଁ ସୁବିଧା ନାହିଁ, ସେଥିପାଇଁ ଅବକାରୀ ବିଭାଗକୁ ଉପଯୁକ୍ତ ସ୍ଥାନ ଚିହ୍ନଟ ସଂପର୍କରେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏ ସଂପର୍କରେ ତଥ୍ୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍ ଏନ୍ ଏବଂ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କ ଉପସ୍ଥିତିରେ ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ଅନୁଧ୍ୟାନ କରାଯାଇଥିଲା ।

# ୩ ଲକ୍ଷ ପରିବାରକୁ ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର, ୧୮/୨(ନିପ୍ର): ୨୦୨୭ ସୁଦ୍ଧା ରାଜ୍ୟର ୩ ଲକ୍ଷ ପରିବାରକୁ ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୩ ଲକ୍ଷ ପରିବାରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସାମିଲ କରାଯିବ। ଆଜି ଏନେଇ ଗୃହରେ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କେ.ଭି ସିଂହଦେଓ। ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି। ବିଧାନସଭାରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ଅଗ୍ରଗତି କେତେଦୂର ହେଲା ୨୦୨୪-୨୫, ୨୦୨୫-୨୬ରେ କେତେଜଣଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଆଗକୁ ଆଉ କେତେଜଣଙ୍କୁ ଏ ଯୋଜନାରେ ଅନ୍ତର୍ଭୁକ୍ତ



କରାଯିବ ଏନେଇ ବିଧାୟକ ଗଣେଶ୍ୱର ବେହେରା ପ୍ରଶ୍ନ କରିଥିଲେ। ଗଣେଶ୍ୱରଙ୍କ ପ୍ରଶ୍ନର ଲିଖିତ ଉତ୍ତର ରଖି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୭ ସୁଦ୍ଧା ୩ ଲକ୍ଷ ପରିବାରକୁ ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ସ୍ୱଚ୍ଛ ଶକ୍ତିର ପ୍ରସାର ପାଇଁ ସରକାର ’ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା’କୁ ଜୋରଦାର କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ସୂଚନା ଅନୁଯାୟୀ, ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ୩ ଲକ୍ଷ ପରିବାରକୁ ସୌର ଶକ୍ତି ମାଧ୍ୟମରେ ମାଗଣା ବା କମ୍ ମୂଲ୍ୟରେ ବିଦ୍ୟୁତ୍ ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୫୦ହଜାର ପରିବାର, ୨୦୨୫-୨୬ ଆର୍ଥିକ ବର୍ଷରେ ୨ ଲକ୍ଷ ୫୦ ହଜାର ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୧୦ ଫେବୃଆରୀ ୨୦୨୬ ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ୩୬,୫୩୭ଟି ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି, ଯାହା ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୨୨.୧୪% ଅଟେ। ବର୍ତ୍ତମାନ ସୁଦ୍ଧା ସମୁଦାୟ ୧,୭୯,୮୧୫ ଜଣ ହିତାଧିକାରୀ ଏହି ଯୋଜନା ପାଇଁ ଆବେଦନ କରିସାରିଛନ୍ତି।

## ■ ବୃଦ୍ଧି ପାଉଛି ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ

# ୨ ମୋରମ ବୋଝେଇ ହାଇୱା ଜବତ

ହିଞ୍ଜିଳିକାଟୁ, ୧୮।୨ (ନିପ୍ର): ହିଞ୍ଜିଳିକାଟୁ ତହସିଲ ଇଲାକାରେ ଦିନକୁ ଦିନ ଲଘୁ ଖଣିଜ ସମ୍ପଦର ଚୋରା କାରବାର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ମନୋଭାବ ଯୋଗୁଁ ମାଫିଆ ଗୋଷ୍ଠୀ ସକ୍ରିୟ ହୋଇ ଉଠୁଛନ୍ତି। ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ହିଞ୍ଜିଳିକାଟୁ ତହସିଲ ଅଞ୍ଚଳର ବିଭିନ୍ନ ପାହାଡରୁ ମୋରମ ଚୋରା ଚାଲାଣ ନିତିଦିନିଆ ଘଟଣା ପାଲଟିଛି। ପ୍ରଶାସନ ଆଖିରେ ଧୂଳିଛାଟି ମାଫିଆମାନେ ସକ୍ରିୟ ହେବା ସହ ରାତି ଅଧରେ ନିର୍ବିଘ୍ନରେ ବାଲି, ପଥର, ମୋରମ ଚୋରା ଚାଲାଣ କରୁଛନ୍ତି। ଦୀର୍ଘ ମାସର ବ୍ୟବଧାନ ପରେ



ରାଜସ୍ୱ ବିଭାଗ ତତ୍ପରତା ଦେଖାଇଛି। ବୁଧବାର ଅପରାହ୍ନରେ ହିଞ୍ଜିଳିକାଟୁ ତହସିଲଦାର ପାଟ୍ରୋଲିଙ୍ଗ କରୁଥିବା ବେଳେ ବେଲଗାଁ ଥାନା ପାଗଳବାବା ଆଶ୍ରମ ଛକ ରାସ୍ତାରେ ୨ଟି ମୋରମ ବୋଝେଇ ହାଇୱାକୁ ସନ୍ଦେହ କରି ଅଟକାଇଥିଲେ। ବିନା ଟ୍ରାଞ୍ଜିଟ୍ ପାସ୍ ଯୋଗେ ମୋରମ ଚାଲାଣ ହେଉଥିବାରୁ ତହସିଲଦାର ସଂପୃକ୍ତ ୨ ହାଇୱାକୁ ଜବତ କରିବା ସହ ବେଲଗାଁ ଥାନାରେ ଜିମା ଦେଇଥିଲେ। ଚଢ଼ାଉରେ ତହସିଲଦାରଙ୍କ ସମେତ ଭାବନ୍ଧ ରାଜସ୍ୱ ନିରୀକ୍ଷକ, ବେଲଗାଁ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବେଆଇନ ଭାବେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ହେଉଥିବା ଗାଡି ଉପରେ ଚଢ଼ାଉ ଜାରି ରହିବ ବୋଲି ତହସିଲଦାର କହିଛନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ